ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 06 ♦ ISSUE- 48 ♦ CUTTACK ♦ WEEKLY ♦ 01 TO 07 DECEMBER 2025 ♦ 8 PAGE ♦ RATE- 5/- ■ ବର୍ଷ - ୦୬ ♦ ସଂଖ୍ୟା -୪୮ ♦ କଟକ ♦ ସାପ୍ତାହିକ ♦ ୦୧ ରୁ ୦୭ ଡିସେମ୍ବର ୨୦୨୫ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ପାରାଦୀପ ବନ୍ଦର ବର୍ଥରେ
### କୋଇଲା ବୋଝେଇ ଜାହାଜରେ ନିଆଁ

**ପାରାଦୀପ(ଏନ୍.ଏମ୍.):** କୋଇଲା ବୋଝେଇ ଜାହାଜରେ ନିଆଁ । ପାରାଦୀପ ବନ୍ଦର ବର୍ଥରେ ଘଟିଛି ଏଭଳି ଅଘଟଣ । ଇକୋ କୋଲୋନେଲ ମନୋରଭିଆ ଜାହାଜରେ ଲୋଡିଂ କୋଇଲାରେ ନିଆଁ। ଚେନ୍ନାଇରାଧା ବର୍ଥରେ ଲୋଡିଂ ହେଉଥିଲା ଥର୍ମାଲ କୋଇଲା। କନଭର ବେଲ୍ଟ ରେ ଲୋଡିଂ ହେଉଥିଲା କୋଇଲା। ନିଆଁ ଲାଗିବାରୁ ଜାହାଜକୁ ଉଛ-୨ ବର୍ଥକୁ ଅଣାଯାଇଛି। ସେଠାରେ ଜାହାଜରୁ କଢା ହେଉଛି କୋଇଲା। ପାଣି ମାରି କୋଇଲା ଲୋଡିଂ ନ କରିବାରୁ ନିଆଁ ଲାଗିଥିବା ଅନୁମାନ। ତେବେ ନିଆଁକୁ ସଂପୂର୍ଣ୍ଣ ରୂପେ ଆୟତ୍ତକୁ ଅଣାଯାଇଛି।

## ଉପକୂଳରେ ଶୀତରୁ ଆଶ୍ୱସ୍ତି: ପଶ୍ଚିମରେ ଶୀତ ପ୍ରକୋପ

**ଭୁବନେଶ୍ୱର(ଏନ୍.ଏମ୍.):** ଏବେ ରାଜ୍ୟରେ ଥଣ୍ଡା ଜାରି ରହିଥିବା ବେଳେ ମଙ୍ଗଳ ଓ ବୁଧବାର ରାତି ଅପେକ୍ଷା ସାମାନ୍ୟ ଆଶ୍ୱସ୍ତି ମିଳିଛି। ତଥାପି ଦାରିଙ୍ଗବାଡ଼ି ଓ ଫୁଲବାଣୀର ରାତି ତାପମାତ୍ରା ୧୦ ଡିଗ୍ରିରେ ରହିଥିବା ବେଳେ କୋରାପୁଟରେ ୧୦.୨ ଡିଗ୍ରି, ଝାରସୁଗୁଡ଼ାରେ ୧୦.୪ ଡିଗ୍ରି, ନବରଙ୍ଗପୁରରେ ୧୦.୮ ଡିଗ୍ରି ଓ ରାଉରକେଲାରେ ୧୧ ଡିଗ୍ରି ଲେଖାଏଁ ରାତି ତାପମାତ୍ରା ରେକର୍ଡ ହୋଇଛି। କେନ୍ଦ୍ରୀୟ ଓ ପଶ୍ଚିମ ଓଡ଼ିଶାର ପାରଦ ନିମ୍ନଗାମୀ ରହିଥିବା ବେଳେ ଉପକୂଳ ଓଡ଼ିଶାର ପାରଦ ଉପରମୁହାଁ ହୋଇଛି। ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରର ରାତି ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିଛି। କଟକର ରାତି ତାପମାତ୍ରା ୧୪ ଡିଗ୍ରିରୁ ୧୬ ଡିଗ୍ରିକୁ ବୃଦ୍ଧି ପାଇଥିବା ବେଳେ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ପାଖାପାଖି ୩ ଡିଗ୍ରି ଯାଏଁ ବଢ଼ି ୧୭.୨ ଡିଗ୍ରିରେ ପହଞ୍ଚିଛି। ଆସନ୍ତା ୪ ଦିନ ରାଜ୍ୟରେ ଏହିଭଳି ତାପମାତ୍ରା ଜାରି ରହିବ।

## ଅତ୍ୟାଚାର ହେଲେ ଜିହାଦ ହେବ

**ନୂଆଦିଲ୍ଲୀ(ଏଜେନ୍ସି):** ଜମିଅତ୍ ଉଲେମା-ଏ-ହିନ୍ଦ୍‌ର ଜାତୀୟ ଅଧ୍ୟକ୍ଷ ମୌଲାନା ମହମୁଦ ମଦନୀ ଆଜି ରାଜଧାନୀରେ ଆୟୋଜିତ ଏକ ସମାବେଶରେ ଅତ୍ୟନ୍ତ ବିବାଦୀୟ ବୟାନ ଦେଇ ଦେଶରେ ରାଜନୈତିକ ଝଡ଼ ସୃଷ୍ଟି କରିଛନ୍ତି। ସେ କହିଛନ୍ତି, 'ଯଦି ଅତ୍ୟାଚାର ହେବ, ତେବେ ଜିହାଦ ହେବ। ଜିହାଦ ଥିଲା, ଆଜି ମଧ୍ୟ ଅଛି ଏବଂ କାଲି ବି ରହିବ। ଜିହାଦ ସର୍ବଦା ପବିତ୍ର ଏବଂ ମହାନ।' ମଦନୀ ସୁପ୍ରିମ୍‌କୋର୍ଟଙ୍କ ବାବ୍ରି ମସଜିଦ ରାୟ ଓ ତିନି ତଲାକ୍ ମାମଲାର ନିଷ୍ପତ୍ତିକୁ ସରକାରୀ ଚାପର ଫଳ ବୋଲି କହି ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, 'ସଂବିଧାନ ଯେତେବେଳେ ସୁରକ୍ଷିତ ରହୁଛି, ସେତେବେଳେ ହିଁ ସୁପ୍ରିମକୋର୍ଟ 'ସୁପ୍ରିମ୍' ନାମର ଅଧିକାରୀ। ଯଦି ସଂବିଧାନ ସୁରକ୍ଷିତ ନ ରହେ, ତେବେ ଏହା କେବଳ ଏକ ସାଧାରଣ କୋର୍ଟ ହୋଇଯିବ।' ଦେଶରେ ସାଂପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରିବା ଏବଂ ସର୍ବୋଚ୍ଚ ଅଦାଲତଙ୍କୁ ନେଇ ଏଭଳି ଧମକପୂର୍ଣ୍ଣ ବୟାନ ଦେବାକୁ ବିଭିନ୍ନ ମହଲ କଡ଼ା ନିନ୍ଦା କରିଛନ୍ତି। ମଦନୀ 'ଲଭ୍ ଜିହାଦ', 'ଜମି ଜିହାଦ' ଏବଂ 'ଜନସଂଖ୍ୟା ଜିହାଦ' ଆଦି ଶବ୍ଦଗୁଡ଼ିକୁ ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ଓ ଭ୍ରମାତ୍ମକ ବୋଲି ନିନ୍ଦା କରି କହିଛନ୍ତି ଯେ ଏହା ସରକାର ଓ କିଛି ଗଣମାଧ୍ୟମ ଦ୍ୱାରା ମୁସଲମାନଙ୍କୁ ବଦନାମ କରିବାର ଅସ୍ତ୍ର। ମୁସଲମାନମାନେ ସଂବିଧାନ ପ୍ରତି ସଂପୂର୍ଣ୍ଣ ବିଶ୍ୱସ୍ତ ବୋଲି ଦୃଢ଼ୋକ୍ତି ପ୍ରକାଶ କରି ସେ ଅଳ୍ପସଂଖ୍ୟକଙ୍କ ଅଧିକାର ସୁରକ୍ଷାର ଆହ୍ୱାନ ଦେଇଛନ୍ତି। ବିଜେପି ଏହି ବୟାନକୁ ଦେଶଦ୍ରୋହୀ ଓ ଉତ୍ତେଜକ ବୋଲି କହି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

# ବୈଠକ ପୂର୍ବରୁ ରୁଷ୍‌ର ବଡ଼ ପଦକ୍ଷେପ
## ଭାରତରେ ସୈନ୍ୟ ଓ ସାମରିକ ମୁତୟନ ଲାଗି ପଦକ୍ଷେପ ନେବ



**ନୂଆଦିଲ୍ଲୀ(ଏଜେନ୍ସି):** ଆସନ୍ତା ମାସ ପ୍ରାରମ୍ଭରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆତିଥ୍ୟ ପ୍ରଦାନ କରିବାକୁ ଯାଉଥିବାରୁ ରୁଷ୍ ଉଭୟ ଦେଶ ପାଇଁ ପରସ୍ପର ଅଞ୍ଚଳରେ ସାମରିକ କର୍ମଚାରୀ, ଯୁଦ୍ଧ ଜାହାଜ ଓ ଯୁଦ୍ଧ ବିମାନ ମୁତୟନ କରିବାକୁ ଭାରତ ସହ ମିଳିତ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେଇଛି। ଏହି ବ୍ୟବସ୍ଥା ଦ୍ୱାରା ମସ୍କୋ ଓ ନୂଆଦିଲ୍ଲୀ ଯଥାକ୍ରମେ ଭାରତ ଓ ରୁଷ୍‌କୁ ମିଳିତ ସାମରିକ ଅଭ୍ୟାସ, ତାଲିମ ଅଧିବେଶନ, ମାନବିକ ସହାୟତା, ବିପର୍ଯ୍ୟୟ ମୁକାବିଲା ଓ ଅନ୍ୟାନ୍ୟ କ୍ଷେତ୍ରରେ ମିଳିତ ପଦକ୍ଷେପ ନେବା ପାଇଁ ସୈନ୍ୟ, ଯୁଦ୍ଧ ବିମାନ ଓ ଯୁଦ୍ଧ ଜାହାଜ ପଠାଇବାକୁ ଅନୁମତି ଦେବ। ମୋଦୀ--ପୁଟିନ ନୂଆଦିଲ୍ଲୀରେ ୨୩ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀ କରିବେ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ତଥା ଆଣବିକ ଶକ୍ତି, ପ୍ରତିରକ୍ଷା ଓ ମହାକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ଉପାୟ ଉପରେ ଆଲୋଚନା କରିବେ। ପୁଟିନ୍ ଡିସେମ୍ବର ୪ରୁ ୫ ପର୍ଯ୍ୟନ୍ତ ନୂଆଦିଲ୍ଲୀ ଗସ୍ତରେ ଆସିବେ। ୟୁକ୍ରେନ୍ ଯୁଦ୍ଧର କିଛି ସପ୍ତାହ ପୂର୍ବରୁ ସେ ଶେଷ ଥର ପାଇଁ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଆଗାମୀ ଗସ୍ତରେ ସେ ମୋଦୀ ଓ ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁଙ୍କୁ ଭେଟିବେ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ୍‌ରୁ ତୈଳ ଆମଦାନି ହ୍ରାସ କରିବାକୁ ଭାରତକୁ ପ୍ରବର୍ତ୍ତାଇବାରେ ସଫଳ ହୋଇଛନ୍ତି ବୋଲି ଦାବି କରୁଥିବା ବେଳେ ମୋଦୀ ପୁଟିନଙ୍କୁ ଆତିଥ୍ୟ ଦେବାକୁ ଯାଉଛନ୍ତି। ପୁଟିନଙ୍କ ଗସ୍ତ ତାରିଖ ଶୁକ୍ରବାର ନୂଆଦିଲ୍ଲୀ ଓ ମସ୍କୋରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା।

## ଏ୩୨୦ ଜେଟ୍ ଫ୍ୟାମିଲି ବିମାନରେ ଯାନ୍ତ୍ରିକ ତ୍ରୁଟି
### ୨୦୦ରୁ ଅଧିକ ବିମାନସେବା ପ୍ରଭାବିତ




**ନୂଆଦିଲ୍ଲୀ(ଏଜେନ୍ସି):** ଏ୩୨୦ ଜେଟ୍ ଫ୍ୟାମିଲି ବିମାନରେ ସଫ୍ଟୱେରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଭାରତରେ ୨୦୦ ରୁ ଅଧିକ ବିମାନର ଚଳାଚଳ ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏନେଇ ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ପକ୍ଷରୁ ଚେତାବନୀ ଦିଆଯାଇଛି। ତୀବ୍ର ସୌର ବିକିରଣ ଏ୩୨୦-ପରିବାର ଜେଟ୍‌ରେ ଫ୍ଲାଇଟ୍-କଣ୍ଟ୍ରୋଲ୍ ସିଷ୍ଟମ୍ ଦ୍ୱାରା ବ୍ୟବହୃତ ତଥ୍ୟକୁ ନଷ୍ଟ କରିପାରେ ବୋଲି ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ କୁହାଯାଇଛି। ସୂତ୍ର ଅନୁଯାୟୀ, ଭାରତରେ ୨୦୦ ରୁ ୨୫୦ବିମାନ ପାଇଁ ତୁରନ୍ତ ସଫ୍ଟୱେର୍ ଅପଡେଟ୍ କିମ୍ବା ହାର୍ଡୱେର୍ ପୁନଃସଂରକ୍ଷଣ ଆବଶ୍ୟକ, ଯାହା ଫଳରେ ଇଞ୍ଜିନିୟରମାନେ ମରାମତି କରିବା ସମୟରେ ବିମାନଗୁଡ଼ିକୁ ଗ୍ରାଉଣ୍ଡ କରିବାକୁ ବାଧ କରୁଛନ୍ତି। ଏହି ଚେତାବନୀ ବିଦେଶରେ ଏକ ସମ୍ପ୍ରତି ଏ୩୨୦

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ପ୍ରସଙ୍ଗ

**ଭୁବନେଶ୍ୱର(ଏନ୍.ଏମ୍.):** ଉତ୍କଳ ବିଶ୍ୱବିଦ୍ୟାଳୟର ପରବର୍ତ୍ତୀ କୁଳପତି ଚୟନ ଆଜି ସଂକ୍ଷିପ୍ତ ତାଲିକାରେ ଥିବା ପ୍ରଫେସରମାନଙ୍କ ସାକ୍ଷାତ୍‌କାର ଶେଷ ହୋଇଛି। ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିର ୧୬ଜଣ ଆଶାୟୀ ପ୍ରଫେସରଙ୍କୁ ଡକାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪ଜଣ ସାମିଲ ହୋଇଥିଲେ। ବାକି ରହିଥିବା ୯ଜଣ ପ୍ରଫେସରଙ୍କୁ ଆଜି ପୂର୍ବାହ୍ନରେ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ଜଣ ସାକ୍ଷାତ୍‌କାର ପରୀକ୍ଷା ଦେବାକୁ ଆସିଥିଲେ। ଜଣେ ପ୍ରଫେସର ଅନୁପସ୍ଥିତ ରହିଥିଲେ। ଅର୍ଥାତ୍ ଦୁଇଦିନରେ

- ଦୌଡ଼ରେ ୪ ମହିଳା ପ୍ରଫେସର
- ରାଜ୍ୟ ବାହାରୁ ଅଧିକ ପ୍ରଫେସର ସାମିଲ

ଦୁଇ ସଦସ୍ୟ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ଆଲୋକ କୁମାର ଚକ୍ରୱାଳ, କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦର ପୂର୍ବତନ କୁଳପତି ପ୍ରଫେସର କଟିମଣି ସଂକ୍ଷିପ୍ତ ତାଲିକାରେ ଥିବା ପ୍ରଫେସରଙ୍କ ସାକ୍ଷାତ୍‌କାର ନେଇଛନ୍ତି। ଚୟନ କମିଟିର ବିଶ୍ୱବିଦ୍ୟାଳୟ କୁଳପତି ହେବାକୁ ଆଶା ବାନ୍ଧିଥିବା ୨୨ଜଣ ପ୍ରଫେସରଙ୍କ ସାକ୍ଷାତ୍‌କାର ନିଆଯାଇଛି। ଦୁଇଦିନ ଧରି ରାଜ୍ୟ ଅତିଥି ଭବନରେ ଚାଲିଥିବା ସାକ୍ଷାତ୍‌କାରରେ ଆଶାୟୀ ପ୍ରଫେସରମାନେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନେଇ ସେମାନଙ୍କ ସ୍ୱପ୍ନ, ଯୋଜନା ବିଷୟରେ ଚୟନ କମିଟି ଆଗରେ ମତ ରଖିଥିଲେ।




ସଦସ୍ୟମାନେ ଆଜି ଅପରାହ୍ଣ ସୁଦ୍ଧା ତିନିଜଣ ଆଶାୟୀଙ୍କ ନାଁ ଚୂଡ଼ାନ୍ତ କରିବା ସହ ଜଉମୁଦ ଲଫାପାରେ ତାହାକୁ ସିଲ୍ କରି ଉଚ୍ଚଶିକ୍ଷା ବିଭାଗକୁ ହସ୍ତାନ୍ତର କରିଛନ୍ତି। ଆସନ୍ତାକାଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତାହାକୁ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ପଠାଯିବ। ଏହାପରେ କୁଳାଧିପତି ତଥା ରାଜ୍ୟପାଳ ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ତିନି ଆଶାୟୀଙ୍କୁ ସାକ୍ଷାତ୍‌କାର ପାଇଁ ରାଜଭବନକୁ ଡାକିବେ ବୋଲି ସୂଚନା ମିଳିଛି। ପ୍ରଥମ ଦିନରେ ମୋଟ ୨୨ଜଣ ପ୍ରଫେସରଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୪ ଜଣ କୁଳପତି ଦୌଡ଼ରେ ସାମିଲ ହୋଇ ସାକ୍ଷାତ୍‌କାର ଦେଇଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଭିଏସ୍‌ଏସ୍‌ୟୁଟିରୁ ଜଣେ ଲେଖାଏ ପ୍ରଫେସର ରହିଛନ୍ତି। ୨୨ ଜଣଙ୍କ ମଧ୍ୟରେ ୪ ଜଣ ମହିଳା ପ୍ରଫେସର ମଧ୍ୟ ଅଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଦୁଇ ଜଣ ପ୍ରଫେସର, ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଜଣେ, ଆହ୍ଲାବାଦ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଭଦ୍ରକ ବିଜେଡିରେ କମ୍ପନ
## ଥରକେ ଛାଡ଼ିଲେ ୩ ବ୍ଲକ୍ ଅଧ୍ୟକ୍ଷ, ଆଗକୁ ଆହୁରି ବଢ଼ିପାରେ


ଉର୍ମିଳା ନାୟକ


ମନୋରଞ୍ଜନ ଘଡ଼େଇ


ସୁମତୀ ସେଠୀ

**ଆଗରପଡ଼ା(ଏନ୍.ଏମ୍.):** ଭଦ୍ରକ ବିଜେଡିରେ କମ୍ପନ ସୃଷ୍ଟି ହୋଇଛି। ଗୋଟିଏ ଦିନରେ ବିଜେଡି ସମର୍ଥିତ ୩ ଜଣ ବ୍ଲକ୍ ଅଧ୍ୟକ୍ଷ ଦଳରୁ ଇସ୍ତଫା ଦେଇଛନ୍ତି। ପ୍ରଥମେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଇସ୍ତଫା ଦେଇଥିଲେ। ବିଜେଡି ମଧ୍ୟ ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା। ଇସ୍ତଫା ନା ନିଲମ୍ବନ-କିଏ ଆଗ ତାହାକୁ ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଭଣ୍ଡାରିପୋଖରୀ ଓ ଭଦ୍ରକ ବ୍ଲକ୍‌ର ଅଧ୍ୟକ୍ଷା ବିଜେଡି ଛାଡ଼ିଲେ। ଏହି ସଂଖ୍ୟା ଆଗାମୀ ଦିନରେ ବଢ଼ିବ ବୋଲି ଅନୁମାନ କରାଯାଉଛି। ଫଳରେ ବିଜେଡି ପାଇଁ ଏହା ଏକ ଶକ୍ତ ଝଟକା ହେ

ାଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ରାଜନୈତିକ ପତିଆରା ଏବେ କାଠଗଡ଼ାକୁ ଠେଲି ହୋଇଯାଇଛି। ସୂଚନା ମୁତାବକ, ଦଳ ବିରୋଧୀ କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କୁ ଆଜି ନିଲମ୍ବିତ କରିଛି ବିଜେଡି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଦଳର ରାଜ୍ୟ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। କିଛିଦିନ ହେଲା ବିଜେଡି ଛାଡି ବିଜେପିରେ ମିଶିବା ନେଇ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ସମେତ ଭଣ୍ଡାରିପୋଖରୀ, ବାସୁଦେବପୁର, ଭଦ୍ରକ ବ୍ଲକ ଅଧ୍ୟକ୍ଷଙ୍କୁ ନେଇ ଚର୍ଚ୍ଚା ହୋଇଆସୁଥିଲା। ସେମାନେ ବିଜେପିରେ ମିଶିବା ପାଇଁ ସମସ୍ତ ପ୍ରକାର ଯୋଜନା ପ୍ରସ୍ତୁତ ହୋଇସାରିଥିବା କୁହାଯାଉଛି। ସମ୍ଭବତଃ ଆସନ୍ତା ଡିସେମ୍ବର ୭ ତାରିଖରେ ଏହି ମିଶ୍ରଣ ପର୍ବ ଆୟୋଜନ ହେବ। ତେଣୁ ତାଙ୍କ ବିରୋଧରେ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ଦୁର୍ନୀତି ଅଭିଯୋଗ ଆଣିଥିବା ରାଜନୀତି ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ନିଜଆଡୁବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ସୂଚନା ଦେଇଛନ୍ତି। ନିଜର ଇସ୍ତଫାପତ୍ର ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ ନିକଟକୁ ପଠାଇ ଏହାକୁ ଗ୍ରହଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଲିଙ୍ଗରାଜଙ୍କ ନୀତି ବିଭ୍ରାଟ ପ୍ରସଙ୍ଗ : ପଦକ୍ଷେପ ନେଉଛନ୍ତି ସରକାର

**ଭୁବନେଶ୍ୱର(ଏନ୍.ଏମ୍.):** ଭୁବନେଶ୍ୱରର ଏକାମ୍ର କ୍ଷେତ୍ରର ଆରାଧ୍ୟ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ ନେଇ ବିଧାୟକ ପ୍ରଶାନ୍ତ ବେହେରା ଆଜି ବିଧାନସଭାରେ ଲିଖିତ ପ୍ରଶ୍ନ କରିଥିଲେ। ଉତ୍ତରରେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଦର୍ଶାଇଛନ୍ତି ଯେ ୨୦୨୪ ଓ ୨୦୨୫ରେ ବିଭିନ୍ନ ସମୟରେ ନୀତିକାନ୍ତିରେ ସୃଷ୍ଟି ହୋଇଥିବା ବିଭ୍ରାଟକୁ ପରବର୍ତ୍ତୀ ପର୍ଯ୍ୟାୟରେ ସମାଧାନ କରାଯାଇଛି। ଏପରିକି ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ସେବା ପ୍ରଦାନ କରୁଥିବା ନିଯୋଗମାନଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଓ ବିବାଦକୁ ସବୁଦିନ ପାଇଁ ସମାଧାନ କରି ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ନିକଟରେ ଦୁଇ ଜଣିଆ ସ୍ୱତ୍ୱଲିପି କମିଟି ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି। ତେବେ ହାଣ୍ଡିଭଙ୍ଗା ଯାତ୍ରାରେ ଶ୍ରୀ କପିଳନାଥ ମନ୍ଦିରରେ ମଲ୍ଲିଆ ଓ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ପାରମ୍ପରିକ ସେବାପୂଜା ନେଇ ମତଭେଦ ଓ ଦ୍ୱନ୍ଦ୍ୱ ପାଇଁ ଗତ ୧୫ବର୍ଷ ହେଲା ବିଶୃଙ୍ଖଳା ଲାଗିରହିଛି। ୨୦୨୪ରେ ହାଣ୍ଡିଭଙ୍ଗା ଯାତ୍ରା ପୂର୍ବରୁ ଦେବୋତ୍ତର ଆୟୁକ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ ସେବାୟତ,



ବୁଦ୍ଧିଜୀବୀ, ବରିଷ୍ଠ ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ସମାଧାନ ହୋଇପାରିନାହିଁ। ଫଳରେ ୨୦୨୪ ଓ ୨୦୨୫ରେ ହାଣ୍ଡିଭଙ୍ଗା ଯାତ୍ରାରେ ଶ୍ରୀ ଜୀଉଙ୍କର ଭୋଗ ମଣ୍ଡପରେ କୌଣସି ନୀତି ନହୋଇ ତା' ପରଦିନ ପୁନଃ ମଙ୍ଗଳଆଳତୀ ଠାରୁ ନୀତି ହୋଇଥିଲା। ସେହିପରି ୨୦୨୪ରେ ପବିତ୍ରରୋପଣ ନୀତି ହୋଇନଥିଲା ବେଳେ ୨୦୨୫ରେ ପବିତ୍ରାରୋପଣ ନୀତି ବନ୍ଦ ରହିଥିଲେ ହେଁ ସ୍ୱତ୍ୱଲିପି କମିଟି ଅଧ୍ୟକ୍ଷ ଜଷ୍ଟିସ୍ ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ୧୭,୪୪୦ କୋଟିର ଅତିରିକ୍ତ ବଜେଟ : ମହିଳା ସୁରକ୍ଷା ପାଇଁ ନୂଆ ଯୋଜନା 'ଶକ୍ତିଶ୍ରୀ'

**ଭୁବନେଶ୍ୱର(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭,୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି। ପ୍ରଶାସନିକ ବ୍ୟୟ ବାବଦରେ ୩,୩୮୯ କୋଟି ଟଙ୍କା, କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୩,୭୧୬ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଓ ରାଜ୍ୟ ବଜେଟରୁ ସ୍ଥାନାନ୍ତର ବାବଦରେ ୧୬୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏଥି ?ରେ ରାଜ୍ୟ ଯୋଜନାଗୁଡ଼ିକ ପାଇଁ ୧୧,୬୪୩ କୋଟି ଟଙ୍କା, କେନ୍ଦ୍ର ପ୍ରାୟୋଜିତ ଯୋଜନା ପାଇଁ ୨୦୫୪ କୋଟି ଟଙ୍କା, କେନ୍ଦ୍ରୀୟ ଯୋଜନା ପାଇଁ ୧୯ କୋଟି ଟଙ୍କା, ସାମାଜିକ ସେବା ପାଇଁ ୫୯୪୮ କୋଟି ଟଙ୍କା ଓ ଅର୍ଥନୈତିକ ସେବା ପାଇଁ ୯୧୮୯ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଅତିରିକ୍ତ ବଜେଟରେ ନୂଆ ଯୋଜନା 'ଶକ୍ତିଶ୍ରୀ' ଘୋଷଣା କରାଯାଇଛି। ସେଥିପାଇଁ ୧୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଓ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟସେବା, ମହିଳା ଓ ଶିଶୁ ସଶକ୍ତୀକରଣ, ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ, ସହରାଞ୍ଚଳ ବିକାଶ, ଶିଳ୍ପ, ଭିତ୍ତିଭୂମି ବିକାଶ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଓ ସଂସ୍କୃତି ଓ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଅତିରିକ୍ତ ବଜେଟ ପାଇଁ ପ୍ରଶାସନିକ ବ୍ୟୟ ଓ ସ୍ଥାନୀୟ ସଂସ୍ଥାକୁ ସ୍ଥାନାନ୍ତର ଅନ୍ତର୍ଗତ ଆବଣ୍ଟନ ବାବଦକୁ ଅର୍ଥ ସମନ୍ୱୟ ଓ ଅର୍ଥ ସମର୍ପଣ ଜରିଆରେ ବ୍ୟବସ୍ଥା କରାଯିବ। ବିପର୍ଯ୍ୟୟ



ପରିଚାଳନା ପାଣ୍ଠି ଅଧୀନରେ ଆବଣ୍ଟନ ବାବଦକୁ ଜାତୀୟ ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠିରେ ଉପଲବ୍ଧ ରାଶି ଦ୍ୱାରା ମଧ୍ୟ ଭରଣା କରାଯିବ। ଅତିରିକ୍ତ ବଜେଟରେ ୧୭,୪୪୦ କୋଟି ଟଙ୍କାରୁ ୧୨୩୨ କୋଟି ଟଙ୍କା ସହବନ୍ଧିତ ସମ୍ବଳ ମାଧ୍ୟମରେ ଓ ଅବଶିଷ୍ଟ ରାଶି ବର୍ଷ ଶେଷରେ ପାଣ୍ଠି ସମର୍ପଣ ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟର ଲୋକପ୍ରିୟ ଯୋଜନା ସୁଭଦ୍ରା ପାଇଁ ଅତିରିକ୍ତ ବଜେଟରେ ୨୯୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଧାନ କ୍ରୟ ପାଇଁ ରିଭଲ୍‌ଭିଂ ପାଣ୍ଠି ବାବଦରେ ୩୦୦୦ କୋଟି ଟଙ୍କା ଦିଆଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିହାତି ପାଇଁ ୧୩୨୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଚାଷୀଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କା ଦିଆଯାଇଛି। ସେହିପରି ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା, ମିସନ୍ ଶକ୍ତିକୁ ୪୦୫ କୋଟି, ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ୨୦୦ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିସନ୍ ଲାଗି ୯୫୪ କୋଟି, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୪୦ କୋଟି, ପାଇପ୍ ଜଳଯୋଗାଣ ପାଇଁ ୧୧୬ କୋଟି, ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୫୭ କୋଟି, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ପାଇଁ ୪୦ କୋଟି, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି, ଶିକ୍ଷା କ୍ଷେତ୍ରକୁ ୨୩୨୭ କୋଟି, ଭିତ୍ତିଭୂମି ବିକାଶ ପାଇଁ ୧୯୫୫ କୋଟି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୧୫୮୮ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ରକୁ ୧୧୬୪ କୋଟି, ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି, ଶିଳ୍ପ ବିକାଶକୁ ୩୩୭ କୋଟି ଏବଂ ଓଡ଼ିଆ ଭାଷା ସାହିତ୍ୟ ପାଇଁ ୩୬୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲା ପରିଷଦ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅତିରିକ୍ତ ବଜେଟ୍‌ରେ ୪୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୫ କୋଟି ଟଙ୍କା ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୧୪ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଛି।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

ସୋମବାର,୦୧ରୁ ୦୭ ଡିସେମ୍ବର,୨୦୨୫
ନିଷ୍କର୍ଷ NISHKARSHA

‘ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ’ - ଡ. ଅବଦୁଲ କଲାମ

# ଖୋଲା ସମୟ

## ଘରୋଇ କଳି : କୋର୍ଟର ଦ୍ୱାରସ୍ଥ ହେଲେ ଅଭିନେତ୍ରୀ ସେଲିନା



ମୁମ୍ବାଇ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ସେଲିନା ଜେଟଲିଙ୍କ ବୈବାହିକ ଜୀବନରେ ସୃଷ୍ଟି ହୋଇଛି ଝଡ଼। ହାଟରେ ପଡି ଦାଣ୍ଡରେ ଗଡିଲାଣି ଅଭିନେତ୍ରୀଙ୍କ ଘରୋଇ ବିବାଦ। ସ୍ୱାମୀ ପିଟର ହାଗଙ୍କ ବିରୋଧରେ ସେ ଘରୋଇ ହିଂସା ମାମଲା ଦାଏର କରିଛନ୍ତି। ମୁମ୍ବାଇର ଫ୍ୟାମିଲି କୋର୍ଟରେ ସେଲିନା ବିଭିନ୍ନ ସମୟରେ ସ୍ୱାମୀ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବାର କଥାକୁ ଉଲ୍ଲେଖ କରିଛନ୍ତି। ତ । ଙ୍କ ଅବେଦନ ପରେ ମୁମ୍ବାଇର କୋର୍ଟ ହାଗଙ୍କୁ ଏକ ନୋଟିସ୍ ଜାରି କରିଛନ୍ତି। ସେଲିନା ନୋ ଏଣ୍ଟ୍ରି, ଗୋଲମାଲ ରିଟର୍ଣ୍ଣସ୍, ଥାଙ୍କ୍ ୟୁ, ଅପନା ସପନା ମନି ମନି ପରି ଚଳଚିତ୍ରରେ ନିଜର ଅଭିନୟର ଯାଦୁକୁ ପ୍ରଦର୍ଶିତ କରିଛନ୍ତି। ସେ ୨୦୧୧ ମସିହାରେ ଆନୁଷ୍ଠାନିକ ଭାବରେ ବିଶିଷ୍ଟ ଉଦ୍ୟୋଗପତି ପିଟର ହାଗଙ୍କୁ ବିବାହ କରିଥିଲେ। ପାରିବାରିକ ଜୀବନ ସୁରୁଖୁରୁରେ ଚାଲୁଥିବା ବେଳେ ସେ ୨ ଥର ଦୁଇ ଯମଜ ସନ୍ତାନଙ୍କୁ ଜନ୍ମ ମଧ୍ୟ ଦେଇଥିଲେ। କିନ୍ତୁ ଶିଶୁମାନଙ୍କ ମଧ୍ୟରୁ ଜଣେ ହାଇପୋପ୍ଲାଷ୍ଟିକ୍ ନାମକ ହୃଦରୋଗ ଯୋଗୁ ମୃତ୍ୟୁବରଣ କରିବା ପରେ ପରିବାର ସଦସ୍ୟ ଦୁଃଖରେ ଭାଙ୍ଗିପଡିଥିଲେ । ସୋସିଆଲ ମିଡିଆରେ ସବୁବେଳେ ସକ୍ରିୟ ରହୁଥିବା ସେଲିନା ଜେଟଲି, ନିଜ ପରିବାର ସହ ବିଭିନ୍ନ ଫଟୋ ସେସିଆଲ ମିଡିଆରେ ଅପଲୋଡ କରିଥାନ୍ତି। କିନ୍ତୁ ହଠାତ ସବୁବେଳେ ଖୁସିରେ ରହୁଥିବା ଦମ୍ପତିଙ୍କ ଭିତରେ ବିବାଦ ଦେଖାଦେଇଥିଲା । ବିବାଦର ପରିଣାମ ଅନୁଯାୟୀ ଅଭିନେତ୍ରୀ ସେଲିନା ଜେଟଲି କୋର୍ଟରେ ଛାଡପତ୍ର ଆବେଦନ କରିଥିଲେ। ଯେଉଁଥିରେ ସେ ତାଙ୍କ ସ୍ୱାମୀ ପିଟର ତାଙ୍କୁ ସବୁ ସମୟରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବାର କଥାକୁ ଉଲ୍ଲେଖ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍ୱାମୀଙ୍କ ଅତ୍ୟାଚାର କାରଣରୁ ତାଙ୍କୁ ଆଟ୍ରିୟା ଛାଡି ଭାରତ ଆସିବାକୁ ପଡିଥିଲା। ଏପରିକି ବାହାଘର ପରେ ସ୍ୱାମୀ ପିଟର ତାଙ୍କୁ ଚାକିରି କରିବା ପାଇଁ ବାରଣ ମଧ୍ୟ କରୁଥିଲେ। ରିପୋର୍ଟ ମୁତାବକ ସେଲିନା ତାଙ୍କ ସ୍ୱାମୀଙ୍କ ଠାରୁ ମାନସିକ ଏବଂ ଶାରୀରିକ ନିର୍ଯାତନା ପାଇଁ , ୫୦ କୋଟି ଟଙ୍କାର ଭରଣପୋଷଣ ଦାବି କରିଥିବା ଜଣାପଡିଛି ।ସୋସିଆଲ ମିଡିଆରେ ସବୁବେଳେ ସକ୍ରିୟ ରହୁଥିବା ସେଲିନା ଜେଟଲି, ନିଜ ପରିବାର ସହ ବିଭିନ୍ନ ଫଟୋ ସେସିଆଲ ମିଡିଆରେ ଅପଲୋଡ କରିଥାନ୍ତି। କିନ୍ତୁ ହଠାତ ସବୁବେଳେ ଖୁସିରେ ରହୁଥିବା ଦମ୍ପତିଙ୍କ ଭିତରେ ବିବାଦ ଦେଖାଦେଇଥିଲା । ବିବାଦର ପରିଣାମ ଅନୁଯାୟୀ ଅଭିନେତ୍ରୀ ସେଲିନା ଜେଟଲି କୋର୍ଟରେ ଛାଡପତ୍ର ଆବେଦନ କରିଥିଲେ।

**୫୦ କୋଟି ଟଙ୍କାର ଭରଣପୋଷଣ ଦାବି**

## ଶ୍ରଦ୍ଧାଞ୍ଜଳି ହି-ମ୍ୟାନ୍ : ନିଆଁ ଭଳି ପ୍ରଚଣ୍ଡ, ଫୁଲ ଭଳି କୋମଳ

**ମୁମ୍ବାଇ(ଏଜେନ୍ସି) :** କିଛି ବିରଳ ବ୍ୟକ୍ତିତ୍ୱ କେବଳ ସମୟ ସାଥିରେ ଜୀବନ ବଞ୍ଚନ୍ତିନି, ସମୟ ଉପରେ ନିଜର ଛାପ ଛାଡ଼ି ଯାଆନ୍ତି। ଅଭିନେତା ଧର୍ମେନ୍ଦ୍ର ଥିଲେ ସେମିତି। ଆଜି ସକାଳେ ତାଙ୍କ ଦେହାନ୍ତର ଖବର ସାରା ଦେଶକୁ, ବିଶେଷକରି ସିନେମାପ୍ରେମୀଙ୍କୁ ଶୋକରେ ନିର୍ବାକ କରିଦେଇଛି। ସଫଳତା ଓ ଲୋକପ୍ରିୟତାର ଶୀର୍ଷରେ ଥିଲେହେଁ ନିଜ ଭିତରେ ଶିଶୁସୁଲଭ ସରଳତାକୁ ବଞ୍ଚାଇ ରଖିଥିବା ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ବଲିଉଡ୍‌ରେ ଗୋଟିଏ ପିଢ଼ିର ଅଭିନୟ ପରମ୍ପରାର ଅନ୍ତ ଘଟିଛି କହିଲେ ଭୁଲ୍ ହେବନି। ୧୯୬୦ ମସିହାରେ ଫିଲ୍ମ ‘ଦିଲ୍ ଭି ମେରା ହମ୍ ଭି ତେରେ’ରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ତେବେ ଏହି ଫିଲ୍ମଟି ବକ୍ସ ଅଫିସରେ ସଫଳତା ପାଇ ନଥିଲେ ମଧ୍ୟ ଏହା ତାଙ୍କୁ ସିନେଶିଳ୍ପରେ ପରିଚୟ ଦେଇଥିଲା। ଏହାପରେ ସେ ଫିଲ୍ମ ‘ଶୋଲା ଔର ଶବନମ୍’ରେ ଅଭିନୟ କରିଥିଲେ, ଯାହାକି ବକ୍ସ ଅଫିସ୍ ?ରେ ସଫଳତା ହାସଲ କରିଥିଲା। ପରେ ଧର୍ମେନ୍ଦ୍ର ‘ଅନପଢ଼’, ‘ବନ୍ଦିନୀ’, ‘ଆୟି ମିଲନ୍ କି ବେଲା’, ‘ହକିକତ୍’, ‘ଫୁଲ ଔର ପଥର, ‘ମମତା’, ‘ଅନୁପମା’, ‘ଇଜ୍ଜତ’, ‘ଆଁଖେ’, ‘ଶିଖର’, ‘ମଝଲି ଦିଦି’, ‘ଚନ୍ଦନ୍ କା ପାଲନା’, ‘ଦୋ ରାସ୍ତେ’, ‘ସତ୍ୟକାମ୍’, ‘ଆଦମୀ ଔର ଇନସାନ୍’ ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ତେବେ ୧୯୭୦ ଦଶକରେ ମୁକ୍ତିଲାଭ କରିଥିବା ‘ଶୋଲେ’,‘ସୀତା ଔର ଗୀତା’, ‘ଦୋସ୍ତ’,‘ଯାଦୋଁକି ବାରାତ୍’ , ‘ଚୁପକେ ଚୁପକେ’ ଓ ‘ଧରମ ବୀର’ ଚଳଚ୍ଚିତ୍ରରେ ଧର୍ମେନ୍ଦ୍ରଙ୍କ ଅଭିନୟ ତାଙ୍କୁ ସଫଳତାର ନୂତନ ଶିଖରକୁ ନେଇଯାଇଥିଲା। ୧୯୮୦ ଦଶକରେ ‘ଦ ବର୍ଣ୍ଣିଂ ଟ୍ରେନ୍’, ‘ହୁକୁମତ୍’, ‘ରାମ ବଲରାମ’ ଓ ‘ଗଜବ’ ଆଦି ଛବି ତାଙ୍କ ଲୋକପ୍ରିୟତାକୁ ବଜାୟ ରଖିଥିଲା। ସେ ତାଙ୍କ କ୍ୟାରିୟରରେ ପ୍ରାୟ ୩୦୦ଟି ଚଳଚ୍ଚିତ୍ରରେ କାମ କରିଥିଲେ। ଆମେ ଭାରତୀୟ ସିନେ ଦର୍ଶକମାନେ ପିଢ଼ି ପରେ ପିଢ଼ି ଧର୍ମେନ୍ଦ୍ରଙ୍କ ସିନେମା ଦେଖି ଆସିଛୁ, ତାଙ୍କୁ ବିଶ୍ୱାସ କରି ଆସିଛୁ; ତାଙ୍କ ଶରୀରର ଶକ୍ତି ଉପରେ, ତାଙ୍କ ସ୍ୱରର ଦୃଢ଼ତା ଉପରେ ଭରସା କରି ଆସିଛୁ। ତାଙ୍କ ମୃତ୍ୟୁରେ କେବଳ ଜଣେ ବଡ଼ ତାରକାର ଅନ୍ତ ଘଟିନି, ଆମ ସାମୂହିକ ସ୍ମୃତିର ଗୋଟିଏ ସୁନ୍ଦର ଉଜ୍ଜ୍ୱଳ ଅଧ୍ୟାୟ ନିରବରେ ଶେଷ ହୋଇ ଯାଇଛି। ଅଭିନେତା ଧର୍ମେନ୍ଦ୍ର ଥିଲେ ଏମିତି ଜଣେ ବ୍ୟକ୍ତିତ୍ୱ, ଯାହାଙ୍କ ଅଭିନୟ ଭିତରେ ଅନ୍ୟାୟକୁ ପୋଡ଼ି ପାଉଁଶ କରିଦେବାଭଳି ପ୍ରଚଣ୍ଡ ନିଆଁ ତ ଥିଲା, ଥିଲା ବି ସକାଳର ପହିଲି କିରଣରେ ଝଲସୁଥିବା ଫୁଲର କୋମଳତା। ସେ ‘ହି-ମ୍ୟାନ୍’ ଭାବେ ପରିଚିତ ଥିଲେ, କିନ୍ତୁ କବି ଭଳି ସାୟରି ବି ଆବୃତ୍ତି କରୁଥିଲେ ଭାଷଣରେ। ଆଶ୍ଚର୍ଯ୍ୟର କଥା ଯେ ଉଭୟରେ ସେ ସ୍ୱାଭାବିକ ଓ ସରଳ ଲାଗୁଥିଲେ, ବିଶ୍ୱସନୀୟ ଓ ଗ୍ରହଣୀୟ ହେଉଥିଲେ। ଏ ଥିଲା ତାଙ୍କର ନିଆରାପଣ। ଏ ନିଆରାପଣର କାରଣ ହେଉଛି, ଏସବୁ କୃତ୍ରିମ ନଥିଲା, ଜିମ୍ ବା ଆକ୍ଟିଂକ୍ଲାସ୍‌ରେ ପଢ଼ା ହେଉଥିବା ‘କଳା’ ନଥିଲା; ଥିଲା ପ୍ରକୃତିକ ଓ ସ୍ୱାଭାବିକ; ତେଣୁ ଅଭଙ୍ଗା ଓ ଚିରନ୍ତନ ଥିଲା ମଧ୍ୟ। ଧର୍ମେନ୍ଦ୍ର ଜନ୍ମ ହୋଇଥିଲେ ୧୯୩୫, ଡିସେମ୍ବର ୮ ତାରିଖରେ, ପଞ୍ଜାବର ଲୁଧିଆନା ଜିଲ୍ଲାରେ ଥିବା ଗାଁ ନସରାଲିରେ, ଏକ ନିମ୍ନ ମଧ୍ୟବିତ୍ତ ଜାଠ୍-ଶିଖ୍ ପରିବାରରେ। ତାଙ୍କ ପିତୃଦତ୍ତ ନାଁ ହେଉଛି ଧରମ୍ ସିଂହ ଦେଓଲ୍। ବାପା ଥିଲେ ସ୍କୁଲ ଶିକ୍ଷକ। ସ୍ୱାଭାବିକ ଭାବେ ସ୍କୁଲ ଶିକ୍ଷକ ବାପା ଚାହୁଥିଲେ ଧରମ୍ ପାଠ ପଢ଼ନ୍ତୁ ଓ ପ୍ରଫେସର ହୁଅନ୍ତୁ। କିନ୍ତୁ ତାଙ୍କର ପାଠରେ ବିଶେଷ ମନ ନଥିଲା। ନବମ ଶ୍ରେଣୀରେ ଯେବେଠୁ ସେ ଫିଲ୍ମ ଦେଖିବା ଆରମ୍ଭକଲେ, ସ୍ୱପ୍ନ ଦେଖିଲେ ଅଭିନେତା ହେବାକୁ।

## “ସାତ ସୁରେ ବନ୍ଧା ଏ ଜୀବନ”ରୁ ଆଜି ଯାଏ ...



**ଭୁବନେଶ୍ୱର(ଏନ୍.ଏମ୍.) :** ଅଭିଜିତ୍ ମିଶ୍ର। ଓଡ଼ିଆ ସଂଗୀତ ଜଗତର ଜଣେ ଚିହ୍ନା ଚେହେରା, ଓଡ଼ିଶାର ଘରେ ଘରେ ପରିଚିତ ସ୍ୱର । ସିଏ ଜଣେ ମେକାନିକାଲ ଇଞ୍ଜିନିୟର ମାତ୍ର ମ୍ୟୁଜିକ୍‌ରେ ଧୁରନ୍ଧର । ଲୋଭନୀୟ ଚାକିରି, ମୋଟା ଅଙ୍କର ଦରମାକୁ ଅଣଦେଖା କରି ସଙ୍ଗୀତ ପ୍ରେମରେ ପାଗଳ ହୋଇଥିବା ଅଭିଜିତ୍ ଇତି ମଧ୍ୟରେ ସଙ୍ଗୀତରେ ୧୬ ବର୍ଷର ଯାତ୍ରା କରି ସାରିଲେଣି ।

ଏହି ଦେଢ ଦଶନ୍ଧିରେ ଅନେକ ଗୀତ ସେ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି । ପ୍ରଥମେ କଣ୍ଠଶିଳ୍ପୀ ଭାବେ ଆଉ ଏବେ ସଙ୍ଗୀତ ନିର୍ଦ୍ଦେଶକ ଭାବେ ତାଙ୍କ ଶ୍ରୋତାଙ୍କୁ ସେ ଭେଟି ଦେଉଛନ୍ତି ଗୋଟେ ପରେ ଗୋଟେ ଭିନ୍ନ ସ୍ୱାଦର ସଂଗୀତ । ଉଭୟ ଓଡ଼ିଆ ଏବଂ ହିନ୍ଦୀ ସଙ୍ଗୀତ କରିବାରେ ଅଭିଜିତ ସିଦ୍ଧହସ୍ତ । ସିଏ ସ୍ୱରରେଈଶ୍ୱରଙ୍କୁ ଦେଖନ୍ତି । ସଙ୍ଗୀତ ପ୍ରତି ସମର୍ପିତ ଥିବା ଅଭିଜିତଙ୍କ ଅନେକ ଭଜନ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ଘର କରି ରହିଛି । ଗୀତ ବିନା କାଳେ ତାଙ୍କ ଜୀବନ ଭୁଲ ବାଟରେ ପଳେଇଥାନ୍ତା ବୋଲି ସେ କୁହନ୍ତି । ଆଉ ସମସ୍ତେ ଯେତେବେଳେ ଶୋଇପଡନ୍ତି ସେତେବେଳେ ସିଏ ଈଶ୍ୱରଙ୍କୁ ମୁଣ୍ଡିଆ ମାରି, ରାତି ଅନିଦ୍ରା ହୋଇ ଗୀତ କରନ୍ତି...

କେବଳ ସଜନା ନୁହେଁ ପୂର୍ବରୁ- ଲୁଟ ଗଏ, ନାରୀ, ତୁମ୍ ଔର ହମ୍, କରାର୍ ଦେ, ମେଁ ତେରା ହୋନେ ଲଗାହୁଁ, ସୱାଲ, ତେରେ ଲିଏ ପରି ଅନେକ ଗୀତରେ ନିଜ ଯାଦୁଗରୀ ସ୍ପର୍ଶ ଦେଇଥିବା ଅଭିଜିତ୍ ଲୋକପ୍ରିୟ ଭଜନ ‘ଜଗା ତୁ ଯାଦୁଗର’ ପାଇଁ ଗତବର୍ଷ ଜାତୀୟ ପୁରସ୍କାର ଲାଭ କରିଥିଲେ । ମେକାନିକାଲ ଇଞ୍ଜିନିୟରରୁ ମ୍ୟୁଜିକ୍‌ର ମାୟାରେ ପଡିଥିବା ଅଭିଜିତ୍ ୧୫ରୁ ଅଧିକ ସିନେମାରେ କଣ୍ଠଦାନ କରିଛନ୍ତି, ଅନେକ ଯାତ୍ରା ଏବଂ ସିରିଏଲର ଟାଇଟେଲ୍ ଟ୍ରାକ୍ ଗାଇଛନ୍ତି । ରସଗୋଲା ଆନ୍‌ଥେମ୍ ପରି ଅନେକ ଆନ୍‌ଥେମ୍ ଗାଇଛନ୍ତି । ୩୦୦ରୁ ଅଧିକ ଗୀତରେ ନିଜ ନିଆରା ଅନ୍ଦାଜ୍ ପାଇଁ ଦର୍ଶକଙ୍କ ପ୍ରିୟ ପାଲଟିଛନ୍ତି ଅଭିଜିତ୍ ମିଶ୍ର ।

**ଅଭିଜିତ୍‌ଙ୍କ ଚର୍ଚ୍ଚିତ ଗୀତ -**

ଗୁଡ଼ିର କି ଅବା ଠିକଣା ଥାଏ...
-ସାତସୁରେ ବନ୍ଧା ଏ ଜୀବନ
-ଶ୍ରୀମନ୍ଦିର
-ଦେବଦାସୀ
-ଜଗା ତୁ ଯାଦୁଗର
-ମାଗୁଣିର ଶଗଡ଼
-ମୁଁ ସେଇ କଳିଙ୍ଗ
-କାହିଁକି ଏମିତି ହୁଏ
-ଜଗବନ୍ଧୁ ହେ ଗୋସାଇଁ
-ଝୁଲି ଝୁଲି ଆସ କାଳିଆ ସାଆନ୍ତ

**- ସଙ୍ଗୀତ ପ୍ରତି ସମର୍ପିତ ଥିବା ଜଣେ ବିରଳ ବ୍ୟକ୍ତିତ୍ୱ ଅଭିଜିତ୍‌ଙ୍କ ଅନେକ ଗୀତ ଲୋକଙ୍କ ମନକୁ ଛୁଇଁଛି । ଗୀତ ବିନା ତାଙ୍କ ଜୀବନ ଅଧୁରା ବୋଲି ସେ କୁହନ୍ତି । ରାତିରେ ଯେତେବେଳେ ସମସ୍ତେ ନିଦ୍ରା ଯାଆନ୍ତି, ସେତେବେଳେ ସେ ଈଶ୍ୱରଙ୍କୁ ମୁଣ୍ଡିଆ ମାରି, ରାତି ଅନିଦ୍ରା ହୋଇ ଗୀତରେ ମଗ୍ନ ରୁହନ୍ତି...**

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ :** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ :** ସେମାବାର: ମହତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ :** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ :** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା :** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା :** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା :** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ :** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର :** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ :** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ :** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ଖୁସିର ଚାବିକାଠି

ଆଜିକାଲି ଅଧିକାଂଶ ନାରୀ ମାନସିକ ବିଷାଦଗ୍ରସ୍ତ ବା ଡିପ୍ରେସନର ଶିକାର ହେଉଛନ୍ତି। ଫଳରେ ସେମାନେ ଅନେକ ଭୁଲ୍ ତଥା ସାଂଘାତିକ ପଦକ୍ଷେପମାନ ନେଉଛନ୍ତି। ଖାସ୍ କରି ବିଭିନ୍ନ କାରଣ ବଶତଃ ନାରୀମାନେ ଅଧିକ ଚାପରେ ରହୁଛନ୍ତି। ତେଣୁ ଏଥିରୁ ମୁକ୍ତି ପାଇବାର ଏକମାତ୍ର ଉପଚାର ହେଉଛି ଖୁସିରେ ରହିବା। ଯଦି ଆପଣ ବି ଏହି ଚାପରେ ରହିଛନ୍ତି, କିଛି ସରଳ ଉପାୟ ଆପଣାଇ ଚାପମୁକ୍ତ ରହିବା ସହ ପୂର୍ବ ପରି ଖୁସିରେ ରହିପାରିବେ। ତେବେ ଆସନ୍ତୁ ଜାଣିବା ସେ ବିଷୟରେ କିଛି –

– ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ବୁଲିବାକୁ ଯାଆନ୍ତୁ ଓ ହାଲୁକା ବ୍ୟାୟାମ କିମ୍ବା ଯୋଗ କରନ୍ତୁ ।
– ସକାଳ ବା ପ୍ରାତଃକାଳ ଏବଂ ଶୋଇବା ସମୟରେ ୧୫ ମିନିଟ୍ ପାଇଁ ଭଗବାନଙ୍କୁ ଧ୍ୟାନ କରନ୍ତୁ ।
– ନିଜକୁ ଜାଣନ୍ତୁ ନିଜର ପ୍ରତିଭା, କ୍ଷମତା ଏବଂ ସୀମାକୁ ଚିହ୍ନନ୍ତୁ ।
– ଯାହା ଅଛି ସେଥିରେ ସନ୍ତୁଷ୍ଟ ରୁହନ୍ତୁ ଏବଂ କାର୍ଯ୍ୟ କରିବା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖନ୍ତୁ ।
– ଉତ୍ସାହ ଏବଂ ଆତ୍ମବିଶ୍ୱାସ ସହିତ କାର୍ଯ୍ୟ କରନ୍ତୁ ଏବଂ ଏକ ବ୍ୟବସ୍ଥିତ ଦିନଚର୍ଯ୍ୟାରେ ଅଭ୍ୟସ୍ତ ରୁହନ୍ତୁ ।
– ସର୍ବଦା ସକାରାତ୍ମକ ଚିନ୍ତା କରନ୍ତୁ । ନକାରାତ୍ମକ ଚିନ୍ତାଧାରା ଶକ୍ତି ନଷ୍ଟ କରେ ।
– ସର୍ବଦା ବର୍ତ୍ତମାନରେ ରୁହନ୍ତୁ । ଅତୀତ ଏବଂ ଭବିଷ୍ୟତ ବିଷୟରେ ବୃଥା ଚିନ୍ତାରୁ ଦୂରେଇ ରହି ସର୍ବଦା ଖୁସି ରୁହନ୍ତୁ ଏବଂ ହସି ହସି ବଞ୍ଚିବା ଶିଖନ୍ତୁ ।
– ଏକ ସରଳ ଜୀବନଯାପନ କରନ୍ତୁ । ଜୀବନରେ ଗୁଣବତ୍ତା ଉପରେ ବିଶ୍ୱାସ ରଖନ୍ତୁ ଦେଖାଇହେବା ଠାରୁ ଦୂରେଇ ରୁହନ୍ତୁ ।
– ଉତ୍ତମ ସ୍ୱାସ୍ଥ୍ୟ ହେଉଛି ଜୀବନ ପାଇଁ ସର୍ବୋତ୍ତମ ଧନ । ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଠାରୁ ଦୂରେଇ ରୁହନ୍ତୁ । କମ୍ ଏବଂ ପ୍ରକୃତ ବନ୍ଧୁ ବନାନ୍ତୁ ।
– ନିଜର ଅନ୍ତର୍ନିହିତ ଗୁଣକୁ ବିକଶିତ କରନ୍ତୁ । ସମୟାନୁବର୍ତ୍ତୀତା ହେବ ସହିତ ସର୍ବଦା ନିଜର ବକ୍ତବ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ । ଧୈର୍ଯ୍ୟ ଏବଂ ଆତ୍ମ ନିୟନ୍ତ୍ରଣ ରଖନ୍ତୁ ।

### ମା’ରାଣ ଦେହକୁ ନେବେନି...



ହାତୀପଲଙ୍କର ନମ୍ବା ଇତିହାସ
ଭାବନି ହେଲାଣି ବାସି ...
ଧାନ କିଆରୀରେ ପଶିକି ଗାଁରେ,
କରିଲେଣି ବଦମାସି
ସର୍କାର ଦିଅନ୍ତି କାଶି ...
ମାଇକି କାନରେ ପଡିଲେ ହାତୀଙ୍କ
ଡ୍ୟାନ୍ସ ବଢିବ ବେଶି ...

**- ସମ୍ବିତ ସେନାପତି**

## ବୋଉର ରୋଷେଇ ଘର

# ରାଶି ଓ ବାଦାମ ବର୍ଫି



**ଆବଶ୍ୟକ ସାମଗ୍ରୀ :** ରାଶି ୨କପ୍, ଚିନି ୨କପ୍, ଘିଅ ୨ରୁ୩ ବଡ ଚାମଚ, ବାଦାମ୍ ୧କପ୍, କୋରା ନଡିଆ ୧କପ୍, ଗୁଜୁରାତି ୫/୬ଟା, କାଜୁ ୧୦/୧୨ଟା।

**ପ୍ରସ୍ତୁତି ପ୍ରଣାଳୀ :** ପ୍ୟାନ୍‌କୁ କିଛି ସମୟ ଗରମ୍ କରି ଦିଅନ୍ତୁ। ଏହା ପରେ ରାଶିକୁ କିଛି ସମୟ ଭାଜି ଦିଅନ୍ତୁ। ଏହାର ରଙ୍ଗ ପରିବର୍ତ୍ତନ ହୋଇଗଲେ ତାକୁ କାଢି ଏକ ପାତ୍ରରେ ରଖି ଦିଅନ୍ତୁ। ବାଦାମକୁ ଭଲ ଭାବେ ଗ୍ରାଇଣ୍ଡିଂ କରି ଗୁଣ୍ଡ କରି ଦିଅନ୍ତୁ। ଏହା ପରେ ଅନ୍ୟ ଏକ ପାତ୍ରକୁ ଗ୍ୟାସରେ ବସାଇ ସେଥିରେ ଏକ ଚାମଚ ଘିଅ ପକାନ୍ତୁ। ଘିଅ ତରଳି ଗଲେ ସେଥିରେ ଗୁଣ୍ଡ କରାଯାଇଥିବା ବାଦାମ ଗୁଣ୍ଡକୁ ପକାଇ ଭାଜନ୍ତୁ। ଏହା ପରେ ଗୁଜୁରାତିକୁ ଗୁଣ୍ଡ କରି ଦିଅନ୍ତୁ। ଏକ ପାତ୍ରରେ ଅଧା କପ୍ ପାଣିରେ ଚିନି ମିଶାଇ ଭଲଭାବେ ଫୁଟାନ୍ତୁ। ଏହା ଯେତେବେଳେ ସିରା ହୋଇଯିବ ତାହାକୁ ତଳକୁ ଓହ୍ଲାଇ ରଖି ଦିଅନ୍ତୁ। ଏହା ପରେ ସେଥିରେ ରାଶିଗୁଣ୍ଡ, ବାଦାମ ଗୁଣ୍ଡ, ଗୁଣ୍ଡ କାଜୁ , କୋରା ନଡିଆ ଏବଂ ଗୁଣ୍ଡ ଡାଲଚିନିକୁ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ। ପରେ ଏକ ଥାଳିରେ କିଛି ଗରମ ଘିଅ ପକାଇ ଭଲ ଭାବେ ଲଗାଇ ଦିଅନ୍ତୁ। ତା ପରେ ସମସ୍ତ ମିଶ୍ରଣକୁ ଢାଳି ସମାନ କରନ୍ତୁ। ଏହା କିଛି ସମୟ ଶୁଖି ଗଲା ପରେ ଛୁରୀ ସାହାଯ୍ୟରେ କାଟି ଏକ ପ୍ଲେଟ୍‌ରେ କାଢି ସର୍ଭ୍ କରନ୍ତୁ ରାଶି ଓ ବାଦାମ ବର୍ଫି।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।**




# ଆସୁଛି ବାତ୍ୟା 'ସେନ୍ୟାର' : ଉପକୂଳରେ ହେବ ମାଡ଼




**ନୂଆଦିଲ୍ଲୀ(ଏଜେନ୍ସି):** ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଶୀତ ଲହର ସହିତ ଥଣ୍ଡା ବଢ଼ିବାରେ ଲାଗିଛି। ପାର୍ବତ୍ୟାଞ୍ଚଳରେ ତୁଷାରପାତର ପ୍ରଭାବ ସମତଳ ଅଞ୍ଚଳରେ ମଧ୍ୟ ସ୍ପଷ୍ଟ ଭାବରେ ଅନୁଭୂତ ହେଉଛି। ଏହି ସମୟରେ, ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇଛି। ଏହା ଯୋଗୁ ଆଗାମୀ କିଛି ଘଣ୍ଟା ମଧ୍ୟରେ ଆଣ୍ଡାମାନ ସାଗରର ପାଗରେ ହଠାତ୍ ପରିବର୍ତ୍ତନ ହୋଇପାରେ। ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁଯାୟୀ, ଆଗାମୀ ଦୁଇ ଦିନ ମଧ୍ୟରେ ସେନ୍ୟାର ନାମକ ଏକ ଘୂର୍ଣ୍ଣିଝଡ଼ ଉପକୂଳରେ ମାଡ଼ ହେବାର ସମ୍ଭାବନା ରହିଛି। ଏହା ଯୋଗୁ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ ଏବଂ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଉତ୍ତର ଭାରତ ମହାସାଗରର ଆଞ୍ଚଳିକ ଘୂର୍ଣ୍ଣିବାତ୍ୟା-ନାମକରଣ ଢାଞ୍ଚାର ଏକ ଅଂଶ ଭାବରେ ସଂଯୁକ୍ତ ଆରବ ଏମିରେଟ୍ସ (ଟଇର) ଦ୍ୱାରା 'ସେନ୍ୟାର' ନାମ ଦିଆଯାଇଛି। ଯାହାର ଅର୍ଥ 'ସିଂହ'। ଭାରତୀୟ ପାଣିପାଗ ବିଭାଗ (ଓଗଡ) ନଭେମ୍ବର ୨୬ ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଦକ୍ଷିଣ ଭାରତର ଅନେକ ରାଜ୍ୟ ପାଇଁ ପ୍ରବଳ ବର୍ଷା ସତର୍କତା ଜାରି କରିଛି। ଏହି ଝଡ଼ ଦକ୍ଷିଣ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ପବନ, ପ୍ରବଳ ବର୍ଷା ଏବଂ ବନ୍ୟା ଆଣିପାରେ। ପ୍ରଭାବିତ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, କେରଳ, ଆନ୍ଧ୍ର ପ୍ରଦେଶ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅନ୍ତର୍ଭୁକ୍ତ ରହିଛି। ବୁଧବାର ସକାଳେ ଦିଲ୍ଲୀରେ ହାଲୁକାରୁ ମଧ୍ୟମ କୁହୁଡ଼ି ଦେଖିବାକୁ ମିଳିଥିଲା। ଦିନର ପାଗ ଖରାଦିଆ ରହିଥିଲା। ସର୍ବାଧିକ ତାପମାତ୍ରା ପ୍ରାୟ ୨୩-୨୪ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ପ୍ରାୟ ୮-୧୦ ଡିଗ୍ରି ସେଲସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗତକାଲି ରାଜଧାନୀରେ ହାଲୁକା ଥଣ୍ଡା ଅନୁଭୂତ ହୋଇଥିଲା, ସର୍ବାଧିକ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା। ପବନର ବେଗ ପ୍ରାୟ ୧୨ କିଲୋମିଟର ପ୍ରତି ଘଣ୍ଟା ଥିଲା। ବୁଧବାର ଉତ୍ତର ପ୍ରଦେଶରେ ଶୀତ ଏବଂ ସୂର୍ଯ୍ୟକିରଣ ମିଶ୍ରିତ ଭାବେ ଅନୁଭୂତ ହେବ। ସକାଳେ କୁହୁଡ଼ି ହୋଇଥିବାବେଳେ ଅପରାହ୍ନ ସୁଦ୍ଧା ପାଗ ସଫା ହୋଇଯାଇଛି। ତାପମାତ୍ରା ହ୍ରାସ ପାଇବା ଜାରି ରହିବ, ଏବଂ କିଛି ଅଞ୍ଚଳରେ ଶୀତ ଲହରୀ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ସର୍ବାଧିକ ତାପମାତ୍ରା ୨୪-୨୬ ଡିଗ୍ରି ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୮-୧୧ ଡିଗ୍ରି ସେଲସିୟସ୍ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି। ରାତିରେ ଥଣ୍ଡା ପଶ୍ଚିମା ପବନ ଶୀତକୁ ଆହୁରି ବଢ଼ାଇବ। ପାଣିପାଗ ବିଭାଗ କହିଛି ଯେ, ଥଣ୍ଡା ପବନ ଯୋଗୁ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀରର ପାହାଡ଼ିଆ ଅଞ୍ଚଳରେ ତୁଷାରପାତ ହେବାର ସମ୍ଭାବନା ରହିଛି। ଏହା ଫଳରେ ସମତଳ ଅଞ୍ଚଳରେ ମଧ୍ୟ ତାପମାତ୍ରା ଦ୍ରୁତ ଗତିରେ ହ୍ରାସ ପାଇବ। ଏହାର ପ୍ରଭାବ ଦିଲ୍ଲୀ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ବିହାର ଏବଂ ମଧ୍ୟ ପ୍ରଦେଶରେ ଅନୁଭୂତ ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି।

# 'ଅନ୍ନଦାତା'ଙ୍କ କଲ୍ୟାଣକୁ ପ୍ରାଥମିକତା : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ(ଏଜେନ୍ସି):** ଅଧିକ ଉଷୁନା ଚାଉଳ କିଣିବ ଏଫ୍ ସିଆଇ। ଓଡ଼ିଶାରୁ ଅଧିକ ୮ ଲକ୍ଷ ଉଷୁନା ଧାନ କିଣିବ ଏଫ୍ ସିଆଇ, ଯାହା ଧାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ ଅଧିକ। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆରେ ଲେଖିଛନ୍ତି, ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫସିଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ ମୁଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁସାକ୍ଷାତ୍ କରି ଅନୁରୋଧ କରିଥିଲି। ମୋର ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତି ଦେଇଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜଣାଉଛି। ସେ ଆହୁରି କହିଛନ୍ତି, ଡବଲ ଇଞ୍ଜିନ ସରକାର ସବୁବେଳେ 'ଅନ୍ନଦାତା'ଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ ଆସିଛନ୍ତି।

# ଆଇଆଇଟି ବମ୍ବେ ନାମ ବଦଳାଇବାକୁ ମହାରାଷ୍ଟ୍ର ସରକାରଙ୍କ ଯୋଜନା



**ମୁମ୍ବାଇ(ଏଜେନ୍ସି):** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି ଯେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଆଇଆଇଟି ବମ୍ବେକୁ ଆଇଆଇଟି ମୁମ୍ବାଇ ନାମ ଦେବା ପାଇଁ ଚିଠି ଲେଖିବେ। ମୁମ୍ବାଇ, ଯାହା ପୂର୍ବରୁ ବମ୍ବେ ନାମରେ ଜଣାଶୁଣା ଥିଲା, ୧୯୯୫ ମସିହାରେ ରାଜ୍ୟ ସରକାର ମୁମ୍ବା ଦେବୀଙ୍କ ସମ୍ମାନାର୍ଥେ ଏବଂ ବ୍ରିଟିଶ ଉପନିବେଶବାଦୀ ଶାସନର ଛାପକୁ ଲିଭାଇ ଦେବା ପାଇଁ ଆନୁଷ୍ଠାନିକ ଭାବରେ ମୁମ୍ବାଇ ନାମକରଣ କରିଥିଲେ। କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ପ୍ରତିଷ୍ଠାନ ପରିଦର୍ଶନ କରି ଏହାର ନାମ ଉପରେ ମନ୍ତବ୍ୟ ଦେବା ସମୟରେ ଆଇଆଇଟି ବମ୍ବେ ଶିରୋନାମାରେ ସ୍ଥାନ ପାଇଥିଲା। ସେ କହିଥିଲେ, 'ଯେପର୍ଯ୍ୟନ୍ତ ଆଇଆଇଟି ବମ୍ବେ ବିଷୟରେ କଥା ହେଉଛି, ଧନ୍ୟବାଦ, ଏହାର ନାମ ସମାନ ରହିଛି। ଆପଣ ଏହାକୁ ମୁମ୍ବାଇ ବଦଳାଇ ନାହାନ୍ତି। ତେଣୁ ଏହା ଆପଣଙ୍କ ପାଇଁ ଆଉ ଏକ ପ୍ରଶଂସା ଏବଂ ମାଡ୍ରାସ ପାଇଁ ମଧ୍ୟ ସମାନ। ଏହା ଏବେ ବି ଆଇଆଇଟି ମାଡ୍ରାସ ହୋଇ ରହିଛି। ଏକ ଏକ୍ସ-ପୋଷ୍ଟରେ ସେ କହିଥିଲେ ଯେ ମରାଠୀ ଲୋକ ମୁମ୍ବାଇକୁ ମହାରାଷ୍ଟ୍ରରୁ ଅଲଗା କରିବାର ଷଡ଼ଯନ୍ତ୍ରକୁ ବିଫଳ କରିଛନ୍ତି। ସେ କହିଥିଲେ, ଆମର ମରାଠୀ ମୁମ୍ବାଇ ମହାରାଷ୍ଟ୍ରରେ ରହିଗଲା। ଦଶନ୍ଧି ଧରି ସେମାନଙ୍କ ହୃଦୟରେ ଯେଉଁ ତିକ୍ତତା ଥିଲା ତାହା ଏବେ ପୁଣି ବାହାରକୁ ଆସୁଛି। ଠାକରେ କହିଥିଲେ ଯେ କେନ୍ଦ୍ର ସରକାର ଚଣ୍ଡିଗଡ଼କୁ ପଞ୍ଜାବର ନିୟନ୍ତ୍ରଣରୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅନ୍ୟ ସମସ୍ତ ଦଳର ବିରୋଧ ପରେ ପଛକୁ ହଟିଗଲେ। ସେ କହିଥିଲେ, 'ମୁମ୍ବାଇରେ ସମାନ କିଛି ଘଟୁଛି। ସହରକୁ କବଜା କରିବାକୁ ନିଶ୍ଚିତ ଭାବରେ ଏକ ପ୍ରୟାସ ହେଉଛି। ପ୍ରଥମେ, ମୁମ୍ବାଇ ଏବଂ ତା'ପରେ ସମଗ୍ର ଏମଏମଆର ଅଞ୍ଚଳକୁ କବଜା କରି ଗୁଜୁରାଟ ସହିତ ମିଶ୍ରଣ କରାଯିବ। ମରାଠୀ ଲୋକମାନେ ଜାଗ୍ରତ ହେବା ଉଚିତ।'

# କର୍ଣ୍ଣାଟକରେ ବଦଳିବେ କି ମୁଖ୍ୟମନ୍ତ୍ରୀ : ଖଡ଼ଗେ



**ବେଙ୍ଗାଲୁରୁ (ଏଜେନ୍ସି):** କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ନେଇ ଚାଲିଥିବା କଳ୍ପନାଜଳ୍ପନା ମଧ୍ୟରେ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ବୁଧବାର କହିଛନ୍ତି ଯେ ସେ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ସହିତ ଆଲୋଚନା କରିବା ପରେ ଏହି ମାମଲାର ସମାଧାନ କରିବେ। ରାଜ୍ୟରେ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନେଇ କଳ୍ପନାଜଳ୍ପନା ମଧ୍ୟରେ ଶାସକ କଂଗ୍ରେସ ଦଳ ମଧ୍ୟରେ କ୍ଷମତା ସଂଘର୍ଷ ତୀବ୍ର ହୋଇଥିବାରୁ ଖଡ଼ଗେଙ୍କ ବକ୍ତବ୍ୟ ଗୁରୁତ୍ୱ ବହନ କରେ। କର୍ଣ୍ଣାଟକର ରାଜନୈତିକ ପରିସ୍ଥିତି ସମ୍ପର୍କରେ ସେ କହିଛନ୍ତି, 'ମୁଁ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ସହିତ ଆଲୋଚନା କରିବି...ତା'ପରେ ଏହି ସମସ୍ୟାର ସମାଧାନ ହେବ।' ନଭେମ୍ବର ୨୦ରେ କଂଗ୍ରେସ ସରକାର ଏହାର ପାଞ୍ଚ ବର୍ଷର କାର୍ଯ୍ୟକାଳର ଅଢ଼େଇ ବର୍ଷ ପୂରଣ କରିବା ପରେ, ଏହି ଆଲୋଚନା ତୀବ୍ର ହୋଇଛି, କାରଣ ୨୦୨୩ରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ ଏକ କଥିତ କ୍ଷମତା ବଣ୍ଟନ ଚୁକ୍ତିର ଦାବି କରାଯାଉଛି। ସିଦ୍ଧରାମୈୟା ସମ୍ପ୍ରତି କହିଛନ୍ତି ଯେ ସେ ପୂର୍ଣ୍ଣ ପାଞ୍ଚ ବର୍ଷର କାର୍ଯ୍ୟକାଳ ପାଇଁ ମୁଖ୍ୟମନ୍ତ୍ରୀ ରହିବେ ଏବଂ ଭବିଷ୍ୟତରେ ରାଜ୍ୟ ବଜେଟ୍ ଉପସ୍ଥାପନ କରିବା ଜାରି ରଖିବେ। ଡିକେ ଶିବକୁମାର ମଙ୍ଗଳବାର ଦିନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ପ୍ରସଙ୍ଗରେ ସେ ସାର୍ବଜନୀନ ଭାବରେ ଆଲୋଚନା କରିବାକୁ ଚାହାଁନ୍ତି ନାହିଁ, କାରଣ ଏହା ଦଳର ଚାରି କିମ୍ବା ପାଞ୍ଚ ଜଣଙ୍କ ମଧ୍ୟରେ ଏକ ଗୁପ୍ତ ଚୁକ୍ତି ଥିଲା ଏବଂ ସେ ତାଙ୍କ ବିବେକ ଉପରେ ବିଶ୍ୱାସ ରଖିଥିଲେ। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ମନ୍ତ୍ରିମଣ୍ଡଳ ପୁନର୍ଗଠନ ବିଷୟରେ ଉଲ୍ଲେଖ କରିଥିବାରୁ ଏହି ଗୁପ୍ତ ଚୁକ୍ତିର ଆଲୋଚନା ଗତ କିଛି ମାସ ମଧ୍ୟରେ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଖାସ ଲୋକମାନେ କହିଛନ୍ତି ଯେ ଏପରି କୌଣସି ଚୁକ୍ତି ହୋଇନାହିଁ। ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ଜଡିତ ବିଧାୟକମାନେ ଦଳୀୟ ନେତୃତ୍ୱଠାରୁ ସ୍ପଷ୍ଟୀକରଣ ଦାବି କରୁଛନ୍ତି। ସିଦ୍ଧରାମୈୟା ସମ୍ପ୍ରତି କହିଛନ୍ତି ଯେ ଏହି ପ୍ରସଙ୍ଗରେ ହାଇକମାଣ୍ଡଙ୍କ ନିଷ୍ପତ୍ତି ତାଙ୍କ ଏବଂ ଶିବକୁମାରଙ୍କ ସମେତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ସେ ଦଳର ଶୀର୍ଷ ନେତାମାନଙ୍କୁ ଏହି ଦ୍ୱନ୍ଦ୍ୱ ଦୂର କରିବାକୁ କହିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ମଙ୍ଗଳବାର ଦିନ କହିଥିଲେ ଯେ କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ଏପରି ଏକ ପ୍ରସଙ୍ଗ ନୁହେଁ ଯାହା ସାର୍ବଜନୀନ ଭାବରେ ଆଲୋଚନା କରାଯିବା ଉଚିତ।

**ରାଜ୍ୟରେ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନେଇ କଳ୍ପନାଜଳ୍ପନା**

## ଆଇନ ଅଦାଲତ

# ହାଇକୋର୍ଟରେ ଇଚ୍ଛାମୃତ୍ୟୁ ସଂପର୍କିତ ଜନସ୍ୱାର୍ଥ ମାମଲା

## ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ




**କଟକ (ଏନ୍.ଏମ୍.) :** ଇଚ୍ଛାମୃତ୍ୟୁ ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ନେଇ ସତ୍ୟପାଠ ମାଧ୍ୟମରେ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଜି ହାଇକୋର୍ଟରେ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ଉପସ୍ଥାପନ କରାଯାଇଥିବା ତଥ୍ୟରେ ଉଲ୍ଲେଖ କରାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩, ଜାନୁଆରି ୨୪ର ନିର୍ଦ୍ଦେଶ ଅନୁସାରେ ଏକ କମିଟି ୨୦୨୩, ସେପ୍ଟେମ୍ବର ୭ରେ ଗଠନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡାକ୍ତର ବି.କେ.ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନ୍ୟ ୯ଜଣ ସଦସ୍ୟଙ୍କୁ ନେଇ ଏହି କମିଟିର ପୁନର୍ଗଠନ କରାଯିବା ନେଇ ୨୦୨୫, ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି କମିଟିର ବୈଠକ ମେ ୨୦ରେ ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ଭାବେ ଆଡଭାନ୍ସ ମେଡିକାଲ ଡାଇରେକ୍ଟିଭ୍ (ଏଏମଡି) ମେଡିକାଲ କଲେଜ, ସୁପରସ୍ପେଶାଲିଟି ହସ୍ପିଟାଲ, ଅସାଧ୍ୟ ରୂପରେ ବେମାର ରୋଗୀଙ୍କ ପାଇଁ ଆଇସିୟୁ ସୁବିଧା ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକାରୀ ପାଇଁ କମିଟି ପରାମର୍ଶ ଦେଇଛି। କମିଟି ପରାମର୍ଶ ଅନ୍ତର୍ଭୁକ୍ତ କରି ଚିଠା ପ୍ରସ୍ତାବ କମିଟି ସଦସ୍ୟଙ୍କ ନିକଟରେ ଉପସ୍ଥାପନ କରାଯାଇଛି ବୋଲି ସରକାରଙ୍କ ତଥ୍ୟରୁ ସ୍ପଷ୍ଟ ହୋଇଥିଲା। ଅନ୍ୟପକ୍ଷରେ ଦୁଇ ବର୍ଷ ହେବ ରାଜ୍ୟ ସରକାର କଣ କରୁଛନ୍ତି ବୋଲି ଶୁଣାଣି ବେଳେ ପ୍ରଶ୍ନ ଉଠିଲା। ଏହି ପ୍ରସଂଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ସାନି ସ୍ଥିତି ନେଇ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡିସେମ୍ବର ୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଜଣେ ବ୍ୟକ୍ତିଙ୍କର ସମ୍ମାନର ସହିତ ବଞ୍ଚିବା ତଥା ସମ୍ମାନର ସହିତ ମୃତ୍ୟୁର ଅଧିକାର ରହିଛି। ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ଆଉ ସମ୍ଭାବନା ନଥାଏ ତେବେ ସେ ସମ୍ମାନର ସହ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ ସେଥି ପାଇଁ ଆଇନଗତ ବ୍ୟବସ୍ଥା ହେବା ଉଚିତ। ଭାରତରେ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଉ ନଥିବା ବେଳେ ପଞ୍ଜୀକୃତ ସୋସାଇଟି କମନ୍ କଜ୍ ପକ୍ଷରୁ ଏହି ପ୍ରସଂଗ ନେଇ ସୁପ୍ରିମକୋର୍ଟରେ ମାମଲା ଦାୟର କରାଯାଇଥିଲା। ୨୦୨୩ରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ରାୟର ନକଲ ଦେଶର ସବୁ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ପ୍ରଦାନ କରିବା ପାଇଁ ସୁପ୍ରିମକୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଓଡ଼ିଶାରେ ଏ ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ନାହିଁ। ଆବେଦନକାରୀ ଏହି ପ୍ରସଂଗ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରି ନଥିଲା। ଏହାପରେ ହାଇକୋର୍ଟରେ ଆବେଦନକାରୀ ଏହି ପ୍ରସଂଗ ନେଇ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଲିଭିଙ୍ଗ୍ ୱିଲ ଓ ଆଡଭାନ୍ସ ଡିରେକ୍ଟିଭ୍ ବ୍ୟବସ୍ଥା ନେଇ ରାଜ୍ୟ ସରକାର ନିୟମ ଆଣିବା ଉଚିତ। ଲିଭିଙ୍ଗ୍ ୱିଲ ଓ ଆଡଭାନ୍ସ ଡିରେକ୍ଟିଭ୍ ଏକ ଇଚ୍ଛାପତ୍ର ଭଳି ଯାହା ସଂପୃକ୍ତ ବ୍ୟକ୍ତିଙ୍କ ଜୀବଦ୍ଦଶା ଭିତରେ କାର୍ଯ୍ୟକାରୀ ହୋଇଥାଏ। ହିନ୍ଦୁ ଉତ୍ତରାଧିକାରୀ ଆଇନ ଭଳି ମୃତ୍ୟୁ ପରେ ଇଚ୍ଛାପତ୍ର କାର୍ଯ୍ୟକାରୀ ନ ହୋଇ ଏପରି ଇଚ୍ଛାପତ୍ର ଜୀବଦ୍ଦଶା ଭିତରେ କାର୍ଯ୍ୟକାରୀ ହୋଇଥାଏ। ଦୁରାରୋଗ୍ୟ ରୋଗରେ ପୀଡିତ ରୋଗୀ ଆଉ ବଞ୍ଚିବାକୁ ଯଦି ନ ଚାହିଁବେ, ତେବେ ତାଙ୍କ ଇଚ୍ଛାକୁ ସମ୍ମାନ କରାଯିବା ଉଚିତ। ସଂପୃକ୍ତ ବ୍ୟକ୍ତିଙ୍କ ଇଚ୍ଛା ଅନୁସାରେ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦ କରିଯାଇ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇ ପାରିବ।

**ଜଣେ ବ୍ୟକ୍ତିଙ୍କର ସମ୍ମାନର ସହିତ ବଞ୍ଚିବା ତଥା ସମ୍ମାନର ସହିତ ମୃତ୍ୟୁର ମଧ୍ୟ ଅଧିକାର ରହିଛି**

# ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ

**କଟକ(ଏନ୍.ଏମ୍.) :** ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ଓ ଦେଶାନ୍ତର ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନୁପ୍ରବେଶକାରୀଙ୍କ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ପ୍ରସଙ୍ଗରେ କ'ଣ ସ୍ଥିତି ରହିଛି ସେ ନେଇ ଜବାବରେ ସ୍ପଷ୍ଟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ବାଂଲାଦେଶୀ ଅନୁପ୍ରବେଶକାରୀ ଜାତୀୟ ସୁରକ୍ଷା ପ୍ରତି ବିପଦ ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଆଇନ ଅନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଏପରି ଅନୁପ୍ରବେଶକାରୀଙ୍କ ସଂଖ୍ୟା ରାଜ୍ୟରେ ବଢ଼ିବାରେ ଲାଗିଛି। ଅନୁପ୍ରବେଶକାରୀମାନେ ରାଜ୍ୟରେ ବେଆଇନ ଭାବେ ରହିବା ସହିତ ଜାଲ୍ କାଗଜପତ୍ର ଜରିଆରେ ଆଧାର କାର୍ଡ, ଭୋଟର କାର୍ଡ ଓ ରାସନ୍ କାର୍ଡ ସମେତ ଅନ୍ୟ ସରକାରୀ ପରିଚୟପତ୍ର ହାସଲ କରୁଛନ୍ତି। ଏଭଳି ସ୍ଥିତିରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହଜ ନୁହେଁ। ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଦେଶର ନାଗରିକଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ସେମାନଙ୍କୁ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନର ଆବଶ୍ୟକତା ରହିଛି। ଆଧାର କାର୍ଡ, ଭୋଟର କାର୍ଡ, ରାସନ୍ କାର୍ଡ ଯାଞ୍ଚ କରାଯାଇ ବାସ୍ତବରେ ଯେଉଁମାନେ ଅନୁପ୍ରବେଶକାରୀ ସେମାନଙ୍କ କାର୍ଡ ବାତିଲ କରାଯାଉ। ଚିହ୍ନଟ ପରେ ଅନୁପ୍ରବେଶକାରୀଙ୍କୁ ଡିଟେନସନ୍ ସେଣ୍ଟରରେ ରଖାଯିବା ସହିତ ତୁରନ୍ତ ସେମାନଙ୍କ ଦେଶକୁ ପଠାଇବା ବ୍ୟବସ୍ଥା କରାଯାଉ। ଗୃହ ମନ୍ତ୍ରଣାଳୟର ୨୦୦୯ର ଗାଇଡ୍‌ଲାଇନ ପାଳନ କରି ଏହି ପ୍ରସଙ୍ଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ମାମଲାରେ ରାଜ୍ୟ ସରକାର, ଗୃହ ସଚିବ, ପୁଲିସ ଡିଜି, ପୁଲିସ କମିସନର, କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ଶ୍ରୀ ମହାନ୍ତି ନିଜେ ଓ ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ : ମୃତକଙ୍କ ପତ୍ନୀଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.) :** ବିଚାରାଧୀନ ବନ୍ଦୀଙ୍କ ଉପଯୁକ୍ତ ଚିକିତ୍ସା ପ୍ରସଂଗରେ ଅବହେଳା ଜେଲ୍ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ପଡ଼ିଛି। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଉପଯୁକ୍ତ ଚିକିତ୍ସା ନ ପାଇ ପୁରୀଜିଲ୍ଲା ନିମାପଡା ସବ୍‌ଜେଲର ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ନେଇ ଦାୟର ମାମଲାର ହାଇକୋର୍ଟ ଶୁଣାଣି କରି ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତଥା ମୃତକଙ୍କ ପତ୍ନୀଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ୬ ସପ୍ତାହ ଭିତରେ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରେକର୍ଡରେ ଉପଲବ୍ଧ ତଥ୍ୟ, ମୃତ ବ୍ୟକ୍ତିଙ୍କ ରୋଜଗାର ଓ ଆବେଦନକାରୀଙ୍କ ଭବିଷ୍ୟତ ଜୀବନକୁ ବିଚାରକୁ ନେଇ ଆବେଦନକାରୀ ଉକ୍ତ କ୍ଷତିପୂରଣ ରାଶି ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସବିତା ନିଶଙ୍କଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀଙ୍କ ସ୍ୱାମୀ କୃତିବାସ ଖଟେଇ ଓ ପେଗା ଓ ପୋମସରା ପଞ୍ଚାୟତ ନିର୍ବାହି ଅଧିକାରୀ ଥିବା ବେଳେ ପିପିଲି ଥାନାରେ ରୁଜୁ ଏକ ମାମଲାରେ ୨୦୧୬, ସେପ୍ଟେମ୍ବର ୨୦ରେ ଗିରଫ ହୋଇ ଜେଲ ଯାଇଥିଲେ। ନିମାପଡ଼ା ସବ୍‌ଜେଲରେ ଆବେଦନକାରୀଙ୍କୁ ବିଚାରାଧୀନ ବନ୍ଦୀ ଭାବେ ରଖାଯାଇଥିଲା। ୨୦୦୮ରୁ ଆବେଦନକାରୀଙ୍କ ସ୍ୱାମୀ ମଧୁମେହରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ନେଇ ଜେଲ କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ ତାଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ନଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସ୍ୱାମୀଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ପତ୍ନୀ ଏକ ପିଟିସନ ପିପିଲି ଜେଏମଏଫସି ଅଦାଲତରେ ଦାଖଲ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଆଧାରରେ ଆବେଦନକାରୀଙ୍କ ସ୍ୱାମୀଙ୍କୁ ୨୦୧୭, ଜାନୁଆରି ୨୫ରେ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେହିଦିନ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ବାବଦ ଦେୟ ଆବେଦନକାରୀ ଦେଇଥିଲେ। କିନ୍ତୁ ସେତେବେଳକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା ଓ ଶେଷରେ ୨୦୧୭, ଜାନୁଆରି ୨୬ରେ ଆବେଦନକାରୀଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ତାଙ୍କ ସ୍ୱାମୀଙ୍କ ଜୀବନ ଯାଇଥିବା ଦର୍ଶାଇ ଆବେଦନକାରୀ ୨୦୧୭ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ହେମନ୍ତ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

**କ୍ଷତିପୂରଣ ରାଶି ୬ ସପ୍ତାହ ଭିତରେ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ**

# ଅନ୍ତଃଧାର୍ମିକ ସଂଳାପ ସାମ୍ପ୍ରଦାୟିକ ସଦ୍‌ଭାବର ଏକ ପନ୍ଥା

ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଧାର୍ମିକ ବିବିଧତା ଜୀବନର ଏକ ସ୍ୱାଭାବିକ ଅଂଶ। ଆମ ସମାଜରେ ବିଭିନ୍ନ ଧର୍ମ ବିଶ୍ୱାସ, ହିନ୍ଦୁ, ଇସଲାମ, ଖ୍ରୀଷ୍ଟିଆନ, ବୌଦ୍ଧ, ଶୋଖ୍ ଓ ଇହୁଦୀ ଧର୍ମକୁ ଅନୁଶରଣ କରୁଥିବା ବ୍ୟକ୍ତିମାନେ ନିଜ ନିଜ ବିଶ୍ୱାସ, ଅଭ୍ୟାସ ଏବଂ ପରମ୍ପରାକୁ ପାଳନ କରିଥାନ୍ତି। ବାହ୍ୟ ସ୍ତରରେ ଏହି ଧର୍ମଗୁଡିକ ଭିନ୍ନ ଲାଗୁଥିଲେ ମଧ୍ୟ ସେମାନେ ଶାନ୍ତ, ପ୍ରେମ ଦୟାର ସାଧାରଣ ମୂଲ୍ୟବୋଧକୁ ପାଳନ କରିଥାନ୍ତି। କିନ୍ତୁ ଭୁଲ ବୁଝାମଣା, ଜ୍ଞାନର ଅଭାବ ଏବଂ ବେଳେବେଳେ ରାଜନୀତି ଯୋଗୁଁ ଧର୍ମ ଦ୍ୱେଶର କାରଣ ପାଲଟିଥାଏ। ଏହା ଆମକୁ ପରସ୍ପରକୁ ବୁଝି ଶାନ୍ତିରେ ଜୀବନଯାପନ କରିବାକୁ ସାହାଯ୍ୟ କରିଥାଏ। ଗୋଟିଏ ଧର୍ମକୁ ଅନ୍ୟ ଧର୍ମ ଠାରୁ ଭଲ ବୋଲି କହିବା ଏହାର ଉଦ୍ଦେଶ୍ୟ ନୁହେଁ ବରଂ ପରସ୍ପରକୁ ବୁଝି ଶୁଣି ପରସ୍ପର ଠାରୁ ଶିକ୍ଷା ଲାଭ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଧାର୍ମିକ ମତଭେଦ ବେଳେବେଳେ ଅବିଶ୍ୱାସ, ଘୃଣା ଏବଂ ହିଂସାର କାରଣ ହୋଇଥାଏ। ଅନେକ ସମୟରେ ସମାଜରେ ସାମ୍ପ୍ରଦାୟିକ ଦଙ୍ଗା, ସାମାଜିକ ଅସ୍ଥିରତା ଏବଂ ଘୃଣା ଦେଖିବାକୁ ମିଳେ କାରଣ ଯେତେବେଳେ ଲୋକ ଅନ୍ୟ ଧର୍ମ ବିଷୟରେ ଜାଣି ନଥାନ୍ତି, ସେତେବେଳେ ମିଥ୍ୟା ତଥ୍ୟକୁ ବିଶ୍ୱାସ କରିବା କିମ୍ବା ଘୃଣା ଦ୍ୱାରା ସହଜରେ ପ୍ରଭାବିତ ହୋଇଯାଇଥାନ୍ତି। ଅନ୍ତଃଧାର୍ମିକ ଆଲୋଚନା ଏହି ଭୁଲ ବୁଝାମଣାକୁ ଦୂର କରିବା ସହିତ ସମ୍ପ୍ରଦାୟ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା, ପରସ୍ପରର ବିଶ୍ୱାସ ଏବଂ ମୂଲ୍ୟବୋଧକୁ ବୁଝିବା ଏବଂ ଶିକ୍ଷା, ପରିବେଶ ଏବଂ ସାମାଜିକ ନ୍ୟାୟ ଭଳି ସାଧାରଣ ଲକ୍ଷ୍ୟଗୁଡିକୁ ମିଳିମିଶି ହାସଲ କରିବାରେ ସାହାଯ୍ୟ କରିଥାଏ। ଏହିପରି ପ୍ରୟାସ ଶାନ୍ତି ଓ ଏକତାକୁ ପ୍ରୋତ୍ସାହିତ କରେ ଏବଂ ଅଜ୍ଞତା କିମ୍ବା ଭୟ ଦ୍ୱାରା ହେଉଥିବା ହିଂସାକୁ ବନ୍ଦ କରାଇଥାଏ। ଅନ୍ତଃଧାର୍ମିକ ଆଲୋଚନାର ମୁଖ୍ୟ ଲାଭ ହେଉଛି, ବିଭିନ୍ନ ଧର୍ମ ମଧ୍ୟରେ ସମାନତାକୁ ଖୋଜି ବାହାର କରିବା। ପ୍ରାୟ ସମସ୍ତ ଧର୍ମ ଶାନ୍ତି, ଅହିଂସା, କରୁଣା, ଦୟା, ସତ୍ୟ, ବଡମାନଙ୍କୁ ସମ୍ମାନ, ଗରିବଙ୍କ ପ୍ରତି ଯତ୍ନ, କ୍ଷମା ଏବଂ ନମ୍ରତା ବିଷୟରେ ବାର୍ତ୍ତା ଦିଅନ୍ତି। ଉଦାହରଣ ସ୍ୱରୂପ, ହିନ୍ଦୁ ଧର୍ମ ବସୁଧୈବ କୁଟୁମ୍ବକମ୍ ଅର୍ଥାତ ସମଗ୍ର ବିଶ୍ୱ ହେଉଛି ମୋ ପରିବାର, ଇସଲାମର ରହମା ଅର୍ଥାତ କରୁଣା ଏବଂ ସଲାମ ଅର୍ଥ ଶାନ୍ତି ଉପରେ ଗୁରୁତ୍ୱ ଦିଏ। ଖ୍ରୀଷ୍ଟିଆନ ଧର୍ମ ନିଜ ପଡୋଶୀଙ୍କୁ ନିଜ ପରି ଭଲ ପାଇବା ଶିଖାଏ, ବୌଦ୍ଧ ଧର୍ମ ଅହିଂସା ସଚେତନତାକୁ ପ୍ରୋତ୍ସାହିତ କରେ। ଶିଖ୍ ଧର୍ମ ସରବତ୍ ଦା ଭଲ୍ଲା ଅର୍ଥାତ ସମସ୍ତଙ୍କ ମଙ୍ଗଳ ଏବଂ ଜୈନ ଧର୍ମ ଅପରିଗ୍ରହ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଗୁରୁତ୍ୱ ଦିଅନ୍ତି। ଯେତେବେଳେ ଲୋକମାନେ ପରସ୍ପର ସହିତ ଧାର୍ମିକ ଆଲୋଚନା କରନ୍ତି ସେମାନେ ଅନୁଭବ କରନ୍ତି ଯେ, ସେମାନେ ଭିନ୍ନ ନୁହନ୍ତି, ଯାହାଦ୍ୱାରା ପରସ୍ପର ମଧ୍ୟରେ ମାନବିକତା ବୃଦ୍ଧି ପାଇଥାଏ ଓ ତାହା ହେଉଛି ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟରଭିତ୍ତିଭୂମି। ପରସ୍ପର ମଧ୍ୟରେ ଧାର୍ମିକ ଆଲୋଚନାକୁ ବଢାଇବା ପାଇଁ ଅନେକ ଉପାୟ ଅଛି। ସ୍କୁଲ କଲେଜ ଗୁଡିକ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନଜନକ ଏବଂ ବିଭିନ୍ନ ଧର୍ମ ବିଷୟରେ ଶିକ୍ଷା ଦେବା ଉଚିତ। ଯେତେବେଳେ ଛାତ୍ରଛାତ୍ରୀ ସବୁ ଧର୍ମର ସୌନ୍ଦର୍ଯ୍ୟ ବିଷୟରେ ଜାଣିଥାନ୍ତି ସେମାନେ ଅନ୍ୟ ଧର୍ମକୁ ଘୃଣା କରିବାର ସମ୍ଭାବନା ବହୁତ କମ୍ ହୋଇଥାଏ। ବିଭିନ୍ନ ଧର୍ମର ଲୋକଙ୍କୁ ସାମିଲ କରି ସେମିନାର କିମ୍ବା ୱାର୍କସପ୍ ଆୟୋଜନ ଫଳରେ ପରସ୍ପର ମଧ୍ୟରେ ବୁଝାମଣା ଗଠନ କରିବା ସହଜ ହୋଇଥାଏ। ପରସ୍ପରର ପର୍ବଗୁଡିକୁ ଏକାଠି ପାଳନ କରିବା ଆନନ୍ଦ ଏବଂ ବନ୍ଧୁତାକୁ ପ୍ରୋତ୍ସାହିତ କରିଥାଏ। ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଏବଂ ଅନ୍ୟାନ୍ୟ ପୂଜାସ୍ଥଳର ପ୍ରମୁଖମାନେ ଏକାଠି ହୋଇ ଶାନ୍ତି ଓ ଏକତାର ବାର୍ତ୍ତା ଦିଅନ୍ତି ଯାହା ଲୋକଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ସେହିପରି ଗଣମାଧ୍ୟମ ସର୍ବଦା ସୌହାର୍ଦ୍ଦ୍ୟ ଏବଂ ସହଯୋଗର ବାର୍ତ୍ତାର ପ୍ରସାର କରିବା ଉଚିତ। ଯୁବସମାଜ ହେଉଛନ୍ତି ସମାଜର ଭବିଷ୍ୟତ। ଛାତ୍ର ଏବଂ ଯୁବଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ଆଲୋଚନା ଚକ୍ର କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ପରସ୍ପର ମଧ୍ୟରେ ଦୀର୍ଘସ୍ଥାୟୀ ସମ୍ପର୍କ ସ୍ଥାପନ କରିଥାଏ। ଯେତେବେଳେ ବିଭିନ୍ନ ଧର୍ମର ଲୋକେ ମିଳିମିଶି କାମ କରନ୍ତି ସେମାନେ ନିଜର ପାର୍ଥକ୍ୟକୁ ଭୁଲିଯାଆନ୍ତି। ଭାରତରେ ସମୟ ସମୟରେ ସାମ୍ପ୍ରଦାୟିକ ଘଟଣା ଘଟୁଥିଲେ ମଧ୍ୟ ଧାର୍ମିକ ସୌହାର୍ଦ୍ଦ୍ୟର ଅନେକ କାହାଣୀ ମଧ୍ୟ ଦେଖିବାକୁ ମିଳେ। ଉଦାହରଣ ସ୍ୱରୂପ, କେରଳର ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ ପରସ୍ପରର ପର୍ବପର୍ବାଣୀରେ ସାମୁହିକ ଭାବେ ଭାଗ ନେଇଥାନ୍ତି। ସେହିପରି ପଞ୍ଜାବରେ ମୁସଲମାନ ଏବଂ ଶିଖମାନେ ଉଭୟ ମିଶି ମସଜିଦ୍ ଏବଂ ଗୁରୁଦ୍ୱାର ଗୁଡିକର ପୁନଃରୁଦ୍ଧାର କରିଛନ୍ତି। ଦେଶରେ ଇଦ୍ ଏବଂ ଦୀପାବଳୀ ସମୟରେ ବିଭିନ୍ନ ସମ୍ପ୍ରଦାୟର ଲୋକ ନିଜ ମଧ୍ୟରେ ମିଠା ଏବଂ ଶୁଭେଚ୍ଛାର ଆଦାନ ପ୍ରଦାନ କରିଥାନ୍ତି। ଅନେକ ସମୟରେ ବିଭିନ୍ନ ଧର୍ମ ବିଶ୍ୱାସର ନେତାମାନେ ହିଂସାକୁ ରୋକିବା ପାଇଁ ଶାନ୍ତିର ଶୋଭାଯାତ୍ରାରେ ଏକାଠି ହୁଅନ୍ତି। ଅନ୍ତଃଧାର୍ମିକ ଆଲୋଚନାର ପରମ୍ପରାକୁ ବିସ୍ତାର କରିବା ସହଜ ନୁହେଁ। ସମାଜେ ଏବେ ମଧ୍ୟ ଅନେକ ଅଜ୍ଞତା, ପକ୍ଷପାତ ଏବଂ ସନ୍ଦେହ ରହିଛି। କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ରାଜନୈତିକ ଲାଭ ପାଇଁ ଲୋକଙ୍କୁ ବିଭାଜନ କରିବା ପାଇଁ ଧର୍ମର ଅପପ୍ରଚାର କରନ୍ତି। ଅନ୍ୟ ପକ୍ଷରେ କିଛି ଲୋକ ବିଶ୍ୱାସ କରନ୍ତି ଯେ, ଅନ୍ୟ ଧର୍ମ ବିଷୟରେ ଆଲୋଚନା କରିବା ସେମାନଙ୍କ ନିଜ ଧର୍ମର ବିଶ୍ୱାସକୁ ଦୁର୍ବଳ କରିପାରେ। କିନ୍ତୁ ଆଲୋଚନାର ଅର୍ଥ ସବୁ କିଛି ସହ ସହମତ ହେବା ନୁହେଁ। ଏହାର ଅର୍ଥ ହେଉଛି ପାର୍ଥକ୍ୟ ରହିଥିଲେ ମଧ୍ୟ ପରସ୍ପରକୁ ସମ୍ମାନ ଦେବା। ପ୍ରକୃତରେ ଧର୍ମ ଖୋଲା ଆଲୋଚନା, ନମ୍ରତା ଏବଂ କରୁଣାର ଶିକ୍ଷା ଦେଇଥାଏ। ଅନ୍ତଃଧାର୍ମିକ ଆଲୋଚନା କେବଳ ଧର୍ମ ବିଷୟରେ ନୁହେଁ, ଏହାର ଉଦ୍ଦେଶ୍ୟ ହେଉଛି ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ତିଆରି କରିବା ଯେଉଁଠାରେ ସମସ୍ତେ ସମ୍ମାନିତ ଏବଂ ସମାବେଶିତ ଅନୁଭବ କରିବେ। ଭୟ ଏବଂ ଘୃଣାକୁ ଦୂର କରିବା ପାଇଁ ଏହା ହେଉଛି ଏକ ଶକ୍ତିଶାଳୀ ମାର୍ଗ। ଯେତେବେଳେ ବିଭିନ୍ନ ବିଶ୍ୱାସର ଲୋକେ ଆଲୋଚନା କରନ୍ତି, ଶୁଣନ୍ତି ଏବଂ ଶିଖନ୍ତି, ସେମାନେ ସମନ୍ୱୟର ବୀଜ ବୁଣନ୍ତି ଯାହା ଆଗକୁ ଯାଇ ଶାନ୍ତି ଏବଂ ଏକତାର ଏକ ଶକ୍ତ ବୃକ୍ଷରେ ପରିଣତ ହୋଇଥାଏ। ଭାରତ ଭଳି ଏକ ବିବିଧ ଧର୍ମାବଲମ୍ବୀ ଦେଶ ଏବଂ କ୍ରମ ସଂଯୋଜିତ ବିଶ୍ୱରେ ଅନ୍ତଃଧାର୍ମିକ ଆଲୋଚନା ଏକ ଚୟନ ନୁହେଁ ବରଂ ଏକ ଆବଶ୍ୟକତା ଅଟେ।

- ଅଲତାଫ୍ ମିର, ପିଏଚଡି
ଜାମିଆ ମିଲିଆ ଇସଲାମିଆ

# ଅନୁପ୍ରବେଶ ଏକ ବିକଟ ସମସ୍ୟା

ସାମ୍ପ୍ରତିକ ସନ୍ଦର୍ଭରେ, ଅନୁପ୍ରବେଶ ଶବ୍ଦଟି ଆତଙ୍କର ପରିଚାୟକ ହୋଇଯାଇଛି। ସୀମା ଉଲ୍ଲଂଘନ କରି ଅନ୍ୟର କ୍ଷେତ୍ର ଅତିକ୍ରମ କରିବା ଅଥବା ଅବୈଧ ଉପାୟରେ ସେଠାରେ ବସବାସ କରିବାର କାଣ୍ଡକାରଖାନାକୁ ଅନୁପ୍ରବେଶ କୁହାଯାଏ। ଭାରତରେ ଅନେକ ସମୟରୁ ଅନୁପ୍ରବେଶ ଏକ ପ୍ରମୁଖ ସମସ୍ୟା ସାଜି ରହିଛି। ଏହା ପଛରେ ଦେଶର କିଛି ରାଜନେତା ତଥା ରାଷ୍ଟ୍ରବିରୋଧୀ ତତ୍ତ୍ୱଙ୍କର ବଡ଼ ଭୂମିକା ରହିଛି, ଯେଉଁମାନେ ଏମାନଙ୍କୁ ଆମ ଦେଶରେ ସବୁ ରକମର ସୁଖ-ସୁବିଧା ଯୋଗାଇ ଦେଇଥାନ୍ତି। ପୁଲିସ୍ ପାଖରୁ ଏମାନଙ୍କୁ ଘଣ୍ଟ ଘୋଡ଼ାଇ ରଖାଯିବା ଉଦ୍ଦେଶ୍ୟରେ ଏ ଅନୁପ୍ରବେଶକାରୀଙ୍କୁ ସରକାରୀ କାଗଜପତ୍ର- ଆଧାର କାର୍ଡ୍, ଭୋଟର୍ କାର୍ଡ୍, ରାସନ୍ କାର୍ଡ୍, ବିପିଏଲ୍ କାର୍ଡ୍ ଆଦି- ଉପଲବ୍ଧ କରାଯାଇଥାଏ। ଏଥିପାଇଁ ଏକ ବଡ଼ ଗ୍ୟାଙ୍ଗ୍ ପ୍ରାୟ ସବୁ ରାଜ୍ୟରେ ସକ୍ରିୟ ରହିଛନ୍ତି। ଏମାନଙ୍କ ମଧ୍ୟରେ ସାମିଲ୍ ରାଜନେତା, କୁଜିନେତା, ଦଲାଲ୍, ଅସାଧୁ କମର୍ଚାରୀ ଓ ଏମିତି ଆହୁରି ଅନେକ। ସ୍ୱାଧୀନତା ସମୟରୁ ହିଁ ଭାରତରେ ଅନୁପ୍ରବେଶ ଆରମ୍ଭ ହୋଇଯାଇଛି। ସେ ସମୟରେ ଦେଶର ସାଧାରଣ ନାଗରିକଙ୍କୁ ଏ ଅନୁପ୍ରବେଶଜନିତ ବିଭୀଷିକାର ଅନୁମାନ ନଥିଲା। ଏଥି ପ୍ରତି ଲୋକଙ୍କ ସେତେଟା ନଜର ମଧ୍ୟ ନଥିଲା। ସ୍ୱାଧୀନତା ସମୟରେ ବିପୁଳ ସଂଖ୍ୟାରେ ମୁସଲମାନ୍, ଏକ ସୁନିୟୋଜିତ ଷଡ଼ଯନ୍ତ୍ର ଅନ୍ତର୍ଗତ, ଅଧା ପରିବାର ଭାରତରେ ଓ ଆଉ ଅଧା ପାକିସ୍ତାନ୍‌ରେ ବସବାସ କରିବାକୁ ଲାଗିଲେ। ଏହା ପଛରେ ଏମାନଙ୍କର ଭାବନା ଥିଲା ଭାରତରେ ସ୍ଥିତ ସମ୍ପତି ଉପରେ କବ୍‌ଜା ଅବ୍ୟାହତ ରଖିବା ଓ ଏ ଦେଶର ଜନସଂଖ୍ୟାକୁ ପ୍ରଭାବିତ କରିବା। ପାକିସ୍ତାନ୍ ଗଠନର କାରିଗର ଜିନ୍ନା ନିଜର ଏକ ପତ୍ନୀଙ୍କୁ ଧରି ପାକିସ୍ତାନ୍ ଚାଲିଗଲେ ଓ ଝିଅକୁ ଏହିଠାରେ ଛାଡ଼ିଗଲେ। ଝିଅଟି କୌଣସି ବିଷୟକୁ ନେଇ ବିଦ୍ରୋହ କରିଥିବାର କଥା ଶୁଣାଯାଇଥାଏ। ଅନ୍ୟ ଏକ ଘଟଣାରେ, ପାକିସ୍ତାନ୍ ସମଥର୍କ ଭୋପାଳ ନବାବ୍ ହମିଦୁଲ୍ଲା ଖାନ୍‌ର ଜେଣ ଝିଅ ମଧ୍ୟ ପାକିସ୍ତାନ୍ ଚାଲିଯାଇଥିଲା ଓ ଆଉ ଜଣେ ଝିଅ ଭୋପାଳର ସମ୍ପତି ଉପରେ କବ୍‌ଜା ବଜାୟ ରଖିଥିଲା। ଏମାନଙ୍କର ଭାରତ-ପାକିସ୍ତାନ୍ ଆତଯାତ ନିୟମିତ ରହିଆସିଥିଲା। ମୁସଲିମ୍ ଲିଗ୍ ଓ ପାକିସ୍ତାନ୍ ସମଥର୍କଙ୍କର ରଣନୀତିର ପରିଣାମ ସ୍ୱରୂପ ମୁସଲମାନ୍‌ଙ୍କର ଅଧିକାଂଶ ସମ୍ପତି ସୁରକ୍ଷିତ ରହିଲା, କିନ୍ତୁ ପାକିସ୍ତାନ୍‌ରୁ ହିନ୍ଦୁମାନଙ୍କୁ ଅକଥନୀୟ ନିର୍ଯ୍ୟାତନାର ସମ୍ମୁଖୀନ ହେବାକୁ ପଡ଼ିଗଲା ଓ ପରିଶେଷରେ ଏମାନଙ୍କୁ ବିତାଡ଼ିତ କରିଦିଆଗଲା। ହିନ୍ଦୁଙ୍କର ଧନସମ୍ପତ୍ତି ଉପରେ ମୁସିମ୍ ତତ୍ତ୍ୱ କବ୍‌ଜା କରିନେଲେ। ଯେଉଁ ହିନ୍ଦୁ ସେଠାରୁ ପଳାୟନ କରିପାରିଲେନାହିଁ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଧର୍ମାନ୍ତରିତ କରାଯାଇ ମୁସଲମାନ୍ କରିଦିଆଗଲା। ସ୍ୱାଧୀନତା ସମୟରେ ପାକିସ୍ତାନ୍‌ରେ ହିନ୍ଦୁ ଥିଲେ ୨୨ ପ୍ରତିଶତ, ଯାହା ଆଜି ହ୍ରାସ ପାଇ ଏକ-ଦେଢ଼ ପ୍ରତିଶତ ହୋଇଯାଇଛି। ୧୯୭୧ରେ ବଙ୍ଗଳାଦେଶ ମୁକ୍ତି ସଂଘର୍ଷ ପର୍ଯ୍ୟାୟରେ ପୂର୍ବ-ପାକିସ୍ତାନ୍‌ରୁ ପ୍ରାୟ ଦେଢ଼-ଦୁଇ କୋଟି ମୁସଲମାନ୍ ବଙ୍ଗଳାଦେଶରୁ ପଳାୟନ କରି ଭାରତର ସୀମାବର୍ତ୍ତୀ ରାଜ୍ୟମାନଙ୍କୁ ଆସିଥିଲେ। ଏମାନେ ଆସିଥିଲେ ଶରଣାର୍ଥୀ ସାଜି, କିନ୍ତୁ ସେମାନଙ୍କ ମଧ୍ୟରୁ ଏକ ବଡ଼ ଜନସଂଖ୍ୟା, ବଙ୍ଗଳାଦେଶ ଗଠନ ପରେ, ନିଜ ଦେଶକୁ ଫେରିନଥିଲେ ଓ ତତ୍କାଳୀନ ଭାରତ ସରକାର ଏ ଦେଶରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚିତ ମଣିନଥିଲେ। ଅସାମ ଓ ପଶ୍ଚିମବଙ୍ଗ ସହ ବିହାରର ସୀମାବର୍ତୀ ଜିଲ୍ଲାମାନଙ୍କରେ ଆଜି ବିରାଟ ଜନସାଂଖ୍ୟକୀୟ ପରିବର୍ତ୍ତନ ଦେଖାଯାଇପାରେ। ବଙ୍ଗଳାଦେଶୀ ଅନୁପ୍ରେବଶକାରୀଙ୍କ ସହ ରୋହିଙ୍ଗିଆଙ୍କର ମଧ୍ୟ ଏକ ବଡ଼ ଜନସଂଖ୍ୟା ଏ ଖେଳରେ ସାମିଲ ରହିଛନ୍ତି। ଆଜିର ତଥ୍ୟ ହେଲା, ପଶ୍ଚିମବଙ୍ଗର ମମତା ସରକାର ଏ ଅନୁପ୍ରବେଶକାରୀଙ୍କୁ ଭାରତର ନାଗରିକ କରାଇବାର ‘ଗୁରୁଦାୟିତ୍ୱ’ ମୁଣ୍ଡାଇ ରଖିଛନ୍ତି। ଏ ରାଜ୍ୟର ସୀମାବର୍ତୀ ଜିଲ୍ଲାମାନଙ୍କରେ ହିନ୍ଦୁଙ୍କ ସଂଖ୍ୟା ମୁସଲମାନ୍‌ଙ୍କ ସହ ପ୍ରାୟ ସମାନ ହୋଇଚାଲିଛି। ମମତା ସରକାର ଏମାନଙ୍କୁ ଏକ ରକଧେର ଖୋଲା ସମଥର୍ନ ଯୋଗାଇ ଚାଲିଛନ୍ତି। ସୁତରାଂ ଏଥିରେ ତୃଣମୂଳ କଂଗ୍ରେସ୍‌ର କର୍ମକର୍ତା ରହିବା ସ୍ୱାଭାବିକ ଓ ରହିଛନ୍ତି ମଧ୍ୟ। ସୁନିୟୋଜିତ ପଦ୍ଧତିରେ ଏ ଅନୁପ୍ରବେଶକାରୀଙ୍କୁ ପଶ୍ଚିମବଙ୍ଗରୁ ଅନ୍ୟ ରାଜ୍ୟକୁ ମଧ୍ୟ ପଠାଯାଇଥାଏ। ଭାରତୀୟ ପୁଲିସ ସେବାର ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି ଯେ ପଶ୍ଚିମବଙ୍ଗରେ ଜାଲି ନଥିପତ୍ର ସହାୟତାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଭାରତକୁ ଅଣାଯାଉଛି ଓ ଯାହାର ନାହିଁ, ସେମାନଙ୍କୁ ଏହିଠାରେ ସବୁ ଉପଲବ୍ଧ କରାଇଦିଆଯାଉଛି। ଏବେ ଅନେକ ରାଜ୍ୟରେ ଏହାର ଗଭୀର ଖୋଳତାଡ଼ ଆରମ୍ଭ ହେବାରେ ଏହାର ସତ୍ୟତା ପ୍ରତିପାଦନ ହୋଇପାରିଛି। କିଛି ଲୋକ ତ ନିଜର ପରିଚୟ ସୁଦ୍ଧା ବଦଳାଇ ଦେଇଛନ୍ତି। ଏ ଅନୁପ୍ରବେଶକାରୀଙ୍କୁ ଦେଶରୁ ବିତାଡ଼ିତ କରାଯିବାର ଉଠିବା ମାତ୍ରକେ କଥିତ ଲିବରାଲ୍ ଗ୍ୟାଙ୍ଗ୍ ଏମାନଙ୍କ ସମର୍ଥନରେ କାନ୍ଦବୋବାଳି ଆରମ୍ଭ କରିଦିଅନ୍ତି। ଏଥିପାଇଁ ଏମାନେ ସୁପ୍ରିମ୍ କୋର୍ଟ୍‌ର ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ଯେବେ ବିରୋଧୀ ଦଳରେ ଥିଲେ, ସଂସଦରେ ଏ ପ୍ରସଙ୍ଗ ଉତ୍‌ଥାପିତ କରି କହିଥିଲେ ଯେ ରାଜ୍ୟର ତତ୍କାଳୀନ କମ୍ୟୁନିଷ୍ଟ ସରକାରଙ୍କ ସମର୍ଥନରେ ଏ ଅନୁପ୍ରେବଶ କାର୍ଯ୍ୟକଳାପ ଚାଲିଛି। ସେଇ ମମତା ପରବର୍ତୀ ସମୟରେ ସତତା ଘୋଡ଼ାରେ ବସିବା ପରେ ନିଜେ ଅଭିଯୋଗ କରିଥିବା କାମକୁ ବନ୍ଦ କରିବା ତ ଦୂରର କଥା, ଓଲଟି ଏହାକୁ ତ୍ୱରାନ୍ୱିତ କରିଦେଇଥିବାର ପ୍ରତୀତ ହଉଛି। ଏହି କାରଣରୁ କେନ୍ଦ୍ର ସରକାରଙ୍କର ଅନେକ ପ୍ରୟାସ ସତ୍ତ୍ୱେ ମଧ୍ୟ ପଶ୍ଚିମବଙ୍ଗରୁ ଏମାନଙ୍କୁ ବାହାର କରାଯାଇପାରୁ ନାହିଁ। ଭୋଟ୍‌ବ୍ୟାଙ୍କ୍ ଅନ୍ତରାଳରେ ରାଷ୍ଟ୍ରୀୟ ସୁରକ୍ଷା ଓ ଅଖଣ୍ଡତା ସହ ଏ ଧରଣର ଗର୍ହିତ ପିଲଖୋଳର ଅନୁମତି କାହାକୁ ହେଲେ ମିଳିବା ଉଚିତ କି ? ଅନୁପ୍ରବେଶକାରୀଙ୍କ ସମର୍ଥକମାନେ ଏକଥା କହୁଥିବାର ଶୁଣିବାକୁ ମିଳିଥାଏ, “ଦେଶରେ ତ ଏତେ ଲୋକ ରହିଛନ୍ତି, ଆଉ କିଛି ଲୋକ ଏଠାକୁ ଆସିଗଲେ କି ଅସୁବିଧା ହୋଇଯିବ ?” ବାସ୍ତବରେ, ଏହା ଏକ କୁତର୍କ ଓ ରାଷ୍ଟ୍ରବିରୋଧୀ ଭାବନାର ପରିଚାୟକ। ପ୍ରାୟ ପୂରା ୟୁରୋପ୍ ଆଜି ଏଇ ସମସ୍ୟା କାରଣରୁ ତ୍ରସ୍ତ। ଲୋକେ କହୁଥଲେ ୟୁରୋପ୍ କୁଆଡ଼େ ‘ବିକଶିତ’ ! ଆଜି ଯାହା ଦେଖାଯାଉଛି, ସେଠାରେ ଅବସ୍ଥା ଅସମ୍ଭାଳ। ସେଠାରେ ମଧ୍ୟ ଏଇ ଲିବରାଲ୍ ଗ୍ୟାଙ୍ଗ୍ ବେଶ୍ ସକ୍ରିୟ। ଏମାନେ ୟୁରୋପ୍‌ର ପ୍ରାୟ ସବୁ ସରକାରୀ କଳ ଉପେର ନିୟନ୍ତ୍ରଣ ରଖିଥିବାର ଜଣାଯାଏ। ବିଭିନ୍ନ ସରକାରୀ ନିର୍ଣ୍ଣୟରେ ଏହାର ଝଲକ ଦେଖିବାକୁ ମିଳିଥାଏ। ଏକ ଅନୁମାନ ଅନୁସାରେ ପଶ୍ଚିମବଙ୍ଗରେ ପ୍ରାୟ ୬୦ ଲକ୍ଷ ଓ ଆସାମରେ ୫୦ ଲକ୍ଷ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀ ଆସ୍ଥାନ ଜମାଇ ରହିଛନ୍ତି। ସବୁ ଭାରତୀୟ ନଥିପତ୍ର ଏମାନଙ୍କୁ ଉପଲବ୍ଧ କରାଯାଇଛି। ଆସାମର ବେପର୍ଟା, ଧୁବରୀ, ନୌଗାଓଁ, କରିମଗଞ୍ଜ, ଦରଙ୍ଗ, ମୋରୀଗାଓଁ, ବୋଙ୍ଗାଇଗାଓଁ, ଗୋଲପଡ଼ା ଓ ହେଲାକାଣ୍ଡି ଜିଲ୍ଲାରେ ମୁସଲିମ୍ ଜନସଂଖ୍ୟା ୮୦ ପ୍ରତିଶତ ହୋଇଯାଇଛି। ଦେଶର ରାଜଧାନୀ ଦିଲ୍ଲୀରେ ହିଁ ଲକ୍ଷାଧିକ ସଂଖ୍ୟାରେ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କୁ ରଖାଯାଇ ସେମାନଙ୍କୁ ସବୁ ରକମର ସୁଖ ସୁବିଧା ମଧ୍ୟ ଦେବାର ବ୍ୟବସ୍ଥା କରାଯାଇଛି। ଅହମ୍ମଦାବାଦ୍‌ର ଚାନ୍ଦୋଲା ହ୍ରଦ କ୍ଷେତ୍ରକୁ ଏ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀ ଏକରକମରେ କବ୍‌ଜା କରିନେଇଥିଲେ। ଲୋକେ ଏହାକୁ ‘ମିନି ବଙ୍ଗଳାଦେଶ’ କହୁଥିଲେ। ଏ କ୍ଷେତ୍ରଟି ୧୨ ହେକ୍ଟର୍ ବିସ୍ତୃତ। ଏ ସମ୍ପୂର୍ଣ୍ଣ କ୍ଷେତ୍ରଟି ନାନା ରକମର ଅପରାଧିକ କାର୍ଯ୍ୟକଳାପ ପାଇଁ କୁଖ୍ୟାତ ଥିଲା। ଏମାନଙ୍କର ଉତ୍ପାତ କାରଣରୁ ସମୀପବର୍ତୀ କ୍ଷେତ୍ରର ଅଧିବାସୀ ନିୟମିତ ଭାବେ ନାନାବିଧ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଇ କିଛି ଦିନ ପୂର୍ବେ, ଏମାନଙ୍କୁ ହଟାଇବାରେ ଗୁଜୁରାଟ ସରକାରଙ୍କୁ ବେଶ୍ କଠିନତା ସ୍ୱୀକାର କରିବାକୁ ପଡ଼ିଥିଲା। ଏମାନଙ୍କ ପକ୍ଷପୋଷକ ଗୋଷ୍ଠୀ ଜବରଦଖଲ ଉଚ୍ଛେଦ ବିରୋଧେର ଗୁଜୁରାଟ ହାଇକୋର୍ଟ୍‌ର ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ସେଠାରୁ ନିରାଶ ହୋଇ ଫେରିଥିଲେ। ସୁପ୍ରିମ୍ କୋର୍ଟ୍ ମଧ୍ୟ ତାଙ୍କର ଏକ ନିର୍ଦ୍ଦେଶରେ ଦେଶେର ଅବୈଧ ଭାବେ ରହୁଥିବା ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରେବଶକାରୀଙ୍କୁ ଏଠାରୁ ବିତାଡ଼ିତ କରି ତାଙ୍କ ନିଜ ଦେଶକୁ ପଠାଯିବାକୁ କହିଥିଲେ। ନିଜ ନାଗରିକଙ୍କ ପାଇଁ ଭାରତ ସରକାର ଏନ୍‌ଆର୍‌ସିର ସୂତ୍ରପାତ କରିଥିଲେ ଓ ଏହାକୁ ନେଇ ବିରୋଧୀ ଦଳ ବେଶ୍ ହୋ-ହଲ୍ଲା କରିଥିଲେ। କୌଣସି ରକମର ସାଲିସ୍ ବିନା ସରକାର ଏହାକୁ କଠୋରତା ସହକାରେ ଲାଗୁ କରାଇବା ଜରୁରୀ। ସୂଚନାଯୋଗ୍ୟ ଯେ ୨୦୨୦ରେ ଦିଲ୍ଲିରେ ଘଟିତ ଦଙ୍ଗାରେ ଚର୍ଚ୍ଚିତ ଅନୁପ୍ରବେଶକାର ତତ୍ତ୍ୱ ହିଁ ପ୍ରମୁଖ ଭୂମିକା ନିର୍ବହନ କରିଥିଲେ। ମୋଟ ଉପରେ କୁହାଯାଇପାରେ ଯେ ଏହା ଏକ ବିରାଟ ସଙ୍କଟ ରୂପେ ରାଷ୍ଟ୍ର ସମକ୍ଷରେ ଦଣ୍ଡାୟମାନ ଓ ଏହାର ତୁରନ୍ତ ପ୍ରତିକାର ଜରୁରୀ।

- ଆର୍ଯ୍ୟ ମିଶ୍ର
ଜ୍ୟୋତିଷ ନଗର,
କଟକ ୭୫୩ ୦୦୧

# ସ୍ୱାମୀ ବିବେକାନନ୍ଦଙ୍କର ଶିକ୍ଷା ଦର୍ଶନ

ବିବେକାନନ୍ଦଙ୍କର ଶିକ୍ଷା ଦର୍ଶନ ବୈଦାନ୍ତିକ ସିଦ୍ଧାନ୍ତ ଉପରେ ଅଧିଷ୍ଠିତ ହେଲେ ହେଁ ଏଥିରେ ଆଧୁନିକତାର ସ୍ୱର ବହୁଧା ଗୁଞ୍ଜରିତ। ଯୁବ ସମାଜ ପ୍ରତି ତାଙ୍କର ଆହ୍ୱାନ ଏକ ଯୁଗାନ୍ତକାରୀ ଅମ୍ଳାନ ସ୍ୱାକ୍ଷର। ଭାରତୀୟ ଶିକ୍ଷାର ମୌଳିକ ସଂଜ୍ଞା ମୂଲ୍ୟବୋଧଭିତିକ। ଏ ସଂପର୍କରେ ବିବେକାନନ୍ଦଙ୍କ ନିର୍ଣ୍ଣିତ ପ୍ରାସଙ୍ଗିକତାର ଉତ୍ସ ହେଉଛି – ଉତମ ଚରିତ୍ର ଗଠନ, ମାନସିକ ପରିବେଶ ଅଭିବୃଦ୍ଧି, ବୌଦ୍ଧିକ ଚିନ୍ତାଧାରାର ପରିବ୍ୟାପ୍ତି, ଯାହାକି ବ୍ୟକ୍ତିକୁ ସମାଜରେ ସ୍ୱାଧୀନ ଭାବେ ଜୀବନ ଧାରଣ ପାଇଁ ପଥଚାରୀ କରିଥାଏ। ସାମ୍ପ୍ରତିକ ବସ୍ତୁବାଦୀ ସମାଜ ଉଚ୍ଚ-ନୀଚ ଭେଦଭାବର ଭିତିଭୂମି ଉପରେ ଅଙ୍କିତ ହୋଇ ମନୁଷ୍ୟକୁ ବିପଥଗାମୀ କରିଦେଇଛି। ମାତ୍ର ବୈଦିକ ଶିକ୍ଷା ସ୍ୱତଃ ଐକ୍ୟ ଏବଂ ମାନବିକ ସଂସ୍କୃତିର ଆଧାରରେ ରୁଦ୍ଧିମନ୍ତ ଓ ରୁଚିଶୀଳ। ଅଧୁନା ଯୁବ ସଂପ୍ରଦାୟ ମାନବିକତା ମୂଲ୍ୟବୋଧର ମୂଳନୀତିକୁ ପରିହାର କରି ଡାକ୍ତର, ଇଞ୍ଜିନିୟର ତଥା ଅର୍ଥକାରୀ ଚାକିରି ସର୍ବସ୍ୱ ଜୀବନ ଧାରଣରେ ମସଗୁଲ, ଯାହା ସେମାନଙ୍କୁ ଅମାପ ଧନର ଅଧିକାରୀ କରିଥାଏ ସିନା ସେମାନେ ନିନ୍ଦିତ, ନିଷ୍ପେସିତ ଓ ଅବହେଳିତ ମଣିଷର ଅନ୍ତର୍ଦ୍ୱନ୍ଦକୁ ହୃଦୟଙ୍ଗମ କରିବାରେ ଅସମର୍ଥ। ତେଣୁ ଆମ ସମ୍ମୁଖରେ ସମୟ ଉପଗତ ଯଦ୍ୱାରା ମୂଲ୍ୟବୋଧ ଶିକ୍ଷାର ପୁନଃ ଅବତାରଣା କରି ଆମେ ସମାଜକୁ ସଠିକ ମାର୍ଗରେ ଆଗୁସାର କରିପାରିବା। ବିଶେଷତଃ ଶିକ୍ଷାୟତନରେ ମୂଲ୍ୟବୋଧଭିତିକ ଶିକ୍ଷାର ପ୍ରଚଳନକୁ ପ୍ରାଥମିକ ସ୍ତରରୁ ପ୍ରାଧାନ୍ୟ ଦେବା ବାଞ୍ଛନୀୟ। ତେଣୁ ବିଭିନ୍ନ ସ୍ତରରେ ଶିକ୍ଷାର୍ଥୀମାନଙ୍କ ପାଇଁ ନୈତିକ ଶିକ୍ଷାର ପ୍ରଣୟନ ଏବଂ ଉପଯୁକ୍ତ ପରିବେଶର ସଂସ୍ଥାପନ ଏକାନ୍ତ ଅପରିହାର୍ଯ୍ୟ। ବିବେକାନନ୍ଦ ଶିକ୍ଷା ସମ୍ବନ୍ଧିତ ଏକ ଉକ୍ତିରେ ଦର୍ଶାଇଛନ୍ତି – ଶିଶୁ ପ୍ରାଣରେ ନିବିଷ୍ଟ ପରିପୂର୍ଣ୍ଣ ଗୁଣଗୁଡିକର ବିକାଶ ସାଧନ ହିଁ ଶିକ୍ଷା। ସମାଜ ସଂସ୍କାରକ ଭାବେ ସେ କେବଳ ଜନୈକ ଦିଗ୍‌ଦର୍ଶକ ନୁହନ୍ତି ବରଂ ଜଣେ ଶିକ୍ଷାବିତ୍ ଭାବେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗକୁ ଶିକ୍ଷା କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ପଶ୍ଚାତପଦ ହୋଇନାହାନ୍ତି। ବିବେକାନନ୍ଦ ଭାରତରେ ଜଣେ ଧର୍ମ ସଂସ୍କାରକ ଭାବେ ସମାଜରେ ନାରୀ ଓ ପୁରୁଷକୁ ସମାନ ଅଧିକାର ଦେବା ସପକ୍ଷରେ ନିଜର ଦୃଢ ସ୍ୱର ଉତୋଳନ କରିବାରେ ଥିଲେ ପ୍ରଥମ। ଦେଶ ଓ ସମାଜର ପ୍ରଗତି ପାଇଁ ନାରୀ ସ୍ୱାଧୀନତା ଏବଂ ସମାନତା ଯେ ଅପରିହାର୍ଯ୍ୟ, ତାହାକୁ ସେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ। ତାଙ୍କ ମତରେ ନାରୀମାନେ ସେମାନଙ୍କର ସମସ୍ୟାକୁ ସ୍ୱଚିନ୍ତା ଓ ସ୍ୱଦକ୍ଷତା ଦ୍ୱାରା ସମାଧାନ କରିବା ଦରକାର ଓ ସେଥିପାଇଁ ସେମାନଙ୍କୁ ବିଭିନ୍ନ କ୍ଷମତାରେ ଅଭିଷିକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ନାରୀଶିକ୍ଷାକୁ ସେ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରୁଥିଲେ। ପ୍ରଚଳିତ ମତରେ ବକ୍ତବ୍ୟ ହେଉଛି କ୍ଷୀଣ ଶିକ୍ଷା, ବର୍ଣ୍ଣନାଧର୍ମୀ ହେଉଛି ସାଧାରଣ ଶିକ୍ଷା, ପ୍ରଦର୍ଶନ ହେଉଛି ଉତମ ଶିକ୍ଷା ଏବଂ ପ୍ରେରଣା ପ୍ରବଣତା ହିଁ ସର୍ବଶ୍ରେଷ୍ଠ ଶିକ୍ଷା ଭାବେ ଅଭିହିତ। ଶିକ୍ଷା ବିଭିନ୍ନ ଘଟଣାବଳୀର ସଂଯୋଜନାତ୍ମକ ସମାହାର ନୁହେଁ ବରଂ ଏହା ଜ୍ଞାନ ଓ ମୂଲ୍ୟବୋଧଭିତିକ। ସଭ୍ୟତାର ଉତରଣ ପର୍ଯ୍ୟାୟରୁ ଏଯାବତ ମନୁଷ୍ୟ ସର୍ବୋଚ୍ଚ ଶାନ୍ତି, ପ୍ରଗତି, ସୁଖ ସମୃଦ୍ଧି ଏବଂ ସ୍ୱୟଂ ସଂପୂର୍ଣ୍ଣତା ପ୍ରାପ୍ତି ଆଶାରେ ସର୍ବଦା ଆତ୍ମ ପ୍ରୟାସୀ ଓ ଅଭୀପ୍‌ସୁ। ବିବେକାନନ୍ଦ ସମଗ୍ର ବିଶ୍ୱ ସମ୍ମୁଖରେ ଏକ ସତ୍ୟାନୁମୋଦିତ ଭାରତର ଚିତ୍ର ବୈଦିକ ପରମ୍ପରା ଆଧାରରେ ମନ୍ମୟ ଭାବେ ଉପସ୍ଥାପିତ କରିଯାଇଛନ୍ତି, ଯାହାକି ବେଦର “ସତ୍ୟମେବ ଜୟତେ” ସୂକ୍ତିର ପ୍ରଚୋଦନକୁ ସ୍ୱୀକାର କରେ। ଭାରତୀୟମାନଙ୍କ ମତରେ ପବିତ୍ର ଭାରତଭୂମିର ପରମ୍ପରା ଓ ସାଂସ୍କୃତିକ ଚେତନାର ପ୍ରକରଣ ପାଇଁ ବାସ୍ତୁବାଦୀ ପାଶ୍ଚାତ୍ୟ ସଂସ୍କୃତିରୁ ମୁହଁ ଫେରାଇ ଆଣି ଭାରତର ମହନୀୟ ଆତ୍ମିକ ଚେତନାର ଭୂୟସୀ ଜୟଗାନ କରିଛନ୍ତି। ଆବହମାନକାଳରୁ ଭାରତର ଶିକ୍ଷା ଓ ସଂସ୍କୃତି ଏକ ଦୃଢ ଐକ୍ୟବୋଧ ଉପରେ ଅଧିଷ୍ଠିତ। ଏହାର ଗରୀୟାନ ପରମ୍ପରାକୁ ସ୍ୱୀକାର କରିବା ସହ ଭାରତର ଆତ୍ମିକ ପୃଷ୍ଠଭୂମିକୁ ଉଦଜୀବିତ କରିବା ପ୍ରସଙ୍ଗରେ ତାଙ୍କର ଜୈବିକ ଚିନ୍ତାଧାରା ସବୁରି ଭାରତୀୟଙ୍କ ମନରେ ଜାତୀୟ ଭାବାପନ୍ନ ଚେତନାର ଅଭୂତପୂର୍ବ ପ୍ରେରଣା ଭରିଦେଇଛି। ପଣ୍ଡିତ ଜବାହରଲାଲ ନେହେରୁଙ୍କ ଭାଷାରେ ଅତୀତର ପୁନରୁଦଗମ ଓ ଭାରତର ପରିପୂର୍ତି ସମ୍ମାନବୋଧ ମନ୍ତ୍ରରେ ବିବେକାନନ୍ଦ ଜୀବନ ସମ୍ବଳିତ ସମସ୍ୟାର ଆଧୁନିକ ଉପାଗମକୁ ପ୍ରାଧାନ୍ୟ ଦେଇଛନ୍ତି। ସମାଜ ସେବା, ଜନଶିକ୍ଷା, ଧର୍ମାନୁମୋଦିତ ଓ ସାମାଜିକ ସଚେତନତା ମନ୍ତ୍ରରେ ଶିକ୍ଷା ଦ୍ୱାରା ଏକ ସୁସ୍ଥ ଓ ବଳିଷ୍ଠ ସମାଜର ଗଠନ ପାଇଁ ସେ ସ୍ୱତଃପ୍ରବୃତ ଭାବେ ନିଜର ଆତ୍ମୋତ୍ସର୍ଗ କରିଯାଇଛନ୍ତି। ତଦନୁରୂପ ନେତାଜୀ ସୁବାସ ବୋଷଙ୍କର ଅଭିବ୍ୟକ୍ତି ସ୍ୱାମୀ ବିବେକାନନ୍ଦଙ୍କ ସଂପର୍କରେ ହେଉଛି ପ୍ରାଚ୍ୟ ପାଶ୍ଚାତ୍ୟ, ଧର୍ମ ଓ ବିଜ୍ଞାନ, ଅତୀତ ଓ ବର୍ତମାନ ମନ୍ତ୍ରରେ ସମନ୍ୱୟ ସୃଷ୍ଟି କରି ବିବେକାନନ୍ଦ ନିଜର ମହାନତା ପ୍ରଦର୍ଶନ କରିପାରିଛନ୍ତି। ଭାରତୀୟମାନଙ୍କ ମନକୁ ଆତ୍ମ-ସମ୍ମାନବୋଧ, ଆତ୍ମ-ପ୍ରତ୍ୟୟ, ଆତ୍ମ-ସଂତୋଷର ନୂତନ ମନ୍ତ୍ରରେ ଆପ୍ଳୁତ କରି ସେ ଆଜି ଭାରତବାସୀଙ୍କ ନିକଟରେ ଚିର ବନ୍ଦନୀୟ ଏବଂ ଚିର ସ୍ମରଣୀୟ।

- ଡଃ ନାରାୟଣ ବାରିକ୍,
ସାଧାରଣ ସଂପାଦକ, ସର୍ବଭାରତୀୟ
ଶିକ୍ଷା ସମାଜ, ଭୁବନେଶ୍ୱର – ୧୯

## ସମ୍ପାଦକୀୟ

# ଲୋପ ପାଇଆସୁଥିବା ମାନବିକତା

**କାନନ ବାଳା ନାୟକ**

ମନୁଷ୍ୟର ସବୁଠାରୁ ବଡ଼ ଭୂଷଣ ହେଉଛି ମାନବିକତା। ମାନବିକତାର ମୂଳଦୁଆ ଉପରେ ମଣିଷର ଅସ୍ତିତ୍ୱ ନିର୍ମିତ। ମାନବିକତା ମଣିଷକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଏହା ଏକ ଶବ୍ଦ ନୁହେଁ ଆଚରଣ। ଯାହା ମଣିଷର ଦୈନ୍ୟଦିନ କାର୍ଯ୍ୟ ଶୈଳୀରେ ପ୍ରକାଶ ପାଏ। ମାନବିକତା ହେଉଛି ମଣିଷର ଅନ୍ତର୍ନିହିତ ଗୁଣ। ଜଣେ ମଣିଷ ଅନ୍ୟ ଜଣେ ମଣିଷକୁ ତାର ବିପଦ ଆପଦ ଓ ଅବଶ୍ୟକ ସମୟରେ ଦେଖାଉ ଥିବା ଆଚରଣ ହିଁ ହେଉଛି ମାନବିକତା। ଯାହା ମଣିଷର ଆଚରଣ ଓ ଉଚ୍ଚାରଣରେ ପ୍ରକାଶିତ ହୁଏ। ସ୍ନେହ, ପ୍ରେମ, ସହଯୋଗୀତା, ସହାଭାଗିତା, ସତ୍ୟବାଦିତା, ସମ୍ମାନ, କୃତଜ୍ଞତା ଆଦି ଆଚରଣ ହେଉଛନ୍ତି ମାନବିକତାର ମୁଖ୍ୟ ସ୍ତମ୍ଭ। ହେଲେ ବିଗତ କିଛି ବର୍ଷରୁ ମାନବିକତାର ଅବକ୍ଷୟ ଦ୍ରୁତଗତିରେ ହେବା ଆରମ୍ଭ ହେଲାଣି। ମାନବିକତାର ଆସନରେ ଲୋଭ, ଇର୍ଷା, ହିଂସା, ବ୍ୟକ୍ତିଗତ ସ୍ୱାର୍ଥ ଓ ଅହଙ୍କାରମବିରାଜିତ ହେଲେଣି। ଆଜିର ମଣିଷ ମନରେ ଅର୍ଥ ଉପାର୍ଜନର ଲାଳସା ଏତେ ବଢ଼ିଗଲାଣି ଯେ ଅର୍ଥ ଆଗରେ ଅନ୍ୟ ସମସ୍ତ ମାନବିକ ମୂଲ୍ୟବୋଧ ତୁଚ୍ଛ ହୋଇ ଗଲାଣି। ଏବେ ମଣିଷ ଅନ୍ୟର ବିପଦ ସମୟରେ ସହଯୋଗ ଓ ସହାନୁଭୂତିର ହାତ ବଢାଇବା ପରିବର୍ତ୍ତେ ତା ବିପଦରୁ କେମିତି ଅଧିକରୁ ଅଧିକ ଫାଇଦା ଉଠାଇବ ସେ କଥା ଚିନ୍ତା କରୁଛି। ଯେମିତି ବାତ୍ୟା ଆସୁଛି ବୋଲି ଖବର ମିଳିବା ମାତ୍ରେ ମାର୍କେଟରେ ଦୈନ୍ୟ ଦିନ ବ୍ୟବହୃତ ହେଉଥିବା ସାମଗ୍ରୀର ମୂଲ୍ୟ ଦୁଇ ତିନି ଗୁଣ ବଢିଯିବା। ବର୍ଷା ସମୟରେ ଅଟୋ କି ରିକ୍ସାର ଭଡା ତିରିଶ ଟଙ୍କା ପରିବର୍ତ୍ତେ ଶହେ ଟଙ୍କା ହୋଇ ଯିବା। ରାତି ହେଲେ ରାସ୍ତାରେ ଏକୁଟିଆ ଯାଉଥିବା ଝିଅଟିକୁ ସୁରକ୍ଷିତ ଭାବରେ ଘରେ ଛାଡି ଦେବା ନାଁ ରେ ବଳାତ୍କାର କରିବା, ନିଜ କର୍ତ୍ତବ୍ୟ କରିବା ପାଇଁ ଲୋକଙ୍କଠୁ ଟଙ୍କା ଦାବି କରିବା ଟଙ୍କା ନଦେଲେ ତାକୁ ନନା ଅସୁବିଧାରେ ପକାଇବା। ଏମିତି ଅନେକ କିଛି। ସମୟ ଥିଲା ଗୋଟେ ଗାଁରେ ଗୋଟେ ଘରକୁ ବିପଦ ପଡିଲେ ସମଗ୍ର ଗାଁ ଏକତ୍ରୀତ ହୋଇ ଯାଉଥିଲା। ସମଗ୍ର ଗ୍ରାମବାସୀ ପରସ୍ପରର ଦୁଃଖ ସୁଖକୁ ଏକତ୍ର ଭୋଗ କରୁଥିଲେ। ପରିବାର ଭିତରେ ସ୍ନେହ ପ୍ରେମର ଅମୃତଧାରା ବହୁଥିଲା। ଯୌଥ ପରିବାରରେ ଅନେକ ସଦସ୍ୟ ଏକତ୍ର ରହୁଥିଲେ। ଜେଜେବାପା, ଜେଜେମାଆ, ଭାଇ ଭଉଣୀ, କାକା ଖୁଡି ମାଉସୀ, ମଉସା ସମସ୍ତେ ଗୋଟେ ସୂତ୍ରରେ ବନ୍ଧା ଥିଲେ। ଲୋକଙ୍କ ପାଖରେ ଅର୍ଥ ସ୍ୱଳ୍ପ ଥିଲା କିନ୍ତୁ ପରିବାରର ସଦସ୍ୟଙ୍କ ଭିତରେ ସ୍ନେହ ପ୍ରେମ ଭରପୁର ଥିଲା। ଗୁରୁଜନଙ୍କୁ ଲଘୁଜନ ମାନେ ଭକ୍ତି ଓ ସମ୍ମାନ କରୁଥିଲେ। ସାନ ମାନଙ୍କୁ ବଡ଼ମାନେ ସ୍ନେହ ପ୍ରେମର ବନ୍ଧନରେ ବାନ୍ଧି ରଖୁଥିଲେ। ପରିବାରର କୌଣସି ସଦସ୍ୟ କିଛି ଅସୁବିଧାରେ ପଡିଲେ ସମସ୍ତେ ମିଶି ତାର ସମାଧାନ କରୁଥିଲେ। ବର୍ତ୍ତମାନ ସଂଯୁକ୍ତ ଯୌଥ ପରିବାରର ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହୋଇଗଲାଣି। ଯେଉଁଠି ଉଭୟ ସ୍ୱାମୀ ସ୍ତ୍ରୀ କର୍ମଜୀବୀ। ତେଣୁ ପିଲାଙ୍କୁ ନୈତିକ ଶିକ୍ଷା କି ସାମାଜିକ ମୂଲ୍ୟବୋଧ ବିଷୟରେ ଶିକ୍ଷା ଦେବା ପାଇଁ ତାଙ୍କ ପାଖରେ ସମୟ ନାହିଁ। ଫଳରେ ଆଜିର ଯୁବସମାଜ ମାନବିକ ମୂଲ୍ୟବୋଧ ଠାରୁ ଦୁରେଇ ଯାଇ ନିଶାସକ୍ତ ହୋଇ ନନା ଅସାମାଜିକ କୁକର୍ମରେ ଲିପ୍ତ ରହୁଛନ୍ତି। ମାନବିକ ମୂଲ୍ୟବୋଧ ହ୍ରାସ ଯୋଗୁଁ ଆଜି ସମ୍ପତ୍ତି ପାଇଁ ପିତା ପୁତ୍ର ଭିତରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଅନେକ ମହିଳା ଏପରିକି ଛୋଟ ଛୋଟ ଶିଶୁ ଓ ମାନସିକସ୍ତରରେ ଅନଗ୍ରସର ମହିଳା ମାନେ ମଧ୍ୟ କାମୁକ ପୁରୁଷର ବଳାତ୍କାରର ଶିକାର ହେଉଛନ୍ତି.କେହି କାହା କଥା ଶୁଣିବାକୁ କି ମାନିବାକୁ ରାଜି ନୁହଁନ୍ତି। ଟିକେ ଟିକେ କଥାରେ ଜଣେ ମଣିଷ ଅନ୍ୟ ଜଣେ ମଣିଷକୁ ହତ୍ୟା କରିବାକୁ ପଛାଉ ନାହିଁ। ଆଇନ କାନୁନ କେହି ମାନୁ ନାହାଁନ୍ତି। ସମାଜ ବିଶୃଙ୍ଖଳିତ ହେଉଛି, ଅପରାଧ ବଢ଼ି ଚାଲିଛି। ସମାଜ ନନା ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ମାନବିକ ମୂଲ୍ୟ ବୋଧକୁ ଅବକ୍ଷୟ ହେବାରୁ ରୋକିବା ପାଇଁ ଆମ ସମସ୍ତଙ୍କୁ ମିଳିତ ଭାବରେ ଉଦ୍ୟମ କରିବାର ଅବଶ୍ୟକ ଅଛି। ଏ ମାନବ ସମାଜକୁ ଭୌତିକବାଦରୁ ମୁକ୍ତ କରି ତା ମଧ୍ୟରେ ଆଧାତ୍ମିକ ଓ ନୈତିକମୂଲ୍ୟବୋଧର ବିକାଶ କରି ପାରିଲେ ମାନବିକତା ବଞ୍ଚିରହିବ ଏବଂ ମଣିଷ ସମାଜ ଅବକ୍ଷୟ ହେବାରୁ ବର୍ତ୍ତିଯିବ।

- ଅତିରିକ୍ତ କମିଶନର (ଅପିଲ)
ଦ୍ରବ୍ୟ ଓ ସେବାକର, ପୁରୀ
ଚକଳା, ପୁରୀ

## କବିତା ଗୁଚ୍ଛ

### ହେ ବର୍ଷାରାଣୀ

- ଚିତ୍ତରଞ୍ଜନ ପୃଷ୍ଟି

ହେ ବର୍ଷାରାଣୀ.......
ଆସତୁମେ ଧରାପୃଷ୍ଟେ
ନବ ବଧୂ ସାଜି,
ତୁମ ଆଗମନେ ଚମକଇ ଧରା
ଜାଗି ଉଠେ ବନରାଜି ।

ହେ ବର୍ଷାରାଣୀ.......
ଖେଳତୁମେ ଲୁଚକାଳି
ବାଦଲର ଆଢୁଆଳେ,
ତୁମକୁଖୋଜେ ଏ ନିଦାଘ ଧରିତ୍ରୀ
ଲୁଚିଯାଅ କାହାକୋଳେ ।

ହେ ବର୍ଷାରାଣୀ......
ବିରାଜିତହୁଅ ମର୍ତ୍ତ୍ୟମଣ୍ଡଳେ
ବାଦଲ ର ପାଲିଙ୍କିରେ,
ସାଥେ ଥାଏ ତୁମ ଘଡଘଡି ବାଦ୍ୟ
ଚମକେ ବିଜୁଳି ରୋଷଣୀରେ ।

ହେ ବର୍ଷାରାଣୀ........
ତୁମଆଗମନେ ମୟୂରନାଚଇ
ନର୍ତ୍ତକୀର ତାଳେ ତାଳେ,
ତୁମସ୍ପର୍ଶ ପାଇ ମଣ୍ଡୁକ ରାବଇ
ପୁଷ୍କରିଣୀ କୂଳେ କୂଳେ ।

ହେ ବର୍ଷାରାଣୀ.........
ତୁମ ପାଦସ୍ପର୍ଶେ ଧରଣୀ ହସଇ
ସବୁଜିମା ଭରେ ବନେ,
ଚାଷୀଭାଇ ତା'ର କ୍ଷେତକୁ
ବାହୁଡ଼େ
ଆନନ୍ଦ ଉଲ୍ଲାସ ମନେ ।

ହେ ବର୍ଷାରାଣୀ......
ରଙ୍ଗତୂଳୀ ଧରି ପ୍ରକୃତି ଆଙ୍କଇ
ସପ୍ତରଙ୍ଗୀ ଇନ୍ଦ୍ରଧନୁ,
ବର୍ଷାରାଣୀ ର ପହିଲି ଛୁଆଁରେ
ଭିଜିଯାଏ ମନ ତନୁ ।

ଯୋଗାଯୋଗ :
- ନିମାପଡା, ପୁରୀ
ମୋ -୯୭୭୮୧୭୭୫୦୧




# ଓଡ଼ିଶା ବିଧାନସଭା ଆଇନାରେ ଦ୍ରୌପଦୀ ମୁର୍ମୁ



**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶା ବିଧାନସଭାରେ ଆଜି ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରାୟ ୧୫ ବର୍ଷ ପରେ ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ବିଧାନସଭାରେ ଦେଖିବାକୁ ମିଳିଛି। ସପ୍ତଦଶ ବିଧାନସଭାର ୫ମ ଅଧିବେଶନ ତଥା ଶୀତକାଳୀନ ଅଧିବେଶନ-୨୦୨୫ର ପ୍ରଥମ ଦିନରେ ବିଧାୟକ, ଅଧିକାରୀ ଓ ନିମନ୍ତ୍ରିତ ଅତିଥିମାନେ ତତ୍କାଳୀନ ରାଇରଂଗପୁର ବିଧାୟକ ତଥା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଭାଷଣ ନିଜ ସାମ୍ନାରୁ ଶୁଣିବାକୁ ପାଇପାରିଛନ୍ତି। ଶ୍ରୀମତୀ ମୁର୍ମୁ ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଇଛନ୍ତି। ସେ ତାଙ୍କର ଅନ୍ତର୍ଦୃଷ୍ଟି ଏବଂ ବିଶେଷଜ୍ଞତା ଆଇନ ପ୍ରଣେତାଙ୍କ ସହ ବାଣ୍ଟିଛନ୍ତି। ତାଙ୍କ ଅଭିଭାଷଣ ବିଧାନସଭାରେ ଲୋକଙ୍କ ସମସ୍ୟାର ପ୍ରଭାବଶାଳୀ ପ୍ରତିନିଧିତ୍ୱର ଗୁରୁତ୍ୱକୁ କେନ୍ଦ୍ରିତ କରୁଛି। ମହାମହିମଙ୍କର ଏହି ସମ୍ବୋଧନ ଓଡ଼ିଶା ବିଧାନସଭା ପାଇଁ ଇତିହାସରେ ଲିପିବଦ୍ଧ ହୋଇଛି। ଓଡ଼ିଶା ବିଧାନସଭାରେ ପ୍ରଥମ ଥର ପାଇଁ ଜଣେ ରାଷ୍ଟ୍ରପତି ଅଭିଭାଷଣ ରଖିଛନ୍ତି। ଦେଶର ଅନ୍ୟ ୯ଟି ବିଧାନସଭାରେ ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିଥିବାର ଅଭିଜ୍ଞତା ରଖିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ଣରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲେ। ସେଠାରୁ ସେ ସ୍ୱତନ୍ତ୍ର କାର୍ଟକେଡ୍ ମାଧ୍ୟମରେ ରାଜଭବନକୁ ଯାଇଥିଲେ। ରାଜଭବନରେ ସାମୟିକ ବିଶ୍ରାମ ପରେ ଓଡ଼ିଶା ବିଧାନସଭାରେ ପହଞ୍ଚିଥିଲେ। ବିଧାନସଭାରେ ତାଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଓ ସାଂସଦମାନେ ସ୍ୱାଗତ ଜଣାଇଥିଲେ। ତାଙ୍କ ଅଭିଭାଷଣ ପୂର୍ବରୁ ବିଧାୟକମାନଙ୍କ ସହିତ ଏକ ଫଟୋ ସେସନ୍ ହୋଇଥିଲା। ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାରି ମଧ୍ୟରେ ୨୯ଟି କାର୍ଯ୍ୟ ଦିବସ ରହିବ। ଅଧିବେସନର ଦ୍ୱିତୀୟ ଦିନରେ ଶୁକ୍ରବାର (ନଭେମ୍ବର ୨୮) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ବର୍ଷ ପାଇଁ ପ୍ରଥମ ପରିପୂରକ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି। ଡିସେମ୍ବର ୪ ତାରିଖରେ ବିଭିନ୍ନ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ତାଙ୍କର ବିଧାନସଭା ଗସ୍ତକୁ ଯେପରି ସ୍ମରଣୀୟ କରିପାରିବେ ସେଥିପାଇଁ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଇରଂଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିଲେ। ସେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶା ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଥିବାବେଳେ ବିଧାନସଭାର ୧୧ ନଂବର ପ୍ରକୋଷ୍ଠରେ ବସୁଥିଲେ। ଏହି ପ୍ରକୋଷ୍ଠରେ ରାଷ୍ଟ୍ରପତି କିଛି ସମୟ ବିତାଇ ପୁରୁଣା ସ୍ମୃତିକୁ ଯେପରି ମନେ ପକାଇବେ। ସେଥିପାଇଁ ଏହି ପ୍ରକୋଷ୍ଠକୁ ନୂଆ ରୂପ ଦିଆଯାଇଛି। ବିଧାନସଭାରେ କାର୍ଯ୍ୟକ୍ରମ ଶେଷ ପରେ ରାଷ୍ଟ୍ରପତି ରାଜଭବନ ଫେରି ରାଜ୍ୟପାଳଙ୍କ ସ୍ୱତନ୍ତ୍ର ନୈଶ୍ୟ ଭୋଜିରେ ଯୋଗଦେବେ। ୨୮ ତାରିଖ ପୂର୍ବାହ୍ଣ ୯ଟା ୧୫ରେ ରାଷ୍ଟ୍ରପତି ଓଡ଼ିଶାରୁ ଲକ୍ଷ୍ନୌ ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି।

## ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ

**କଟକ(ଏନ୍.ଏମ୍.) :** ଚିଲିକା ତହସିଲ ଅନ୍ତର୍ଗତ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ବେଳେ ଆବଶ୍ୟକ ସ୍ଥଳେ ସିଆରପିଏଫ୍ ମୁତୟନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ସରକାରୀ ଜମିରୁ ଉଚ୍ଛେଦ ପାଇଁ ତହସିଲଦାର ବା ପ୍ରାଧିକୃତ ଅଧିକାରୀ ଧାର୍ଯ୍ୟ କରିବାକୁ ଥିବା ତାରିଖରେ ଆବଶ୍ୟକ ସଂଖ୍ୟକ ପୁଲିସ କର୍ମଚାରୀଙ୍କୁ ମୁତୟନ କରିବା ପାଇଁ ଖୋର୍ଦ୍ଧା ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଯଥେଷ୍ଟ ସଂଖ୍ୟକ ପୁଲିସ କର୍ମଚାରୀ ଉପଲବ୍ଧ ନ ହୁଅନ୍ତି ତେବେ ଉଚ୍ଛେଦ ପ୍ରକ୍ରିୟାରେ ସହଯୋଗ ପାଇଁ ସିଆରପିଏଫ ମୁତୟନ କରାଯାଇ ପାରିବ। ୨୦୨୩, ଅଗଷ୍ଟ ୨ର ସରଜମିନ ତଦନ୍ତ ରିପୋର୍ଟ ଆଧାରରେ ସରକାରୀ ଜମିରୁ ଆଇନ ଅନୁସାରେ ଜବରଦଖଲ ଉଚ୍ଛେଦ କରାଯିବା ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୨୦୨୪, ଜୁଲାଇ ୫ର ନିର୍ଦ୍ଦେଶନାମା ପାଳନ କରାଯିବ। ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ଅଧିକ ତଦନ୍ତ କରିବା ସହିତ ଜବରଦଖଲକାରୀଙ୍କ ଉଚ୍ଛେଦ ଓ ବେଆଇନ ନିର୍ମାଣ ଭାଙ୍ଗିବା ପ୍ରସଂଗରେ ଅଗ୍ରସର ହେବେ। ତିନି ମାସ ଭିତରେ ଏହି ପ୍ରକ୍ରିୟା ସଂପୂର୍ଣ୍ଣ କରାଯିବ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଟାଙ୍ଗୀ ଥାନା ଅନ୍ତର୍ଗତ ଭଗବତୀପୁର ଗ୍ରାମର ଗୋପୀନଥା ବିଶ୍ୱାଳ ଓ ଅନ୍ୟ ୧୩ଜଣଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ୧୯୯୦ ମସିହାରୁ ଏପରି ଜବରଦଖଲକୁ ଭଗବତୀପୁରର ଗ୍ରାମବାସୀ ବିରୋଧ କରି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ୧୯୯୪ରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଏହି ସରକାରୀ ଜମିରେ ସବୁ ପ୍ରକାର ନିର୍ମାଣ ବନ୍ଦ ରଖିବାକୁ ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାରୀ ଜମି ଜବରଦଖଲ କରି ନିର୍ମାଣ ଜାରି ରହିଥିଲା। ଏହାପରେ ଜବରଦଖଲ ଉଚ୍ଛେଦ ପ୍ରସଂଗରେ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତତାକୁ ବିରୋଧ କରି ଏହି ମାମଲା ଦାୟର ହୋଇଥିଲା।

## ଆତ୍ମହତ୍ୟା ଲାଗି ଉସୁକାଇବା ଅଭିଯୋଗରେ ଓଡ଼ିଆ
## ରାପର୍ ଅଭିନବ ସିଂହଙ୍କ ସ୍ତ୍ରୀଙ୍କୁ ବାନ୍ଧିଲା ପୁଲିସ

**କଟକ(ଏନ୍.ଏମ୍.) :** ଲାଲବାଗ ଥାନା ପୁଲିସ ଓଡ଼ିଆ ରାପର୍ ଏବଂ ଇଞ୍ଜିନିୟର ଅଭିନବ ସିଂହ (୩୨)ଙ୍କ ପତ୍ନୀ ଉତ୍କଳ ଦୀପିକା ରାଉତଙ୍କୁ ତାଙ୍କ ସ୍ୱାମୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ଗିରଫ କରିଛି। ଅଭିନବ ସିଂହ ଫେବୃଆରୀ ୯ (ରବିବାର) ଦିନ କାଦୁବେସାନାହଲ୍ଲିସ୍ଥିତ ତାଙ୍କ ବେଙ୍ଗାଲୁରୁ ଆପାର୍ଟମେଣ୍ଟରେ ଆତ୍ମହତ୍ୟା କରିଥିଲେ। ସେ ସହରର ଏକ ଘରୋଇ କମ୍ପାନିରେ ଚାକିରି କରୁଥିଲେ ଏବଂ ଜଣେ ଓଡିଆ ରାପର୍ ଭାବରେ ପରିଚିତି ପାଇଥିଲେ। ପୁଲିସର କହିବା ଅନୁଯାୟୀ, ଅଭିନବ ସିଂହଙ୍କ ମୃତ୍ୟୁର ପରିପ୍ରେକ୍ଷୀରେ ୨୮୫ ଦିନ ଧରି ଚାଲିଥିବା ତଦନ୍ତ ପରେ ଏହି ଗିରଫଦାରୀ ହୋଇଛି। ପରିବାର ଅଭିଯୋଗ କରିଥିଲେ ଯେ ତାଙ୍କ ଅଭିନବଙ୍କ ମୃତ୍ୟୁ ପାଇଁ ତାଙ୍କ ସ୍ତ୍ରୀ ଉତ୍କଳ ଦୀପିକା ରାଉତ ଦାୟୀ। ଏହାପରେ ପୁଲିସ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ବାଧ୍ୟ ହୋଇଛି। ଗିରଫ ପରେ, ଉତ୍କଳ ଅଭିନବ ଓଡ଼ିଶାର ହିପ-ହପ୍ ଜଗତର ଜଣେ ଜଣାଶୁଣା ଚେହେରା ଥିଲେ। ଅଭିନବ ଜଣେ ରାପର୍ ଥିଲେ ଯାହାଙ୍କ ଗୀତ ଶବ୍ଦଙ୍କଙ୍କଭର ରେ ଲକ୍ଷ ଲକ୍ଷ ଭ୍ୟୁ ପାଇଛି। ତାଙ୍କ ଚ୍ୟାନେଲ୍ ଏବଂ ପ୍ରଯୋଜନା କମ୍ପାନି ଅର୍ବାନ୍ ଲୋଫର୍ ହେଉଛି ଓଡ଼ିଶାର ସ୍ଥାନୀୟ ହିପ-ହପ୍ ପ୍ରତିଭାକୁ ସମର୍ଥନ କରିବା ପାଇଁ ପ୍ରାରମ୍ଭିକ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏ, ଯାହା ପାଶ୍ଚାତ୍ୟ ସଙ୍ଗୀତ ସହିତ ପ୍ରାୟତଃ ଜଡ଼ିତ ନୁହେଁ। ଅଭିନବ, ପ୍ରାୟତଃ ତାଙ୍କ ଇଞ୍ଜିନିୟରିଂ ଚାକିରିରୁ ଅର୍ଜିତ ସମସ୍ତ ଟଙ୍କା ମାଇକ୍, ପ୍ରଯୋଜନା ଗିର୍ଅ, ବାଦ୍ୟଯନ୍ତ୍ର ଏବଂ ଟେକ୍ନୋଲୋଜି କିଣିବା ପାଇଁ ଓଡ଼ିଶା ହିପ-ହପ୍ ଦୃଶ୍ୟରେ ନିଜ ପାଇଁ ଏବଂ ଅନ୍ୟ ସଂଗୀତଜ୍ଞମାନଙ୍କ ପାଇଁ ଗୀତ ସୃଷ୍ଟି କରିବାରେ ଲଗାଇଥିଲେ। ଗତ ଫେବ୍ରୁଆରି ୯ ତାରିଖ ରାତିରେ, ଓଡ଼ିଆ ରାପର୍ ଏବଂ ଇଞ୍ଜିନିୟର ଅଭିନବ ସିଂହ



ଦୀପିକା ରାଉତଙ୍କୁ କୋର୍ଟଚାଲାଣ କରାଯାଇଛି। ଲାଲବାଗ ପୁଲିସ କହିଛି ଯେ ତଦନ୍ତ ଚାଲିଛି ଏବଂ ତଦନ୍ତ ଆଗକୁ ବଢ଼ିବା ସହିତ ମାମଲା ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରାଯିବ। ଅଭିନବଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ତ୍ରୀ ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲେ, ଯାହା ଶେଷରେ ତାଙ୍କୁ ମୃତ୍ୟୁ ଆଡ଼କୁ ଠେଲି ଦେଇଥିଲା। ଅଭିନବଙ୍କ ପିତା ବିଜୟାନନ୍ଦ ସିଂହ ଜଣେ ପ୍ରସିଦ୍ଧ ସାହିତ୍ୟିକ ଏବଂ ଶିକ୍ଷାବିତ୍। ସେ କଟକର ଲାଲବାଗ ଥାନାରେ ଅଭିନବଙ୍କ ସ୍ତ୍ରୀ, ତାଙ୍କ ଶ୍ୱଶୁର ଘର ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ନାମ ନେଇ ଏକ ଅଭିଯୋଗ ଦାଖଲ କରିଥିଲେ। କଟକର କାଳିଗଳିର ବାସିନ୍ଦା, (୩୨)ଙ୍କ କାଦୁବେସାନାହଲ୍ଲିରେ ତାଙ୍କ ଭଡ଼ା ଆପାର୍ଟମେଣ୍ଟରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ପୁଲିସ ଅନୁଯାୟୀ, ଅଭିନବ ସିଂହ କାମ ପାଇଁ କର୍ଣ୍ଣାଟକ ରାଜଧାନୀକୁ ଯିବାର ମାତ୍ର ଗୋଟିଏ ସପ୍ତାହ ପରେ ଫେବ୍ରୁଆରି ୯ ତାରିଖରେ ବେଙ୍ଗାଲୁରୁର କାଦୁବେସାନାହଲ୍ଲି ଅଞ୍ଚଳରେ ତାଙ୍କ ଭଡ଼ା ଆପାର୍ଟମେଣ୍ଟରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଅଭିନବ ପୂର୍ବରୁ ବହୁ ବର୍ଷ ଧରି ବେଙ୍ଗାଲୁରୁରେ କାମ କରୁଥିଲେ। ଏକ ପ୍ରମୁଖ ଫାର୍ମରେ ଅଟୋମେସନ୍ ପରୀକ୍ଷଣ ଇଞ୍ଜିନିୟର ଭାବରେ ସେ କାମ କରୁଥିଲେ।

# ଆସ୍ଥା ଅନାସ୍ଥାକୁ ନେଇ କୁହୁଳୁଛି ରାଜନୀତି

**ଭଦ୍ରକ (ଏନ୍.ଏମ୍.) :** ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଶେଷକରି ଭଦ୍ରକ ଜିଲ୍ଲାରେ ଦିନକୁ ଦିନ ବିଜେପିର ପତିଆରା ବୃଦ୍ଧି ପାଉଛି। ବହୁ ବିଜେଡି ନେତା ଦଳ ଛାଡ଼ି ବିଜେପି ମୁହାଁ ହେଉଛନ୍ତି। ବିଜେଡିର ଏଭଳି ସ୍ଥିତିରେ କିଛି ବିଜେଡି ନେତା ଦଳକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଯେଉଁ ୪ ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଦଳ ଛାଡ଼ି ବିଜେପିକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି, ସେମାନଙ୍କୁ ଅନାସ୍ଥାରେ ପଦବିରୁ ହଟାଇବା ପାଇଁ ବିଜେଡିର ଉପର ନେତା ଯୋଜନା କରୁଚନ୍ତି। ଏଭଳି ଅବସ୍ଥା ଭୟ ଦେଖାଇଲେ କାଳେ ପଦବି ଚାଲିଯିବ ସେହି ଭୟରେ ଦଳରେ ରହିବେ ବୋଲି ଯୋଜନା କରାଯାଉଛି। ମାତ୍ର ବିଜେଡି ନେତାଙ୍କର ଏଭଳି ଭୟ ଆଉ ଚାଲବାଜୀ ଯୋଜନାକୁ କେହି ଆଉ ଡରୁ ନାହାନ୍ତି। ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛି ମାନେ ଦଳ ଛାଡ଼ିବୁ ବୋଲି ମଧ୍ୟ କିଛି ନେତା କହୁଥିବା ଜଣାପଡ଼ିଛି। ଏଭଳି ଜିଦ୍ ?ରେ କିଛି ବିଜେଡି ନେତା ରହିବା ସହ ବିଜେପି ଦଳର ଉପର ମହଲରେ ଲିଙ୍କ କରିସାରିଛନ୍ତି। ବିଜେପିର ରାଜ୍ୟ ସଭାପତି ମଧ୍ୟ ଏମାନଙ୍କୁ ଅଭୟ ବାଣୀ ଦେଇଛନ୍ତି। ପ୍ରକାଶ ଥାଉ କି, ଭଦ୍ରକ ସଦର ବ୍ଲକ ଅଧ୍ୟକ୍ଷା ଥିଲେ ବିଜେଡି ଦଳର ନେତ୍ରୀ ଉର୍ମିଳା ନାୟକ। ଉର୍ମିଳାଙ୍କ ଦଳ ଛାଡ଼ିବା କଥା ଯେବେ ସବୁଠି ଚର୍ଚ୍ଚା ହେଲା। ତାଙ୍କୁ ଅବସ୍ଥାରେ ହଟାଇବା ପାଇଁ ଯୋଜନା ହେଲା। ମାତ୍ର ଏହି ଯୋଜନାକୁ



ବିଜେଡିର ବହୁ ତୃଣମୂଳ ନେତା ନାପସନ୍ଦ କଲେ। କହିଲେ ଆମେ କାହିଁ କି କାହାର ଶତ୍ରୁ ହେବୁ। ଯିଏ କୁଆଡ଼େ ଆସୁଛନ୍ତି ଯାଆନ୍ତୁ। ଆମେ ବି କୁଆଡେ ଯିବୁ ବୋଲି କିଛି ନେତା ସେହି ବୈଠକରେ କହିବା ଆରମ୍ଭ କଲେ। ତେଣୁ ଭଦ୍ରକ ବ୍ଲକର ଅଧ୍ୟକ୍ଷା ଉର୍ମିଳା ନାୟକ ବିରୋଧରେ ଅନାସ୍ଥା ଆଣିବା ପାଇଁ ଯେଉଁ ମେଳି ହୋଇଥିଲେ ତାହା କ୍ରମେ ଫସରଫାଟିବାକୁ ଯାଉଛି। ଉର୍ମିଳାଙ୍କ ବିରୋଧୀ ପକ୍ଷ ଏବେ ଶକ୍ତିହୀନ ହେବାକୁ ଯାଉଥିବା ଭଦ୍ରକରେ ଚର୍ଚ୍ଚା ହେଉଥିବା ବେଳେ ଉର୍ମିଳା ବିଜେପିରେ ମିଶିବା ପୂର୍ବରୁ ଭଦ୍ରକରେ ବହୁ ବିଜେଡି ନେତାଙ୍କୁ ନେଇ ବିଜେପିରେ ମିଶାଇବାର ଯୋଜନାରେ ରହିଛନ୍ତି। ଉର୍ମିଳା ଯୁବ ନେତା ଲୁଲୁଙ୍କ ସପକ୍ଷରେ ରହି ବିଜେପିରେ ମିଶିବା ପାଇଁ ବୈଠକରେ ଯୋଗଦେଇଥିବା ବେଳେ ଉର୍ମିଳାଙ୍କ ବିପକ୍ଷ ଶିବିର ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକଙ୍କ ଶିବିରରେ ଯୋଗଦେଇ ଥିଲେ। ଏଇ ଆସ୍ଥା, ଅନାସ୍ଥା ଓ ମିଶ୍ରଣ ଘଟଣାକୁ ନେଇ ଏବେ ଭଦ୍ରକ ଜିଲ୍ଲାରେ ରାଜନୀତି ଉଷ୍ମ ହୋଇଥିବା ବେଳେ ଜିଲ୍ଲାର ଦୁଇ ଟାଣୁଆ ଯୁବ ନେତା ନେତା ଲୁଲୁ ଓ ବଣୁଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଉଭୟ ନେତାଙ୍କ ଭିତରେ ବିବାଦ ଏବେ ଚରମ ସୀମାରେ ପହଁଚିଛି। ଭଦ୍ରକରେ ଯେଉଁଠି ଶୁଣିବ ଏବେ ସବୁଠୁ ଲୁଲୁ ଆଉ ଅଣୁଙ୍କୁ ନେଇ ଚର୍ଚ୍ଚା ଚାଲିଛି। କେବଳ ଭଦ୍ରକ ସଦର ବ୍ଲକ ନୁହେଁ, ବନ୍ତ ବ୍ଲକର ବିଜେଡି ନେତା ମନୋରଞ୍ଜନ ଘଡ଼େଇ ଅଧ୍ୟକ୍ଷ ରହିଥିବା ବେଳେ ସେ ଲୁଲୁଙ୍କ ଶିବିରରେ ଯୋଗଦେଇ ବିଜେପିକୁ ଯିବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ତାଙ୍କୁ ଅଧ୍ୟକ୍ଷା ପଦରୁ ଅବସ୍ଥାରେ ହଟାଇବା ପାଇଁ ବିଜେଡିର କିଛି ନେତା ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିଥିଲେ। ଶୁଣାଯାଉଛି କାଳେ ମନୋରଂଜନ ଘଡ଼େଇ ନିଷ୍ପତ୍ତି ନେଇ ସାରିଛନ୍ତି ବିଜେପିରେ ମିଶିବା ପାଇଁ। ତାଙ୍କ ଉଇପରେ ଅନାସ୍ଥା ଲଗାଇଲେ ସେ କାଳେ ଏଭଳି ଅବସ୍ଥା ଚର୍ଚ୍ଚାକୁ ଖାତିର କରୁ ନାହାନ୍ତି ବୋଲି ତାଙ୍କର ନିକଟତମ ମହଲରୁ ଆଲୋଚନା ହେଉଛି। ସେହିପରି ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ଅଛନ୍ତି ସୁମତି ସେଠୀ। ସେ କାଳେ ବିଜେପିକୁ ଯିବା କଥା ପ୍ରଚାରିତ ହେବା ପରେ ତାଙ୍କ ଘରକୁ କେହି ଦୁର୍ବୃତ୍ତ ପଥରମାଡ଼ କରିବା ସହ ଜୀବନରୁ ମାରି ଦେବାର ଧମକ ତାଙ୍କୁ କିଏ ଦେଇଛି ବୋଲି ସେ ଭଣ୍ଡାରିପୋଖରୀ ଥାନାରେ ଅଭିଯାଗ କରିଛନ୍ତି। ତାଙ୍କ ଉପରେ ଅନାସ୍ଥା ଆଣି ତାଙ୍କୁ ମଧ୍ୟ ଅଧ୍ୟକ୍ଷା ଗାଦିରୁ ହଟାଇବା ପାଇଁ ଗୋଟିଏ ଗୋଷ୍ଠୀ ଉଦ୍ୟମ ଆରମ୍ଭ କରିଛନ୍ତି। ଏବେ ଭଦ୍ରକ ରାଜନୀତିରେ ଆସ୍ଥା ଅନାସ୍ଥାକୁ ନେଇ ଚର୍ଚ୍ଚା ଚାଲୁଥିବା ବେଳେ ବିଜେପିର ମହା ମିଶ୍ରଣ ପର୍ବ କେବେ ହେବ ତାହା ଉପରେ ସମସ୍ତ ନଜର ରଖିଛନ୍ତି। ଭଦ୍ରକ ଜିଲ୍ଲାରେ ଆଗାମୀ ଦିନରେ ବାସ୍ତବରେ କିଏ ହେବେ ଶକ୍ତିଶାଳୀ ତାହା ଉପରେ ତର୍ଜମା ଚାଲିଛି।

## କନ୍ଧମାଳରେ ଖସିଲା ପାରଦ, ଘୁ ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରି ରେକର୍ଡ

**ଘୁ.ଉଦୟଗିରି (ଏନ୍.ଏମ୍.) :** ପୁଣି ଖସିଲା ପାରଦ। ବଢ଼ିଲା ଶୀତ। ଲୋକେ ହେଉଛନ୍ତି କଲବଲ। କନ୍ଧମାଳଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ତୁଳନାରେ ଆଜି ଅଧିକ ଶୀତ ଅନୁଭୂତ ହେଉଛି। କନ୍ଧମାଳ ଜିଲ୍ଲାରେ ଗତକାଲି ଠାରୁ ଆଜି ୧.୪ଡିଗ୍ରି ପାରଦ ହ୍ରାସ ପାଇ ୭.୪ ଡିଗ୍ରି ରେକର୍ଡରେ ପହଞ୍ଚିଛି। ପାରଦ ତଳମୁହାଁ ହେବା ସହ ଜାଡ଼ ଆରମ୍ଭ ହୋଇଯାଇଛି। ପ୍ରବଳ ଥଣ୍ଡା ସାଙ୍ଗକୁ ଜାଡ଼ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ କରିଛି। ଦିନରେ ତାପମାତ୍ରା ସ୍ୱାଭାବିକ ରହୁଥିବା ବେଳେ ସଞ୍ଜ ନଇଁଲେ ପାରଦ ଖସିବା ସହ ଥଣ୍ଡା ତାର ରାଜୁତି ଆରମ୍ଭ କରିଦେଉଛି। ଯେତେ ରାତି ବଢୁଛି ସେତେ ଥଣ୍ଡାର ପ୍ରକୋପ ବଢିବା ସହ ଜାଡ଼ରେ ଥରୁଛି ସାରା ଅଞ୍ଚଳ। ସଞ୍ଜ ନଇଁଲେ ସହର ରାସ୍ତାଘାଟ ଜନଶୁନ୍ୟ ହୋଇଯାଉଛି। ଆଖିପାଖ ଅଞ୍ଚଳରୁ ସହରକୁ ଆସୁଥିବା ଲୋକ ସନ୍ଧ୍ୟା ପୂର୍ବରୁ ନିଜ ନିଜ ଗାଁ କୁ ଫେରିଯାଉଛନ୍ତି ଥଣ୍ଡା ଯୋଗୁଁ। ସଞ୍ଜ ହେଲେ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସାହି ଗଳିକନ୍ଦିରେ ଲୋକ ସ୍ଥାନେସ୍ଥାନେ ନିଆଁ ଜାଳି ବସି ରହୁଛନ୍ତି। ପାରଦ ଖସିବା ସହ ଥଣ୍ଡା ପବନ ପ୍ରବାହିତ ହେବା ଯୋଗୁଁ ଥଣ୍ଡାର ପ୍ରକୋପ ଲୋକଙ୍କୁ ବାଧୁଛି। ଆଗାମୀ ଦିନରେ ପାରଦ ଆହୁରି ତଳମୁହାଁ ହେବା ସହ ଥଣ୍ଡା ଆହୁରି ବଢ଼ିବା ନେଇ ପାଣିପାଗ ବିଭାଗ ଅନୁମାନ କରିଥିବା ବେଳେ ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଘୁ.ଉଦୟଗିରି ସ୍ଥାନିତ ହେବା ପରେ ସ୍ଥାନୀୟ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି।



ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଜମିବା ସହ ଛୁଟି ଦିନରେ ବଣ ଭୋଜି ପାଇଁ ମଧ୍ୟ ପ୍ରବଳ ଭିଡ଼ ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଦେଖିବାକୁ ମିଳୁଛି।

# ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇବା ବଦଳରେ ଏଲଇଡ଼ି ଡିସ୍‌ପ୍ଲେ କାହା ସ୍ୱାର୍ଥରେ

**ଚୌଦ୍ୱାର(ଏନ୍.ଏମ୍.) :** ଅଞ୍ଚଳବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଚୌଦ୍ୱାର ପୌରପାଳିକା ଏବେ ଏଲଇଡ଼ ଡିସପ୍ଲେ ମାଧ୍ୟମରେ ନିଜର ବାହାଦୂରୀ ଦେଖେଇବାକୁ ପ୍ରୟାସ ଆରମ୍ଭ କରିଛି। ଚୌଦ୍ୱାର ପୌରପାଳିକା ବିଭିନ୍ନ କାରଣର ଦ୍ୱାହୀ ଦେଇ ଜନହୀତକର କାମ କରୁନଥିବାବେଳେ ବିଭିନ୍ନ ସ୍ଥାନରେ ଏଲଇଡ଼ି ଡିସପ୍ଲେ ଲଗାଇ ସରକାରଙ୍କ ପ୍ରସାର ପ୍ରଚାର କରିବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ଗୋଟିଏ ପଟେ ଶିଳ୍ପ ନଗରୀ ଚୌଦ୍ୱାର ଶିଳ୍ପଶୂନ୍ୟ ହୋଇ ପଡ଼ିଥିବାବେଳେ ଏଠାରେ ବସବାସ କରୁଥିବା ହଜାର ହଜାର ପରିବାର ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇ ପଡ଼ିଛନ୍ତି। କେଉଁଠି ଲାଇଟ ନାହିଁ ତ ଆଉ କେଉଁଠି ରାସ୍ତାର ସତ୍ତା ହଜିଗଲାଣି। ସେହିଭଳି ଏଠାରେ ବିଶୁଦ୍ଧ ପାନୀୟ ଜଳ ଟୋପାଏ ଠିକ ଭାବେ ମିଳିପାରୁନଥିବାବେଳେ ଡ୍ରେନ ପାଣି ଯୋଗୁଁ ନର୍କ ଯନ୍ତ୍ରଣା ଭୋଗ କରୁଛନ୍ତି ଅଞ୍ଚଳବାସୀ। ଦୀର୍ଘ ୨୬ ବର୍ଷ ତଳେ ଓଟିଏମ ଭଳି ଗୋଟିଏ ସୁନାମ ଧନ୍ୟ ଶିଳ୍ପରେ ତାଲା ପଡ଼ିଗଲା ପରେ ଏବେ ସେହି ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ କେତେକ ମୁଷ୍ଟିମେୟ ଗୋଷ୍ଠୀ। ମାତ୍ର ସେତେବେଳେ ନବୀନ ସରକାର ଓଟିଏମ ଜମିରେ ୱେଲସ୍ପନ ନାମକ ଏକ କମ୍ପାନୀକୁ ଆମନ୍ତ୍ରଣ କରିବା ସହ ଏଠାରେ ଶିଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ସେ ନିଜେ ଶିଳାନ୍ୟାସ କରିଥିଲେ। ମାତ୍ର ପରବର୍ତ୍ତୀ ନିର୍ବାଚନରେ ନବୀନ ବାବୁଙ୍କ ସରକାର ଗାଦୀଚ୍ୟୁତ ହେବା ପରେ ଏବେ ଯେଉଁ ସରକାର ଆସିଛି ତାହା କେବଳ ପ୍ରସାର ପ୍ରଚାର ସର୍ବସ୍ୱ ହୋଇପଡ଼ିଥିବା ଅଭିଯୋଗ ହେଉଛି। ତେବେ ପୂର୍ବ ସରକାରରେ ଯେତେ ପ୍ରକଳ୍ପ ସବୁ ହୋଇଥିଲା ଏ ସରକାର କେବଳ ସେହିପ୍ରକଳ୍ପରେ ରଙ୍ଗ ପରିବର୍ତ୍ତନ କରି



ବାହାବାହା ନେଉଥିବା ଏହି ଏଲଇଡି ଯୋଜନାରୁ ସ୍ପଷ୍ଟ ହୋଇ ପଡ଼ିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେହିଭଳି ଚୌଦ୍ୱାର ପୌରପାଳିକାର ୭ନମ୍ବର, ୮ ନମ୍ବର, ୧୧ ଓ ୧୨ ନମ୍ବର ୱାର୍ଡ଼ ସଲଗ୍ନ ଓଟିଏମ କଲୋନୀ ଅଞ୍ଚଳରେ ଇଡ଼କୋ ହାତକୁ ଏହି ଜମି ଦିଆଯାଇଥିବା ଦ୍ୱାହୀ ଦେଇ ୱାର୍ଡ଼ର ୨ହଜାର ପରିବାରଙ୍କୁ ରାସ୍ତା, ଡ୍ରେନ, ଆଲୋକୀକରଣ ଭଳି ମୌଳିକ ସୁବିଧାର ବଞ୍ଚିତ କରାଯାଇଛି। ଏହି ଅଞ୍ଚଳରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ମଶା ମାଛି ଓ ସରୀସୃପଙ୍କ ପ୍ରାଦୁର୍ଭାବରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଅଞ୍ଚଳବାସୀଙ୍କୁ ଘରୁ ବାହାରୁଥିବା ବର୍ଜଜଳ ନିଷ୍କାସିତ ହୋଇ ପାରୁନଥିବାରୁ ଏଣେ ତେଣେ ଜମି ରହି ଦୁର୍ଗନ୍ଧ ସୃଷ୍ଟି କରୁଛି। ରାସ୍ତାଘାଟ ଅବସ୍ଥା ନକହିବା ଭଲ। ଖାଲ ଖମାରେ ଭରି ରହିଥିବା ଏହି ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି। ଏପରିକି ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଏହା ଇଡ଼କୋ ଜମି କୌଣସି କାମ ହୋଇ ପାରିବ ନାହିଁ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ମାତ୍ର ଏହି ସ୍ଥାନରେ ଏଲଇଡ଼ି ଡିସପ୍ଲେ କିଭଳି ଲଗାଯାଉଛି ବୋଲି ପ୍ରଶ୍ନ ଉଠୁଛି। ଏଲଇଡ଼ି ଡିସପ୍ଲେ ଦ୍ୱାରା ଉକ୍ତ ଅଞ୍ଚଳର ଲୋକଙ୍କ କିଭଳି ମୌଳିକ ସୁବିଧା ମିଳୁଛି ତାହାକୁ ନେଇ ଆଲୋଚନା ହେଉଥିବାବେଳେ ଏହା ଏହି ଲୋକଙ୍କ ପାଇଁ କଟା ଘାରେ ଚୂନ ସଦୃଶ କୁହାଯାଉଛି। ୧୯ଟି ୱାର୍ଡ଼ ବିଶିଷ୍ଟ ଚୌଦ୍ୱାର ପୌରପାଳିକାରେ ପ୍ରତି ଏଲଇଡ଼ି ଡିସପ୍ଲେକୁ ୧୨ଲକ୍ଷ ଟଙ୍କା ବିନିମୟରେ ପ୍ରଥମ ପର୍ଯ୍ୟାୟରେ ୫ଟି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୧୩ଟି ଏଲଇଡି ଡିସପ୍ଲେ ଲାଗିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ତେବେ ଏଠାରେ ୨କୋଟି ୧୬ଲକ୍ଷ ଟଙ୍କା ବ୍ୟୟରେ ଡିସପ୍ଲେ ଲଗାଯାଇ କେବଳ ସରକାର ତଥା ନିଜର ପ୍ରସାର ପ୍ରଚାର ପାଇଁ ପୌରପାଳିକା ଯେଉଁ ଆନ୍ତରିକତା ଦେଖାଇଛନ୍ତି; ଜନସାଧାରଣଙ୍କ ମୌଳିକ ସୁବିଧା ଯୋଗାଇବାରେ ପଦକ୍ଷେପ ନିଆନଯିବା ଦୁର୍ଭାଗ୍ୟ ଜନକ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଲୋକଙ୍କ ସମସ୍ୟା ପଛେ ନିଆଁକୁ ଯାଉ ସରକାରଙ୍କୁ ଖୁସି କରାଇବା ପାଇଁ ଚୌଦ୍ୱାର ପୌରପାଳିକା କର୍ମକର୍ତ୍ତା ଲାଗି ପଡ଼ିଛନ୍ତି ବୋଲି ଅଞ୍ଚଳର ବୁଦ୍ଧିଜୀବୀ କହିଛନ୍ତି।




# ଆଜି ମୁଁ ଯେଉଁଠି ଅଛି ତା'ର ସମସ୍ତ ଶ୍ରେୟ ଏ ଗୃହର



**ଭୁବନେଶ୍ୱର(ଏନ୍.ଏମ୍.) :** ମୁଁ ଗାଁରୁ ସାଧାରଣ ଝିଅଟିଏ ହୋଇ ଆସିଥିଲି । ଏହି ଗୃହ ମୋତେ ବିଶେଷ କିଛି ଶିଖାଇଛି । କଥା କହିବା, ରାଜନ ?ତିକ ହିସାବରେ ସମସ୍ତଙ୍କ ସହ କିପରି ବ୍ୟବହାର କରିବା, କେଉଁ ବିଷୟରେ କିପରି ଭାବରେ ଉପସ୍ଥାପନ କରିବା, ଆଜି ମୁଁ ଯେଉଁଠି ଅଛି ତା'ର ସମସ୍ତ ଶ୍ରେୟ ଏ ଗୃହର । ଏ ଗୃହ ମୋତେ ନିଅଁ ଦେଇଛି । ଏ ନିଅଁ ଯଦି ସୁଦୃଢ଼ ହୋଇନଥା'ନ୍ତା; ଓଡ଼ିଶାବାସୀ, ଭଗବାନ ଜଗନ୍ନାଥଙ୍କର ଆଶୀର୍ବାଦ ନଥା'ନ୍ତା ବୋଧହୁଏ ଆଜି ମୁଁ ଯେଉଁ ଜାଗାରେ ଅଛି ସେଠି ପହଞ୍ଚିପାରିନଥା'ନ୍ତି । ତେଣୁ ଏ ଗୃହକୁ କୋଟିକୋଟି ନମସ୍କାର କରୁଛି । ବିଧାନସଭାର ବହୁତ ସ୍ମୃତି ଆଜି ବି ମୋର ମନେପଡୁଛି । ବିଧାୟିକା ଭାବେ ପ୍ରଶ୍ନ କରିଛି, ମନ୍ତ୍ରୀ ହୋଇ ଉତ୍ତର ବି ରଖିଛି । ଅନେକ ସଦସ୍ୟଙ୍କୁ ଜାଣିଛି । ୨୦୦୦ ମସିହାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କାମ କରିଛି । ଏ ଗୃହରେ ଏବେ ଉପସ୍ଥିତ ଥିବା ଅନେକ ନେତାଙ୍କ ସହ ମୁଁ କାମ କରିଛି । ଆତ୍ମୀୟ ପରିବେଶରେ ଭାବବିହ୍ୱଳ ହେଉଛି । ଦେଶର ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ରଗଠନରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଇଠି ଇଂରେଜଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ ହୋଇଥିଲା । ଏହାର ମହାନାୟକ ଥିଲେ ବକ୍ସି ଜଗବନ୍ଧୁ । ଲବଣ ସତ୍ୟାଗ୍ରହରେ ଓଡ଼ିଶାର ନେତା ଓ ଜନତା ଅଂଶଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଅନେକ ଓଡ଼ିଆ ଗୁଳି ଖାଇଛନ୍ତି । ବାଜି ରାଉତଙ୍କ ବଳିଦାନ ଏହି ମାଟିର ବୀରତ୍ୱର କଥା କହେ । ବିଜୁ ବାବୁଙ୍କ ସାହସ ଦେଶବାସୀଙ୍କର ସବୁଦିନ ପାଇଁ ମନେ ରହିବ । ନେତାଜୀଙ୍କୁ ଜନ୍ମ ଦେଇ ଓଡ଼ିଶା ଧନ୍ୟ । ଭାରତ ନିର୍ମାଣରେ ଓଡ଼ିଶାର ଭୂମିକା କାଳେ କାଳେ ରହିଛି ଓ ରହିବ ମଧ୍ୟ । ଏହି ଅବସରରେ ରାଷ୍ଟ୍ରପତି ବୀର ସୁରେନ୍ଦ୍ର ସାଏ, ବାଜି ରାଉତ, ଲକ୍ଷ୍ମଣ ନାୟକଙ୍କ ବଳିଦାନକୁ ସ୍ମରଣ କରିବା ସହ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଉଲ୍ଲେଖ କରି କହିଥିଲେ ଯେ, ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମକୁ ଆଗକୁ ବଢ଼ିବାକୁ ହେବ । ରାଷ୍ଟ୍ରପତି ବିଧାନସଭାର ଗୃହରେ ଉଦ୍‌ବୋଧନ ଦେବା ପରେ ୧୧ ନଂ ପ୍ରକୋଷ୍ଠକୁ ଯାଇଥିଲେ । ଏହା ସେହି ପ୍ରକୋଷ୍ଠ ଯେଉଁଠି ଶ୍ରୀମତୀ ମୁର୍ମୁ ଓଡ଼ିଶା ସରକାରରେ ବାଣିଜ୍ୟ ଓ ପରିବହନ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଥିବାବେଳେ କାର୍ଯ୍ୟ କରୁଥିଲେ । ପୁରୁଣା ଦିନର ସ୍ମୃତିକୁ ଉଜ୍ଜୀବିତ କରିବାକୁ ବିଧାନସଭା ସଚିବାଳୟ ପକ୍ଷରୁ ଏହି ଗୃହକୁ ଭିନ୍ନ ରୂପ ଦିଆଯାଇଥିଲା । ରାଷ୍ଟ୍ରପତି ଏହି ଗୃହକୁ ପ୍ରବେଶ କରିବା ପରେ କିଛି ସମୟ ପାଇଁ ଭାବବିହ୍ୱଳ ହୋଇଯାଇଥିଲେ । ଏହି ପ୍ରକୋଷ୍ଠରେ ରାଷ୍ଟ୍ରପତି ୬ ଜଣ ବରିଷ୍ଠ ନେତା ଅର୍ଥାତ୍ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସହ କଥା ହୋଇଥିଲେ । ଏମାନଙ୍କ ମଧ୍ୟରୁ ୫ଜଣ (କେବଳ ବାଚସ୍ପତିଙ୍କୁ ଛାଡ଼ି) ୨୦୦୦ରୁ ୨୦୦୪ ବିଧାୟକ ଥିଲେ । ଓଡ଼ିଶାରେ ନାରୀ ସଶକ୍ତୀକରଣ ସାରା ଦେଶରେ ଉଦାହରଣ ପାଲଟିଛି । ଓଡ଼ିଶାର ଅନେକ ମହିଳା ଦକ୍ଷ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି । ନନ୍ଦିନୀ ଶତପଥୀ ଦେଶର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଥିଲେ । ଏବେ ଜଣେ ମହିଳା ବାଚସ୍ପତି ଅଛନ୍ତି । ପୂର୍ବରୁ ବି ମହିଳା ବାଚସ୍ପତିଙ୍କୁ ଗୃହ ପାଇଛି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଦେଶରେ ଆଗରେ । ଆଜି ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ବହୁ ପୂର୍ବତନ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ରାଷ୍ଟ୍ରପତି ପହଞ୍ଚିଲା ପରେ ପ୍ରଥମେ ବିଧାୟକ ଓ ପରେ ପୂର୍ବତନ ବିଧାୟକମାନଙ୍କ ସହ ଗ୍ରୁପ୍ ଫଟୋ ଉଠାଇଥିଲେ । ୨୦୦୦ ମସିହାରେ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ଥର ପାଇଁ ପାଲଲହଡ଼ାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଭଲ ପ୍ରଦର୍ଶନ ପାଇଁ ୨୦୦୨ ମସିହାରେ ଗୋପବନ୍ଧୁ ପ୍ରତିଭା ସମ୍ମାନ ପାଇଥିଲେ । ୨୦୦୪ରେ ସେ ସାଂସଦ ଭାବେ ନିର୍ବାଚିତ ହେଲା ପରେ ଆଉ ବିଧାନସଭା ଆସି ନଥିଲେ । ପ୍ରାୟ ୨୧ ବର୍ଷ ପରେ ଆଜି ବିଧାନସଭାରେ ତାଙ୍କର ପାଦ ପଡ଼ିଥିଲା । ରାଷ୍ଟ୍ରପତିଙ୍କ ଫଟୋ ? ସେସନ୍ ସମୟରେ ସେ ବାଚସ୍ପତିଙ୍କ ପାଖରେ ବସିଥିବା ଦେଖିବାକୁ ମିଳିଥିଲା । ଗୃହରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସମୟରେ ଗ୍ୟାଲେରିର ଆଗ ଧାଡ଼ିରେ କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ସହ ଶ୍ରୀ ପ୍ରଧାନ ବସିଥିଲେ ।

# ମରିଗଲା ମାନବିକତା : ବସ୍‌ରେ ଚାଲିଗଲା ଜୀବନ, ରାସ୍ତାରେ ଶବ ଛାଡ଼ି ପାର

**କେନ୍ଦ୍ରାପଡା(ଏନ୍.ଏମ୍.) :** ବସ୍‌ରେ ଘରକୁ ଫେରୁଥିଲେ ସ୍ୱାମୀ-ସ୍ତ୍ରୀ । ଅଧା ରାସ୍ତାରେ ବସ୍ ଭିତରେ ଚାଲିଗଲା ସ୍ୱାମୀଙ୍କ ଜୀବନ । କିନ୍ତୁ ମୃତଦେହକୁ ରାସ୍ତାକଡ଼ରେ ଛାଡ଼ି ବସ୍ ସେଠାରୁ ଚାଲିଯିବା ଭଳି ଏକ ଅମାନବୀୟ ଘଟଣା ଆଜି କେନ୍ଦ୍ରାପଡ଼ା ଦୁହୁରିଆଛକ ନିକଟରେ ଦେଖିବାକୁ ମିଳିଛି । ରାସ୍ତାକଡ଼ରେ ମୃତଦେହ ସହିତ ଅସହାୟ ପତ୍ନୀଙ୍କୁ ଛାଡ଼ି ବସ୍ କର୍ମଚାରୀ ପଳାଇଯିବା ଘଟଣା ବିଭିନ୍ନ ମହଲରେ ଉଦ୍‌ବେଗର କାରଣ ହୋଇଛି । ବାରିପଦା ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦବିଲ ଅଞ୍ଚଳ ବାଘରାଏ ମାରଢ଼ୀ ଓ ପତ୍ନୀ ଦୁଲାରୀ ମାରଢ଼ୀ କେନ୍ଦ୍ରାପଡ଼ାକୁ କାମ କରିବାକୁ ଆସିଥିଲେ । ଆଜି ଦୁହେଁ ଏକ ବସ୍‌ରେ କଟକ ଯାଉଥିଲେ । କିନ୍ତୁ ବାଟରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା । ବସ୍ କର୍ମଚାରୀ ଏହା ଜାଣିବା ପରେ ଦୁହୁରିଆଛକ ଠାରୁ ଅଳ୍ପ ଦୂରରେ ବସ୍ ରଖି ମୃତ ସ୍ୱାମୀ ସହିତ ସ୍ତ୍ରୀକୁ ଓହ୍ଲାଇ ଦେଇ ପଳାଇ ଯାଇଥିଲେ । ରାସ୍ତା କଡ଼ରେ ସ୍ୱାମୀ ମୃତଦେହ ପାଖେ ସ୍ତ୍ରୀ କାନ୍ଦୁଥିବା ଲୋକ ଦେଖିବା ପରେ ପୂରା ଘଟଣା ସାମନାକୁ ଆସିଥିଲା । ପାଖରେ ଅର୍ଥ ନ ଥିବାରୁ ସ୍ୱାମୀଙ୍କ ମୃତଦେହକୁ ହସ୍ପିଟାଲ୍ ଯାଏଁ ନେବା ବି ସ୍ତ୍ରୀଙ୍କ ପକ୍ଷେ ସମ୍ଭବପର ହୋଇନଥିଲା । ଶେଷରେ ବଜାର କମିଟି ସଦସ୍ୟ ଏଥିରେ ହସ୍ତକ୍ଷେପ କରିଥିଲେ । ବଜାର କମିଟି ସମ୍ପାଦକ ସନାତନ ମୁଦୁଲି ବ୍ୟବସାୟୀଙ୍କଠୁ ୨ହଜାର ଟଙ୍କା ଯୋଗାଡ଼ କରିବା ପରେ ଆମ୍ବୁଲାନ୍ସ ଡକାଇଥିଲେ । ସେହି ଆମ୍ବୁଲାନ୍ସରେ ମୃତଦେହ ସହିତ ପତ୍ନୀଙ୍କୁ ଜିଲ୍ଲା ହସ୍ପିଟାଲ୍‌କୁ ପଠାଯାଇଥିଲା ।ଗଣମାଧ୍ୟମ ପ୍ରତିନିଧି ଏ ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳଙ୍କ ଆଦେଶକ୍ରମେ ଆଜି ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ମହାପ୍ରୟାଣ ଗାଡ଼ିରେ ତାଙ୍କ ଗାଁକୁ ପଠାଯିବାର ବ୍ୟବସ୍ଥା ହୋଇଛି । ଏ ସମ୍ବନ୍ଧରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ ହୋଇଛି । ଏହାଛଡ଼ା ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ବିଧବା ପତ୍ନୀଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।



# ରାଉରକେଲା ବାଏପାସ୍ ରାସ୍ତାର ଭାଗ୍ୟ ଫିଟିଲା

## ଏନ୍‌ଏଚ୍-୩୨୦-ଡି' ର କପରଣ୍ଡାରୁ ସୁଇଡିହିକୁ ସଂଯୋଗ କରିବ

**ରାଉରକେଲା(ଏନ୍.ଏମ୍.) :** ଓଡ଼ିଶା ଓ ଝାଡ଼ଖଣ୍ଡର ଖଣିଜ ସମୃଦ୍ଧ ଅଞ୍ଚଳ ମଧ୍ୟରେ ଆର୍ଥିକ ସଂଯୋଗକୁ ବୃଦ୍ଧିକରିବା ଉଦ୍ଦେଶ୍ୟରେ ରାଉରକେଲା-ଜାମସେଦପୁର ମଧ୍ୟରେ ସଡ଼କ ନିର୍ମାଣ ହେବ । ଏହି ଜାତୀୟ ରାଜପଥ ୩୨୦-ଡି ଓଡ଼ିଶା ସୀମାନ୍ତ ଜରେଇକେଲା ଦେଇ ମନୋହରପୁର ଓ ଜାମସେଦପୁରକୁ ସଂଯୋଗ କରିବ । ପୂର୍ବରୁ ଏହି ରାସ୍ତା ରାଉରକେଲା ହକି ଛକ-ବନ୍ଧମୁଣ୍ଡା-ବିଶ୍ରା ଦେଇ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବାବେଳେ ଏହାକୁ ସ୍ଥାନୀୟ ବାସିନ୍ଦା ତୀବ୍ର ପ୍ରତିବାଦ କରିଥିଲେ । ତେବେ ପ୍ରାୟ ୩ ବର୍ଷ ବିଳମ୍ବ ହେଉପଛେ, ଶେଷରେ ପ୍ରକଳ୍ପର ଭାଗ୍ୟ ଫିଟିଛି । ଏହି ବାଏପାସ୍ ରାସ୍ତା ନିର୍ମାଣ ପାଇଁ ନୂତନ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହୋଇସାରିଛି । ସମ୍ଭବତଃ ଭବିଷ୍ୟତରେ ସମ୍ଭାବ୍ୟ ବିରୋଧାଭାସକୁ ଏଡ଼ାଇବା ତଥା ପ୍ରକଳ୍ପର ସୁପରିଚାଳନା ପାଇଁ ଖୁବଶୀଘ୍ର ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତୀୟ ବୈଠକ ଆୟୋଜନ ପାଇଁ ରାଉରକେଲା ଜାତୀୟ ରାଜପଥ ଡିଭିଜନ ପକ୍ଷରୁ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି । ଜାତୀୟ ରାଜପଥ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଗତ ୨୫ ତାରିଖରେ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ଗୁରୁତ୍ୱପୂର୍ଣ୍ଣ ବାଏପାସ୍ ରାସ୍ତା ପ୍ରକଳ୍ପ ପାଇଁ ଜିଲ୍ଲାସ୍ତରୀୟ ବୈଠକ ଆୟୋଜନକରି ଜମି ଅଧିଗ୍ରହଣ ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରାଯିବ । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ସାଂସଦ, ରଘୁନାଥପାଲି ଓ ବୀରମିତ୍ରପୁର ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ, ଲାଠିକଟା ଓ ବିଶ୍ରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ବିଭାଗୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବେ । ବୈଠକ ପାଇଁ ଯଥାଶୀଘ୍ର ତାରିଖ ଧାର୍ଯ୍ୟ କରିବାକୁ ନିବେଦନ କରିଛନ୍ତି । ଉଲ୍ଲେଖଯୋଗ୍ୟ, ବ୍ୟାପକ ସର୍ଭେ ପରେ ଏହି ପ୍ରକଳ୍ପ ପାଇଁ ମୋଟ୍ ୪ଟି ଡିପିଆର ପ୍ରସ୍ତୁତ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଡିପିଆରକୁ ଚୂଡ଼ାନ୍ତ କରାଯାଇଛି । ଏହି ବାଏପାସ୍ ରାସ୍ତା ଲାଠିକଟା ତହସିଲ ଅନ୍ତର୍ଗତ ସୁଇଡିହିରୁ ବାହାରି ବିଶ୍ରା ବ୍ଲକ ଅନ୍ତର୍ଗତ କପରଣ୍ଡା (ଜରେଇକେଲା ନିକଟବର୍ତ୍ତୀ ଅଞ୍ଚଳ)କୁ ସଂଯୋଗ କରିବ । ଏଥିପାଇଁ ଲାଠିକଟା ଓ ବିଶ୍ରା ବ୍ଲକ୍ ଅନ୍ତର୍ଗତ ୧୩ଟି ଗାଁରେ ଜମି ଅଧିଗ୍ରହଣ ଆବଶ୍ୟକ ହେବ । ଏସବୁ ଗାଁ ଗୁଡ଼ିକ ହେଲା,ବିଶ୍ରା ବ୍ଲକ୍ ଭାଲୁଲତା ପଞ୍ଚାୟତର କପରଣ୍ଡା, ଡରେଇକେଲା ପଞ୍ଚାୟତର ଯୋଡ଼ାବନ୍ଧ, ବିଶ୍ରା ପଞ୍ଚାୟତର ପୁରୁଣା ବିଶ୍ରା, ସନ୍ତୋଷପୁର ପଞ୍ଚାୟତର ଗୁଡ଼ଗୁଡ଼ଯୋର, କପାଟମୁଣ୍ଡା ପଞ୍ଚାୟତର ବିରକେରା ଓ କୁଦରବାହାଲ, ମନକୋ ପଞ୍ଚାୟତର ବରସୁନା, ମନକୋ, ଡୁଡୁର୍ଗା ଏବଂ ଲାଠିକଟା ବ୍ଲକ୍ ଅନ୍ତର୍ଗତ ସୁଇଡ଼ିହି ପଞ୍ଚାୟତର ଲୋହାଧର, ମୁଣ୍ଡାଯୋର ପଞ୍ଚାୟତର ନୂଆଟୋଲି, ମୁଣ୍ଡାଯୋର ଓ ଡୋଲାକୁଦର । ନିର୍ଦ୍ଦିଷ୍ଟ କେବେ ଏହି ବୈଠକ ଅନୁଷ୍ଠିତ ହେବା ତାହା ଘୋଷଣା କରାଯାଇନି । ତେବେ ନିର୍ଦ୍ଧାରିତ ସମୟରେ ବୈଠକରେ ପ୍ରସ୍ତାବିତ ପ୍ରକଳ୍ପକୁ ସବୁଜସଙ୍କେତ ମିଳିବାର ସମ୍ଭାବନା ସର୍ବାଧିକ ।




# ବିଜେଡି ସ୍ଥିତିକୁ ନେଇ ଦେବାଶିଷଙ୍କ ବିସ୍ଫୋରକ ବୟାନ



**କଟକ (ଏନ୍.ଏମ୍.) :** ବିଜେଡି ରାଜ୍ୟ ଉପସଭାପତି ପଦରୁ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଇସ୍ତଫା ଦେଇଛନ୍ତି । ଇସ୍ତଫାପତ୍ରରେ ଦେବାଶିଷ ଯାହା ଲେଖିଛନ୍ତି ସେଥିରେ ତାଙ୍କର ତୀବ୍ର ଅସନ୍ତୋଷ ପ୍ରତିଫଳିତ ହେବା ସହିତ ପୁଣି ଥରେ ଦଳ ଭିତରେ ହଟଚମଟ ସୃଷ୍ଟି ହୋଇଛି । ଦେବାଶିଷ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଉପସଭାପତି ପାହ୍ୟା ପଦବି (ବରିଷ୍ଠ ନାଗରିକ ସେଲ୍) ତାଙ୍କ ପାଇଁ ଏକପ୍ରକାର ଅପମାନ ସଦୃଶ । ଏହା କୌଣସି ଅମଲାତାନ୍ତ୍ରିକ ନିଷ୍ପତ୍ତି ଓ ଦାୟିତ୍ୱ ଭଳି ମନେ ହେଉଛି । ତେଣୁ ଏହି ପଦବିରେ ରହିବାକୁ ସେ ଇଚ୍ଛୁକ ନୁହନ୍ତି । ବିଜେଡିର ବର୍ତ୍ତମାନ ସ୍ଥିତି ସଂପର୍କରେ ଅତ୍ୟନ୍ତ କଠୋର ଭାଷାରେ ମନ୍ତବ୍ୟ ଦେଇ ଦେବାଶିଷ କହିଛନ୍ତି ଯେ ଏବେ ଏହା ଏକ ବ୍ୟୁରୋକ୍ରାଟିକ୍ ଦଳ ହେଇଗଲାଣି । ନବୀନ ପଟ୍ଟନାୟକଙ୍କର ତାଙ୍କ ପ୍ରତି ଶ୍ରଦ୍ଧା ଥିଲେ ବି ତାଙ୍କୁ ନବୀନଙ୍କ ସହ ଭେଟିବାକୁ ଦିଆଯାଉ ନାହିଁ । ନବୀନ ବାବୁଙ୍କର ପାଖଲୋକଙ୍କର ଦଳ ଭିତରେ ସ୍ଥାନ ନାହିଁ । ନୂଆପଡ଼ା ଉପନିର୍ବାଚନରେ ଅଞ୍ଚଳ ବାହାରର ପ୍ରାର୍ଥୀ କରାଯିବା ନିଷ୍ପତ୍ତି ନବୀନ ବାବୁଙ୍କର ନୁହେଁ ବୋଲି ଦର୍ଶାଇଛନ୍ତି । ତେବେ ନବୀନ ବାବୁ ଥିବା ଯାଏଁ ସେ ବିଜେଡି ଛାଡ଼ିବେ ନାହିଁ ବୋଲି ଦେବାଶିଷ ସ୍ପଷ୍ଟ କରିଛନ୍ତି । ଦେବାଶିଷ ନବୀନଙ୍କ ପାଖକୁ ପଠାଇଥିବା ଚିଠିକୁ ଏକ୍ସରେ ମଧ୍ୟ ପୋଷ୍ଟ କରିଛନ୍ତି । ଏଥିସହିତ ଦଳ ଭିତରେ ଚାଲିଥିବା ଅସନ୍ତୋଷ ନେଇ ନବୀନଙ୍କୁ ସୂଚାଇ ଦେଇଛନ୍ତି । ସେ ଲେଖିଛନ୍ତି ଯେ ଯେଉଁମାନେ ନବୀନଙ୍କ ଲମ୍ବା ରାଜନୈତିକ କ୍ୟାରିୟରରେ ତାଙ୍କ ସହିତ ଦୃଢ଼ ଭାବେ ଛିଡ଼ା ହୋଇଥିଲେ ସେମାନଙ୍କ ପାଇଁ ମଧ୍ୟ ଦଳରେ କୌଣସି ସ୍ଥାନ ଥିବା ଭଳି ମନେହେଉନି । ବର୍ତ୍ତମାନ ବିଜେଡିରେ ବିଜୁ ଲିଗାସି ଏବଂ ତାହାକୁ ନବୀନ ବାବୁ ଯେଉଁଭଳି ଭାବେ ଆଗେଇ ନେଇଥିଲେ ତାହାର ବ୍ୟତିକ୍ରମ ହୋଇଥିଲା ବେଳେ ନୂଆଧରଣର ଚିନ୍ତାଧାରା, ଆଦର୍ଶ ଓ କାର୍ଯ୍ୟପ୍ରଣାଳୀ ଦେଇ ଦଳ ଗତି କରୁଛି । ନବୀଙ୍କ ପ୍ରତି ତାଙ୍କର ବିଶ୍ୱାସ ଥିଲେ ବି ସେ ଏପ୍ରକାର କାର୍ଯ୍ୟକଳାପ ଯୋଗୁଁ ନିରୁତ୍ସାହିତ ମନେ କରୁଛନ୍ତି । ଗତ ସାଧାରଣ ନିର୍ବାଚନରେ ଦଳର ପରାଜୟ ସଂକ୍ରାନ୍ତରେ ଦେବାଶିଷ ଲେଖିଛନ୍ତି ଯେ ଗତବର୍ଷର ନିର୍ବାଚନ ଫଳାଫଳ ପରଠୁ ଦଳ ତାହାର ପରାଜୟର କାରଣ ସ୍ୱୀକାର କରିପାରୁନାହିଁ କି ଏହାର ପ୍ରତିକାର ମଧ୍ୟ କରିପାରୁନାହିଁ ।ଭି କେ ପାଣ୍ଡିଆନଙ୍କ ନାଁ ନନେଇଥିଲେ ବି ତାଙ୍କୁ ଇଙ୍ଗିତ କରି ସେ କହିଛନ୍ତି, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ଆମକୁ ପରାଜୟର ସାମନା କରିବାକୁ ପଡ଼ିଥିଲା ୨୦୨୪ ନିର୍ବାଚନର ପରାଜୟ ପଛର କାରଣକୁ କେହି କୁହନ୍ତୁ କି ନ କୁହନ୍ତୁ, କିନ୍ତୁ ଏହା ବିଷୟରେ ପ୍ରତ୍ୟେକ ବିଜେଡି ନେତା ଓ କର୍ମୀ ଜାଣିଛନ୍ତି । ତେଣୁ ଦଳକୁ ଦୁର୍ବଳ କରୁଥିବା କୌଣସି ବ୍ୟକ୍ତିଙ୍କୁ ଆପଣ ଦଳରୁ ବାହାର କରିପାରିବେ ବୋଲି ଆମର ଆଶା ଅଛି । ତେଣୁ ଦଳର ସାମ୍ପ୍ରତିକ ସ୍ଥିତିକୁ ସମ୍ଭାଳିବା ପାଇଁ ସଭାପତି ଧ୍ୟାନ ଦିଅନ୍ତୁ ବୋଲି ଦେବାଶିଷ ଅନୁରୋଧ କରିଛନ୍ତି ।

- ଦଳର ଉପସଭାପତି ପଦରୁ ଇସ୍ତଫା
- ଏହି ପଦ ଅପମାନଜନକ ଓ ଅମଲାତାନ୍ତ୍ରିକ
- ବିଜୁ ଓ ନବୀନଙ୍କ ବିଶ୍ୱସ୍ତଙ୍କ ପାଇଁ ଦଳରେ ସ୍ଥାନ ନାହିଁ

## ଅନ୍ୟ ଜାତିର ଝିଅକୁ ବାହା ହେଲେ ବୋଲି...

# ଅତିରିକ୍ତ ତହସିଲଦାରଙ୍କ ପରିବାରକୁ ବାସନ୍ଦ

**ଛତ୍ରପୁର(ଏନ୍.ଏମ୍.) :** ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା ସତ୍ତ୍ୱେ ସମାଜରୁ ବାସନ୍ଦ ପ୍ରଥା ହଟିପାରୁନି । ଶେଷରେ ଖୋଦ୍ ସରକାରୀ ଅଧିକାରୀ ବି ଏଥିରୁ ବାଦ୍ ପଡୁନାହାନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାରେ । ଅନ୍ୟ ଜାତିର ଝିଅକୁ ବାହା ହେବାରୁ ଆସିକା ଅତିରିକ୍ତ ତହସିଲଦାର ସେ ?ଦାଗର ବେହେରାଙ୍କ ପରିବାରକୁ କୁଳସମାଜ ବାସନ୍ଦ କରିଥିବା ଅଭିଯୋଗ ହୋଇଛି । ଫଳରେ ନ୍ୟାୟ ପାଇଁ ବାପା ବିଜୟ ବେହେରା ଆଜି ଛତ୍ରପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେଇଛନ୍ତି । ଅତିରିକ୍ତ ତହସିଲଦାର ଶ୍ରୀ ବେହେରା ହେଉଛନ୍ତି, ଛତ୍ରପୁର ଥାନା ଅଧୀନ ମୁନିଷିପେଣ୍ଠ ଗ୍ରାମର ମୂଳବାସିନ୍ଦା । ଚଳିତବର୍ଷ ଫେବ୍ରୁଆରି ମାସରେ ସେ ଜଣେ ଅନ୍ୟ ଜାତିର ଯୁବତୀଙ୍କୁ ବିବାହ କରିଥିଲେ । ଏହାପରେ ବାପା ବିଜୟ କୁଳସମାଜକୁ ଏହି ବାହାଘର ବିଷୟରେ ଅବଗତ କରାଇଥିଲେ ।ତେବେ ସମାଜ ପକ୍ଷରୁ ତାଙ୍କୁ 'ପୁଅ ତୁମ ସହ ରହିବ ନା ଅଲଗା ରହିବ' ବୋଲି ପ୍ରଶ୍ନ କରାଯାଇଥିଲା । ପୁଅ ପରିବାର ସହ ରହିବ କହିବାରୁ ଏନେଇ ବିଚାର କରାଯିବ ବୋଲି କୁଳସମାଜ ପକ୍ଷରୁ ବିଜୟଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ଚଳିତମାସ ୨୩ ତାରିଖରେ ଗାଁର ଏକ ବିବାହ ଭୋଜିକୁ ବିଜୟ ଯାଇ ଖାଉଥିବା ବେଳେ ଜୋର ଜବରଦସ୍ତ ତାଙ୍କ ଖଲିପତ୍ରକୁ ଉଠାଇ ଏହି ଭୋଜିକୁ ତୁମକୁ କିଏ ଡାକିଛି ବୋଲି ପଚାରି ଅପମାନିତ କରାଯାଇଥିଲା । ଏହାସହ ତାଙ୍କ ପରିବାର ପ୍ରତି କଟୁଭାଷା ପ୍ରୟୋଗ କରାଯାଇଥିଲା । ପୁଅ ଅନ୍ୟ ଜାତିରେ ବାହା ହୋଇଥିବାରୁ ପରିବାରକୁ ବାସନ୍ଦ କରାଯାଇଥିବା କୁଳସମାଜର କର୍ମକର୍ତ୍ତାଗଣ କହିଥିବା ବିଜୟ ତାଙ୍କ ଏତଲାରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଛତ୍ରପୁର ଥାନାରେ ଆଜି କୁଳସମାଜର କର୍ମକର୍ତ୍ତା ଓ ବିଜୟଙ୍କ ପରିବାରକୁ ଡାକି ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲେ ହେଁ, ସମାଧାନର ବାଟ ଫିଟିପାରିନି ।କୌଣସି ମାମଲା ମଧ୍ୟ ରୁଜୁ ହୋଇ ନଥିବା ଥାନାଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି । ତେବେ ଉକ୍ତ ପରିବାରକୁ ବାସନ୍ଦ କରାଯାଇନି ବୋଲି ସମାଜ ପକ୍ଷରୁ କୁହାଯାଇଛି । ପରବର୍ତ୍ତୀ ସମୟରେ ସମାଜର ମହାସଭା କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହେବ ବୋଲି ସୂଚନା ମିଳିଛି ।

# ଚୌଦ୍ୱାର ଜେଲ୍‌ର ଗୁମର : ୫୩ ଦିନ ପରେ ବି ଫେରାର ୨ ଦୁର୍ଦ୍ଦାନ୍ତ କଏଦୀ ଅପହଞ୍ଚ

**କଟକ(ଏନ୍.ଏମ୍.) :** ଚୌଦ୍ୱାର ସର୍କଲ ଜେଲ୍‌ର ସେଲ୍ ଭାଙ୍ଗି ଦୁଇ କଏଦୀ ଫେରାର ଘଟଣାର ୫୩ ଦିନ ପରେ ବି ପୁଲିସ ହାତ ଖାଲି । ଜେଲ୍ ଡେଇଁ ଫେରାର ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରାଣା ଓ ରାଜା ସାହାଣିଙ୍କ ସଂପର୍କରେ ସୂଚନା ଦେଲେ ୫୦ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଥିଲେ ବି କୌଣସି ସଫଳତା ମିଳିନାହିଁ । ତେବେ କଏଦୀ ଫେରାର ହେବା ଏବଂ ଧରା ନ ପଡ଼ିବା ପଛରେ ଷଡ଼ଯନ୍ତ୍ର ରହିଥିଲେ ବି ଏ କ୍ଷେତ୍ରରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟ ରହିବା ସ୍ଥିତିକୁ ଅଧିକ ଜଟିଳ କଲାଣି । ଏହି ଘଟଣାରେ ମୁଖ୍ୟ ୱାର୍ଡର ଭଗତ ରାମ ଓ ୱାର୍ଡର ସିଦ୍ଧାନ୍ତ ସାହୁଙ୍କୁ ନିଲମ୍ବିତ କରାଯାଇଛି । ଜେଲର ସନ୍ତୋଷିନୀ ଦାଶଙ୍କୁ ବଦଳି କରାଯାଇଛି । ହେଲେ କାହିଁକି ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ନାହିଁ ଏବଂ କାହିଁକି ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଉ ନାହିଁ, ତାହା ହିଁ ସନ୍ଦେହର କାରଣ ହୋଇଛି । କଏଦୀ ଫେରାର ସମୟରେ ଚୌଦ୍ୱାର ଜେଲ୍ ସୁରକ୍ଷା ବ୍ୟବସ୍ଥା ସହିତ ଜେଲ୍ ବିଭାଗ କେନ୍ଦ୍ରାଞ୍ଚଳ ଡିଆଇଜି ଅନସୂୟା ଜେନା, ଅଧୀକ୍ଷକ ସୁଜିତ କୁମାର ରାଉଳ ଓ ଜେଲର ସନ୍ତୋଷିନୀ ଦାଶ ସଂପୃକ୍ତ ଥିଲେ । ଯେଉଁ ସେଲ୍‌ରୁ ଦୁଇ କଏଦୀ ଫେରାର ହେଲେ ତାହାର ସୁରକ୍ଷା ଦାୟିତ୍ୱରେ ପରକୁ ପର ୱାର୍ଡର ସିଦ୍ଧାନ୍ତ ସାହୁ, ମୁଖ୍ୟ ୱାର୍ଡର ଭଗତ ରାମ, ସେଲ୍ ଇନ୍‌ଚାର୍ଜ ସୁବାସ ଦ୍ୱିବେଦୀ, ନାଇଟ୍ ରାଉଣ୍ଡ ଅଫିସର ଶରତ ନନ୍ଦ ରହିଥିଲେ । ହେଲେ ଏତେ ବଡ଼ ଘଟଣାରେ କେବଳ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲର୍‌ଙ୍କୁ ଦାୟୀ କରି ଦିଆଗଲା ଅର୍ଥାତ୍ ସେଦିନର ସୁରକ୍ଷା ତ୍ରୁଟିରେ ଅନ୍ୟ କର୍ମଚାରୀ ଅଥବା ଅଧିକାରୀମାନଙ୍କର କୌଣସି ଭୂମିକା ନଥିଲା ? ବିଚିତ୍ର ଘଟଣା ହେଉଛି ଚୌଦ୍ୱାର ଜେଲ୍‌ରେ ଦଶହରା ଆୟୋଜନ ଧୁମ୍‌ଧାମ୍‌ରେ ହୁଏ । କାର୍ଯ୍ୟକ୍ରମ ଆୟୋଜନ ପାଇଁ ବାହାରୁ ଅନେକ ସାମଗ୍ରୀ ଅଣାଯାଏ । ସବୁ କଏଦୀଙ୍କୁ ସେଲ୍ ଓ ୱାର୍ଡରୁ ଆଣି ପୂଜାରେ ସାମିଲ ସୁଯୋଗ ଦିଆଯାଏ । ଜେଲ୍ ଡିଆଇଜିଙ୍କ ଅନୁମତିକ୍ରମେ ଏହା ଆୟୋଜନ ହୁଏ । ଚଳିତ ବର୍ଷ ସେପ୍ଟେମ୍ବର ୨୭ରୁ ୨ ତାରିଖ ଯାଏଁ ଜେଲ୍‌ରେ ଦଶହରା ଆୟୋଜନ ଅନୁମତି ଡିଆଇଜି ଦେଇଥିଲେ । ଏହି ସମୟ ସୁରକ୍ଷା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ହୋଇଥିବାରୁ କୌଣସି ଅଧିକାରୀ ଅଥବା କର୍ମଚାରୀଙ୍କୁ ଛୁଟିରେ ଯିବାର ଅନୁମତି ନଥାଏ । କିନ୍ତୁ ଜେଲ୍ ଡିଆଇଜି ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ଓ ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳ ସେପ୍ଟେମ୍ବର ୨୭ରୁ ସେପ୍ଟେମ୍ବର ୩୦ ଯାଏଁ ଛୁଟିରେ ଚାଲିଗଲେ । ହେଲେ ସେ ୧ ଓ ୨ ତାରିଖରେ ଜେଲ୍‌କୁ କେଉଁ ସମୟରେ ଆସିଛନ୍ତି, କେତେ ସମୟ ରହିଛନ୍ତି, ତାହା ତଦନ୍ତ ସାପେକ୍ଷ । ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ ଦୁଇ କଏଦୀ ଜେଲ୍‌ରୁ ଫେରାର ହୋଇଗଲେ । ସେହି ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ୱାର୍ଡର, ମୁଖ୍ୟ ୱାର୍ଡର, ସେଲ୍ ଇନ୍‌ଚାର୍ଜ, ନାଇଟ୍ ରାଉଣ୍ଡ ଅଫିସର କେଉଁଠି ଥିଲେ ଏହା ବି ତଦନ୍ତ ସାପେକ୍ଷ । ଅକ୍ଟୋବର ୩ ସକାଳେ କଏଦୀ ଫେରାର ସଂପର୍କରେ ଖବର ମିଳିଲା । ଚୌଦ୍ୱାର ଥାନା ପୁଲିସ, ଏସିପି ପହଞ୍ଚିଲେ । କିନ୍ତୁ ଜେଲ୍ ଅଧୀକ୍ଷକ କେଉଁ ସମୟରେ ଜେଲ୍‌ରେ ପହଞ୍ଚିଲେ, ତାହାକୁ ନେଇ ସେତେବେଳେ ପୁଲିସ ପ୍ରଶ୍ନ ଉଠାଇଥିଲା । ଏତେ ସବୁ ପ୍ରଶ୍ନ ମୁଣ୍ଡ ଟେକୁଥିଲେ ବି ଏଯାଏଁ ଉଚ୍ଚସ୍ତରୀୟ ତଦନ୍ତ ନହେବା ଏବଂ ବରିଷ୍ଠ ଅଧିକାରୀଙ୍କୁ ଦୋଷମୁକ୍ତ କରି ଦିଆଯିବା ପୂରା ଘଟଣାକୁ ରହସ୍ୟମୟ କରୁଛି ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଏ୩୨୦ ଜେଟ୍ ଫ୍ୟାମିଲି ...

ଘଟଣାର ଏୟାରବସ୍ ବିଶ୍ଲେଷଣରୁ ଆସିଛି, ଯେଉଁଠାରେ ଏକ ଏଲିଭେଟର ଏଲେରନ୍ କମ୍ପ୍ୟୁଟରରେ ଏକ ସନ୍ଦେହଜନକ ତ୍ରୁଟି ଯୋଗୁଁ ବିମାନଟି କିଛି ସମୟ ପାଇଁ ତଳକୁ ଖସି ପଡ଼ିଥିଲା । ଏହାର ଜବାବରେ, ୟୁରୋପୀୟ ୟୁନିଅନ ବିମାନ ସୁରକ୍ଷା ଏଜେନ୍ସି ଏକ ଜରୁରୀକାଳୀନ ବିମାନ ଯୋଗ୍ୟତା ନିର୍ଦ୍ଦେଶନାମା ଜାରି କରିଛି ଯେଉଁଥିରେ ଯେକୌଣସି ପ୍ରଭାବିତ ବିମାନର ପରବର୍ତ୍ତୀ ଉଡ଼ାଣ ପୂର୍ବରୁ ସେବାଯୋଗ୍ୟ ଇଏଲଏସି ୟୁନିଟ୍ ସ୍ଥାପନ କରିବାକୁ ବାହକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇଏଲଏସି ସିଷ୍ଟମଗୁଡ଼ିକ ପ୍ରମୁଖ ଉଡ଼ାଣ-ନିୟନ୍ତ୍ରଣ କାର୍ଯ୍ୟ ପରିଚାଳନା କରେ । ଭାରତ ପ୍ରାୟ ୫୬୦ଟି ଏ୩୨୦-ପରିବାର ବିମାନ ଚଳାଚଳ କରେ । ଏତେ ସଂଖ୍ୟକ ଜେଟ୍ ଯାଞ୍ଚ ପାଇଁ ଯାଉଥିବାରୁ, ଅଧିକାରୀମାନେ ପ୍ରମୁଖ ଏୟାରଲାଇନ୍ସରେ ଏକ ବଡ଼ କାର୍ଯ୍ୟକ୍ଷମ ହିଟ୍ ପାଇଁ ପ୍ରସ୍ତୁତ ହେଉଛନ୍ତି । ଇଣ୍ଡିଗୋ ଶନିବାର ଦିନ କହିଛି ଯେ ଏହା ଏ୩୨୦-ପରିବାର ବିମାନ ସମ୍ପର୍କରେ ଏହାର ଅଧିକାଂଶ ଫ୍ଲିଟର ନିର୍ମାତା ଏୟାରବସ୍ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ବିଷୟରେ ଅବଗତ ଅଛନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟ ....

ବିଶ୍ୱବିଦ୍ୟାଳୟରୁ ଜଣେ, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ କାର୍ଯ୍ୟ କରୁଥିବା ଦୁଇ ଜଣ ପ୍ରଫେସର ସାକ୍ଷାତ୍କାର ଦେଇଛନ୍ତି । ରାଜସ୍ଥାନର ଏକ ବିଶ୍ୱବିଦ୍ୟାଳୟର କୁଳପତି ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ହେବାକୁ ଆଗ୍ରହ ଦେଖାଇଛନ୍ତି ।

## ଲିଙ୍ଗରାଜଙ୍କ ନୀତି ବିଭ୍ରାଟ ...

ପରାମର୍ଶ କ୍ରମେ ପ୍ରଶାସନର ହସ୍ତକ୍ଷେପ ଫଳରେ ଅନ୍ୟ ନୀତି କରାଯାଇଥିଲା । ୨୦୨୪ରେ ଶ୍ରୀ ଜୀଉଙ୍କର ଓଢଣ ଷଷ୍ଠୀରେ ସକାଳ ମଙ୍ଗଳ ଆଳତୀଠାରୁ ସମସ୍ତ ନୀତି ବନ୍ଦ ରହିଥିଲା । ତା ପରଦିନ ଶ୍ରୀ ଜୀଉଙ୍କର ନୀତିକାନ୍ତି ସ୍ୱାଭାବିକ ହୋଇଥିଲା । ସେହିପରି ତା ୨୬/୧୧/୨୫ରେ ଓଢଣ ଷଷ୍ଠୀ ସ୍ୱାଭାବିକ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଆଗୁଆ ତା ୧/୧୧/୨୫ରେ ସମସ୍ତ ପକ୍ଷଙ୍କ ସହିତ ଆଲୋଚନା କରି ସମାଧାନ ପରାମର୍ଶ ଦେଇଥିଲେ । ୨୦୨୫ରେ ନବାଙ୍କବେଢା ନୀତି ହୋଇନପାରିବାରୁ ଶ୍ରୀଜୀଉମାନେ ମକର ମଣ୍ଡପରେ ତା ୧୩/୧/୨୫ରୁ ତା ୧୫/୧/୨୫ ସଂଧ୍ୟା ପର୍ଯ୍ୟନ୍ତ ଉପବାସ ରହିଥିଲେ । ଏହି ଘଟଣାରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ହସ୍ତକ୍ଷେପ କରିବା ପରେ ଖୋର୍ଦ୍ଧା ଜିଲ୍ଲାପାଳ ଟ୍ରଷ୍ଟବୋର୍ଡ଼ର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇ ସମ୍ପୃକ୍ତ ସେବାୟତମାନଙ୍କ ସହ ଆଲୋଚନା କରି ମଧ୍ୟରାତି ସୁଦ୍ଧା ବନ୍ଦ ଥିବା ନୀତିକାନ୍ତି କରାଯାଇଥିଲା ।

## ଭଦ୍ରକ ବିଜେଡିରେ କମ୍ପନ ...

ପାଇଁ ନିବେଦନ କରିଛନ୍ତି । ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଛନ୍ତି ବୋଲି ଏଥିରେ ସେ ଦର୍ଶାଇଛନ୍ତି । ତେବେ ଏହି ଘଟଣାକୁ ନେଇ ଦିନତମାମ ଚର୍ଚ୍ଚା ଚାଲିଥିବା ବେଳେ ସଂଧ୍ୟାରେ ପୁଣି ଆଉ ଏକ ଖବର ବିଜେଡି ଶିବିରକୁ ଦୋହଲାଇ ଦେଇଛି । ଏକାବେଳକେ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ବିଜେଡିରୁ ଇସ୍ତଫା ଦେଇଛନ୍ତି । ନିଜ ନିଜର ଇସ୍ତଫାପତ୍ର ଦଳର ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି । ବିଜେଡି ସମର୍ଥନରେ ବିଜୟୀ ହୋଇଥିବା ଭଦ୍ରକ ଜିଲ୍ଲାର ୪ଟି ବ୍ଲକ୍‌ର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଦଳ ଛାଡ଼ି ବିଜେପିରେ ମିଶିବେ ବୋଲି ଚର୍ଚ୍ଚା ହେଉଥିଲା । ତେବେ ଆଜିର ଏହି ଇସ୍ତଫା ପର୍ବ ପରେ ଚର୍ଚ୍ଚା ଉପରୁ ଏକ ପ୍ରକାର ପରଦା ହଟିଛି ।

## ୧୭,୪୪୦ କୋଟିର ଅତିରିକ୍ତ ...

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ୧୩ କୋଟି ଟଙ୍କାର ଅନୁଦାନ ଦିଆଯାଇଛି । ରାସ୍ତା ଓ ସେତୁଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଚାଷୀମାନଙ୍କ କଲ୍ୟାଣ ପାଇଁ ପ୍ରାଣୀସମ୍ପଦ ସମୃଦ୍ଧି ଯୋଜନାକୁ ୧୩୭ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ୯୧ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ ୧୧୭ କୋଟି ଟଙ୍କା, ଚାଷୀଙ୍କୁ ଋଣ ଛାଡ଼ ଲାଗି ସମବାୟ ବ୍ୟାଙ୍କ ଓ ପ୍ୟାକ୍ସଗୁଡ଼ିକ ପାଇଁ ୩୦୦ କୋଟି ଟଙ୍କାର ବ୍ୟୟବରାଦ ଧାର୍ଯ୍ୟ କରାଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିସନ୍ ପାଇଁ ୯୯୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ୫୦ କୋଟି, ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୧୩୧ କୋଟି, ଏସ୍‌ସିବି ମେଡିକାଲ କଲେଜରେ ନୂଆ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ୫୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ମହିଳା ଓ ଶିଶୁ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ମମତା ଯୋଜନାକୁ ୧୪୨ କୋଟି ଟଙ୍କା, କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ ବାବଦରେ ୪୧ କୋଟି ଟଙ୍କା, ଯଶୋଦା-ଆଶୀର୍ବାଦ ଅଧୀନରେ ୧୧ କୋଟି ଟଙ୍କା, ଶକ୍ତି ସଦନ (ସାମର୍ଥ୍ୟ) ପାଇଁ ୩୩ କୋଟି ଟଙ୍କା ଓ ଜାତୀୟ ଗ୍ରାମୀଣ ଜୀବିକା ମିସନ୍‌କୁ ୪୨୬ କୋଟି ଟଙ୍କା ଦିଆଯାଇଛି । ପିଏମ୍ ପୋଷଣ ଅଧୀନରେ ୩୧୨ କୋଟି ଟଙ୍କା, ପିଏମ୍‌ଶ୍ରୀ ବିଦ୍ୟାଳୟ ପାଇଁ ୩୨୦ କୋଟି, ସମଗ୍ର ଶିକ୍ଷାରେ ରାଜ୍ୟ ସହାୟତା ବାବଦକୁ ୩୦୬ କୋଟି, ପଞ୍ଚସଖା ଶିକ୍ଷାସେତୁ ଯୋଜନା ପାଇଁ ୫୧ କୋଟି ଏବଂ କ୍ରୀଡ଼ା ପାଇଁ ୩୮ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ୨୧୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ପାଇଁ ୧୪୭ କୋଟି ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ନିର୍ମାଣ ପାଇଁ ୩୧୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଜଙ୍ଗଲ ଓ ପରିବେଶ କ୍ଷେତ୍ରରେ ବୃକ୍ଷରୋପଣ କ୍ଷତିପୂରଣ ପାଣ୍ଠି ପାଇଁ ୨୪୨ କୋଟି ଟଙ୍କା, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶ ଓ ସେ ନିର୍ଦ୍ଦେଶାଧିକରଣ ପାଇଁ ୮୦ କୋଟି ଟଙ୍କା, ଇକୋ ଟୁରିଜିମ୍ ବିକାଶ ପାଇଁ ୮୦ କୋଟି ଟଙ୍କା, ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ପାଇଁ ୨୫ କୋଟି ଟଙ୍କା, ହାତୀ ଚଳାଚଳ ପରିଚାଳନା ପାଇଁ ୨୫ କୋଟି ଟଙ୍କା, ଗ୍ରିନ୍ କ୍ଲାଇମେଟ୍ ପାଣ୍ଠିକୁ ୩୧ କୋଟି ଟଙ୍କା, ସବୁଜ ମହାନଦୀ ମିସନ୍‌କୁ ୨୯ କୋଟି ଟଙ୍କା ଓ ରାଜ୍ୟରେ ସବୁଜିମା ବଢ଼ାଇବା ପାଇଁ ଅତିରିକ୍ତ ବଜେଟ୍‌ରେ ୧୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାକୁ ୧୦୦ କୋଟି ଟଙ୍କା, ସଂସ୍କୃତି ନିର୍ଦ୍ଦେଶାଳୟକୁ ୩୧ କୋଟି ଟଙ୍କା, କଳାମଣ୍ଡଳ ପାଇଁ ୨୦ କୋଟି ଟଙ୍କା, ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହନ ପାଇଁ ୨୦ କୋଟି ଟଙ୍କା, ରବୀନ୍ଦ୍ର ମଣ୍ଡପ ଓ କଳା ମଣ୍ଡପର ନବୀକରଣ ପାଇଁ ୧୦ କୋଟି ଟଙ୍କା, ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ପାଇଁ ୬ କୋଟି ଟଙ୍କା, ପର୍ଯ୍ୟଟନ ପ୍ରଚାର ଓ ପ୍ରସାର ପାଇଁ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେହିପରି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାକୁ ୧୦୦ କୋଟି ଟଙ୍କା, ଅମୃତ ପ୍ରକଳ୍ପ ୨.୦ ପାଇଁ ୬୪ କୋଟି ଟଙ୍କା, ସୁଜଳ ଯୋଜନାକୁ ୫୦ କୋଟି ଟଙ୍କା, ବର୍ଷା ଜଳ ନିଷ୍କାସନ ପାଇଁ ୩୦ କୋଟି ଟଙ୍କା ଓ ଆହାର ଯୋଜନାକୁ ୧୫ କୋଟି ଟଙ୍କା ଅନୁଦାନ କରାଯାଇଛି ।

# ରାଷ୍ଟ୍ରପତିଙ୍କୁ ଭୁରିଭୁରି ପ୍ରଶଂସା : ଏକତା ହେଉଛି ଦେଶର ସୌନ୍ଦର୍ଯ୍ୟ



- ଜୀବନୀ ସବୁଠାରୁ ପ୍ରେରଣାଦାୟୀ କାହାଣୀ : ରାଜ୍ୟପାଳ
- ସମଗ୍ର ନାରୀ ଜାତି ପାଇଁ ଦୃଷ୍ଟାନ୍ତମୂଳକ ଉଦାହରଣ : ମୁଖ୍ୟମନ୍ତ୍ରୀ
- ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି : ବିରୋଧୀ ଦଳ ନେତା
- ଜନଜାତି ସମ୍ପ୍ରଦାୟର ଶ୍ରେଷ୍ଠ ଓ ସୁଯୋଗ୍ୟା ସନ୍ତାନ : ବାଚସ୍ପତି

**ଭୁବନେଶ୍ୱର(ଏନ୍.ଏମ୍.) :** ଏକ ଛୋଟ ଆଦିବାସୀ ଗ୍ରାମରୁ ରାଇସିନା ହିଲ୍‌ର ସର୍ବୋଚ୍ଚ ସାମ୍ବିଧାନିକ କାର୍ଯ୍ୟାଳୟ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହି ଜୀବନ ଯାତ୍ରା ସାମ୍ପ୍ରତିକ ଭାରତର ସବୁଠାରୁ ପ୍ରେରଣାଦାୟୀ କାହାଣୀ । ଏହା ଗଣତନ୍ତ୍ରରେ ରୂପାନ୍ତରିତ କ୍ଷମତା ଏବଂ ଅଧ୍ୟବସାୟର ସାମର୍ଥ୍ୟକୁ ପ୍ରତିପାଦିତ କରୁଛି । ସରଳତା ଓ ନିଷ୍କପଟତା ଦ୍ୱାରା ଆଭୂଷିତ ରାଷ୍ଟ୍ରପତି ଦେଶକୁ ଦେଖାଇ ଦେଇଛନ୍ତି ଯେ ପ୍ରକୃତ ନେତୃତ୍ୱ ସେବା ଓ ସ୍ୱଚ୍ଛତାରୁ ସୃଷ୍ଟି ହୁଏ । ଏହା ଯୁବ, ମହିଳା ଓ ଆଦିବାସୀ ସମ୍ପ୍ରଦାୟକୁ ଅନୁପ୍ରାଣିତ କରିଚାଲିଛି । ବିଧାନସଭା ଗୃହରେ ରାଷ୍ଟ୍ରପତିଙ୍କ ଉପସ୍ଥିତି ଐତିହାସିକ ବୋଲି ସୂଚାଇ ଆଜି ଏମିତି କହିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମ୍ ପାଟି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ଓଡ଼ିଶାର ଗଣତାନ୍ତ୍ରିକ ଇତିହାସରେ ଆଜିର ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ରାଷ୍ଟ୍ରପତି ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି । ନା ସେ ନିଜ ଜନ୍ମଭୂମିକୁ ଭୁଲିଛନ୍ତି, ନା କର୍ମଭୂମିକୁ । ମୟୂରଭଞ୍ଜର ଆଦିବାସୀ ପଲ୍ଲୀ ଉପରବେଡ଼ା ଗ୍ରାମର ସାଧାରଣ ସାନ୍ତାଳୀ ପରିବାରରେ ଜନ୍ମିତ ଶ୍ରୀମତୀ ମୁର୍ମୁ କେବେ ବି ଜୀବନରେ ହାର ମାନି ନାହାନ୍ତି । ସଂଘର୍ଷ କରି ରାଜନୀତିରେ ସଫଳ ହେବା ଏବଂ ଦେଶର ସର୍ବୋଚ୍ଚ ଆସନରେ ପହଞ୍ଚିବା ସଂଯୋଗ ନୁହେଁ । ବରଂ ଏହା କଠୋର ତପସ୍ୟା ଏବଂ ଈଶ୍ୱରଙ୍କ ଆଶୀର୍ବାଦର ଫଳ । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେ, 'ଏହି ପବିତ୍ର ଗୃହରେ ଦିନେ ନିଜର କାର୍ଯ୍ୟଦକ୍ଷତା ପାଇଁ ଆପଣ ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା ଭାବରେ ସମ୍ମାନିତ ହୋଇଥିଲେ । ସମଗ୍ର ନାରୀ ଜାତି ପାଇଁ ଏହା ଏକ ଦୃଷ୍ଟାନ୍ତମୂଳକ ଉଦାହରଣ । ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ଆପଣ ଯେଉଁ ଭୂମିକା ନିଭାଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଅନନ୍ୟ ଉଦାହରଣ । ସାର୍ବଜନୀନ ଏବଂ ରାଜନୈତିକ ଜୀବନରେ ଆପଣଙ୍କ ପଦାଙ୍କ ସମସ୍ତଙ୍କ ପାଇଁ ଅନୁକରଣୀୟ ।' ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପଟ୍ଟନାୟକ କହିଥିଲେ, ଗର୍ବର କଥା ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ରାଜନୈତିକ କ୍ୟାରିୟର ପଚିଶ ବର୍ଷ ତଳେ ଏହି ବିଧାନସଭାରୁ ଆରମ୍ଭ କରିଥିଲେ । ଆଜି ସେ ରାଷ୍ଟ୍ରପତି ହୋଇ ମାଟିର ଗୌରବ ବୃଦ୍ଧି କରିଛନ୍ତି । ବିବିଧତା ମଧ୍ୟରେ ଏକତା ହେଉଛି ଆମ ଦେଶର ସୌନ୍ଦର୍ଯ୍ୟ । ଭାରତୀୟ ରାଜନୀତିକୁ ସୁଦୃଢ଼ କରିବାରେ ବିଭିନ୍ନ ଭାଷା, ଜୀବନଶୈଳୀ, ଓ ଚିନ୍ତାଧାରାର ଭୂମିକା ରହିଛି । ଭାଷା ଭିତ୍ତିରେ ଭାରତରେ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି କରିବା ନିମନ୍ତେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ମନେ ପକାଇବା ଏହି ଅବସରରେ ଉପଯୁକ୍ତ । ସେ ସାମ୍ବିଧାନିକ ପଦ୍ଧତି ଗ୍ରହଣ କରି ଅନ୍ୟ ଜାତୀୟ ନେତାମାନଙ୍କ ସହିତ ଏହି ଐତିହାସିକ ଲକ୍ଷ୍ୟ ହାସଲ କରିପାରିଥିଲେ । ଓଡ଼ିଶାକୁ ଗୌରବର ନୂତନ ଶିଖର ଆରୋହଣ କରିବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସ୍ୱାଗତ ଭାଷଣ ଦେଇ ବାଚସ୍ପତି ସୁରମା ପାଢ଼ୀ କହିଲେ, ରାଷ୍ଟ୍ରପତି ଓଡ଼ିଶା ଜନଜାତି ସମ୍ପ୍ରଦାୟର ଶ୍ରେଷ୍ଠ ଓ ସୁଯୋଗ୍ୟା ସନ୍ତାନ । ଓଡ଼ିଶାର ବିଧାନସଭା ଇତିହାସରେ ରାଷ୍ଟ୍ରପତିଙ୍କର ଏହି ଐତିହାସିକ ସମ୍ବୋଧନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସଂଯୋଗ କରିବ । ଶ୍ରୀମତୀ ମୁର୍ମୁ ଓଡ଼ିଆ ଜାତିକୁ ନୂଆ ପରିଚୟ ଦେଇଛନ୍ତି । ଏହି ଅବସରରେ ବିଧାନସଭାର କିଛି ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ବାଚସ୍ପତି ଗୃହରେ ତଥ୍ୟ ରଖିଥିଲେ ।

# ବାରବାଟୀ ଷ୍ଟାଡିୟମ୍‌ରେ ନାହିଁ ସ୍ଥାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା

## ଅସ୍ଥାୟୀ ପ୍ରମାଣପତ୍ର ଭରସାରେ ଓସିଏ, ପ୍ରଶାସନ



**କଟକ(ଏନ୍.ଏମ୍.) :** ବାରବାଟୀ ଷ୍ଟାଡିୟମ୍‌ରେ ନାହିଁ ସ୍ଥାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା । ବିଶେଷକରି ବାରବାଟୀ ଷ୍ଟାଡିୟମ୍‌ରେ ଆନ୍ତର୍ଜାତିକ ମ୍ୟାଚ୍ ଆସିଲେ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । ହେଲେ ସ୍ଥାୟୀ ବ୍ୟବସ୍ଥା ନଥିବାରୁ ସ୍ଥାୟୀ ପ୍ରମାଣପତ୍ର କିନ୍ତୁ ମିଳିପାରୁନି । ଆନ୍ତର୍ଜାତିକ ମ୍ୟାଚ୍ ଆସିଲେ ପାଖାପାଖି ୭୦ହଜାର ଲୋକଙ୍କ ସମାଗମ ହେବ । ଏମାନଙ୍କ ମଧ୍ୟରେ ଖେଳାଳିଙ୍କ ସହ ଭିଭିଆଇପି, ଭିଆଇପି, ସେଲିବ୍ରିଟି ଇତ୍ୟାଦି ରହିବେ । ଏପରିସ୍ଥଳେ ସମସ୍ତଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ଅଗ୍ନି ନିରାପତ୍ତା ସବୁଠୁ ବଡ଼ ପ୍ରସଙ୍ଗ ରହିବ । ତେବେ ପ୍ରତ୍ୟେକ ଥର ଅଗ୍ନିଶମ ବିଭାଗ ପକ୍ଷରୁ ଓସିଏକୁ ଅସ୍ଥାୟୀ ନିରାପତ୍ତା ପ୍ରମାଣପତ୍ର ଦିଆଯାଉଥିବା ବେଳେ ଏତେବଡ଼ ଷ୍ଟାଡିୟମ୍‌ରେ ସ୍ଥାୟୀ ବ୍ୟବସ୍ଥା କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ ଉଠୁଛି । ଓସିଏର ପ୍ରିନ୍ସିପାଲ୍ କନସଲଣ୍ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ରଙ୍କ ସୂଚନା ଅନୁସାରେ, ନ୍ୟାସନାଲ୍ ବିଲ୍ଡିଂ କୋର୍ଡ ପାର୍ଟ-୪ ଅନୁଯାୟୀ କେବଳ ସ୍ଥାୟୀ କୋଠା ପାଇଁ ସ୍ଥାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆବଶ୍ୟକ ହୋଇଥାଏ । କିନ୍ତୁ ମ୍ୟାଚ୍ ଆୟୋଜନ ହେବା ବାଲିଯାତ୍ରା ଭଳି ଏକ ଇଭେଣ୍ଟ । ତେଣୁ ଏହାକୁ ଅସ୍ଥାୟୀ ଭାବେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମିଳିଥାଏ । ତଥାପି ଆମେ ଫାୟାର ଡିଟେକ୍ସନ୍, ପ୍ରୋଟେକ୍ସନ୍ ଓ ଫାୟାର ଫାଇଟିଂ ପାଇଁ ବ୍ୟବସ୍ଥା କରାଯାଉଛି । ସରକାରଙ୍କ ପକ୍ଷରୁ ମଧ୍ୟ ଦମକଳ ଓ ଅଗ୍ନିଶମ କର୍ମଚାରୀ ନିୟୋଜିତ ହେଉଛନ୍ତି । ବାରବାଟୀ ଷ୍ଟାଡିୟମ୍‌ରେ ଓସିଏ କାର୍ଯ୍ୟାଳୟ ସହିତ ଅଲିମ୍ପିକ୍ ସଂଘ କାର୍ଯ୍ୟାଳୟ, ୧୦ରୁ ଅଧିକ ରାଜ୍ୟ କ୍ରୀଡ଼ା ସଂଘ, ଘରୋଇ ସଂସ୍ଥା କାର୍ଯ୍ୟାଳୟ, ସ୍କୁଲ୍, କନଫରେନ୍ସ ହଲ୍, ଖେଳାଳିମାନଙ୍କ ଡ୍ରେସିଂ ରୁମ୍ ଇତ୍ୟାଦି ସ୍ଥାୟୀ ଭାବେ ନିର୍ମିତ ହୋଇ ରହିଛି । ଏଗୁଡ଼ିକ ଉପରେ ଗ୍ୟାଲେରି ନିର୍ମାଣ କରାଯାଇ ଦର୍ଶକଙ୍କ ପାଇଁ ବସିବା ବ୍ୟବସ୍ଥା ହୋଇଛି । ଓସିଏ ଯୁକ୍ତି ଅନୁସାରେ ଯଦି ଆନ୍ତର୍ଜାତିକ ମ୍ୟାଚ୍ ଗୋଟିଏ ଇଭେଣ୍ଟ ସଦୃଶ, ତାହେଲେ ଉପରୋକ୍ତ ସ୍ଥାୟୀ କୋଠାଗୁଡ଼ିକ ମଧ୍ୟରୁ ଯଦି କେଉଁଠାରେ ଅଗ୍ନିକାଣ୍ଡ ଘଟଣା ଘଟେ, ତାହେଲେ ସେଥିରେ ଦର୍ଶକ ଓ ଖେଳ ପ୍ରଭାବିତ ହେବ କି ନାହିଁ ଦମକଳ କିମ୍ବା ଅଗ୍ନି ନିର୍ବାପକ ଯନ୍ତ୍ର ମାଧ୍ୟମରେ ହୁଏତ ନିଆଁକୁ ଆୟତ୍ତ କରାଯାଇପାରେ । କିନ୍ତୁ ଏହାର ପ୍ରଭାବରେ ଦର୍ଶକଙ୍କ ମଧ୍ୟରେ ଯେଉଁ ଧାଁଧପଡ଼ ହେବ, ଦଳାଚକଟା ଭଳି ସ୍ଥିତି ଉପୁଜିବ ସେଥିପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ ଉଠୁଛି । ଚଳିତ ବର୍ଷ ଜୁଲାଇ ୧୨ ତାରିଖରେ ଓସିଏ କନ୍‌ଫରେନ୍ସ ହଲ୍‌ରେ ସଟ୍ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । ସେ ?ଭାଗ୍ୟବଶତଃ ହଲ୍‌ରେ କୌଣସି ବ୍ୟକ୍ତି ନଥିଲେ । ତଥାପି ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିଲା । ଏହାପରଠୁ କନ୍‌ଫରେନ୍ସ ହଲ୍‌ର ନବୀକରଣ କରାଯାଇଛି । କିନ୍ତୁ ସ୍ଥାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିଛି କରାଗଲା ନାହିଁ । ପ୍ରିନ୍ସପାଲ୍ କନ୍‌ସଲ୍‌ଟାଣ୍ଟ ଶ୍ରୀ ମହାପାତ୍ରଙ୍କ କହିବାନୁସାରେ, ବାରବାଟୀ ଷ୍ଟାଡିୟମ୍‌ର ଜମି ଲିଜ୍ ନବୀକରଣ ହୋଇନାହିଁ । ଏଥିସହିତ ଷ୍ଟାଡିୟମ୍‌ର କିଛି ଅନୁମତି ପୁରୁଣା ହୋଇଗଲାଣି । ଷ୍ଟାଡିୟମ୍‌ର ସଂପୂର୍ଣ୍ଣ ନବୀକରଣ କରାଗଲେ ସେଥିରେ ସ୍ଥାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ତେବେ ଏପରିସ୍ଥିତିରେ ଅଗ୍ନିଶମ ବିଭାଗ ପକ୍ଷରୁ ଅସ୍ଥାୟୀ ନିରାପତ୍ତା ପ୍ରମାଣପତ୍ର ଦିଆଯିବା ବେଳେ ସ୍ଥାୟୀ ବିଷୟରେ କାହିଁକି ପଚରାଯାଉନାହିଁ ବୋଲି ପ୍ରଶ୍ନଉଠୁଛି ।

# ସରକାରୀ ଖାତାକୁ ଫେରିବ ସମୁଦ୍ର ଭିତରେ ଥିବା ଘରୋଇ ଜମି



**ରାଜନଗର(ଏନ୍.ଏମ୍.) :** ରାଜନଗର ତହସିଲ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ସମୁଦ୍ର କିଣାବିକା ନେଇ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯାଇଛି । ଏଥିସହ ସମୁଦ୍ର ଗର୍ଭକୁ ଚାଲିଯାଇଥିବା ବ୍ୟକ୍ତିଗତ ଜମିକୁ ସରକାରୀ ଖାତାକୁ ରାଇଟ୍ ଅପ୍ ପ୍ରକ୍ରିୟା ମାଧ୍ୟମରେ ଫେରାଇ ଆଣିବା ପାଇଁ କାଗଜପତ୍ର ପ୍ରସ୍ତୁତି ଚାଲିଛି । ମିଳିଥିବା ସୂଚନା ମୁତାବକ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜନଗର ତହସିଲକୁ ସମୁଦ୍ର ବିକ୍ରି ନେଇ ବିସ୍ତୃତ ରିପୋର୍ଟ ମଗାଯାଇଥିଲା । ତହସିଲ୍ ଅଞ୍ଚଳରେ କିପରି ସମୁଦ୍ର ବିକ୍ରି ହେଉଥିଲା, କେଉଁ ସ୍ତରରେ ଅନିୟମିତତା ହୋଇଛି, ବର୍ତ୍ତମାନ ଜମିର ସ୍ଥିତି କଣ ସେ ନେଇ ବିସ୍ତୃତ ରିପୋର୍ଟ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚିଛି । ସାତଭାୟା ଅଞ୍ଚଳରେ ଥିବା ସାନଗହୀରମଥା, ବଡ଼ଗହୀରମଥା, ଗୋବିନ୍ଦପୁର, କାନପୁର, ସାତଭାୟା, ତେନ୍ତୁଳିଆକୋହଲ୍ଲା, ସଦାନନ୍ଦପୁର, ବରାହୀପୁର, ରବୀନ୍ଦ୍ରପଲ୍ଲୀ, ଦାଣ୍ଡିଆପଦା ମୌଜାରେ ଜମିର ସ୍ଥିତି ସଂପର୍କରେ ରିପୋର୍ଟ ପ୍ରସ୍ତୁତ କରାଯାଉଛି । ସମସ୍ତ ରିପୋର୍ଟ ପ୍ରସ୍ତୁତ ହେବା ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ରହିଛି । ଉଲ୍ଲେଖଯୋଗ୍ୟ ଯେ ୧୯୮୭ରେ ରାଇଟଅପ୍ ପ୍ରକ୍ରିୟାରେ ସାତଭାୟା ପଞ୍ଚାୟତ ମୋହନପୁର ମୌଜାର ସମସ୍ତ ଜମିକୁ ସରକାରୀ ଖାତାକୁ ଫେରାଇ ଅଣାଯାଇଥିଲା । ୧୯୮୭ ସେଟଲ୍‌ମେଣ୍ଟ ପୂର୍ବରୁ ମୋହନପୁର ସାତଭାୟା ପଞ୍ଚାୟତର ଗୋଟିଏ ରାଜସ୍ୱ ଗାଁ ଥିଲା । ଲୋକେ ଘର କରି ବସବାସ କରୁଥିଲେ । ୧୯୭୧ ପ୍ରଳୟଙ୍କରୀ ବାତ୍ୟା ଓ ସୁନାମିରେ ମୋହନପୁର ସମେତ ୫ଟି ଗାଁ ସମୁଦ୍ର ମଧ୍ୟକୁ ଚାଲିଗଲା । ୧୯୮୭ରେ ସମୁଦ୍ର ଭିତରେ ଥିବା ମୋହନପୁରର ସମସ୍ତ ବ୍ୟକ୍ତିଗତ ଜମି ସରକାରୀ ଖାତାକୁ ଫେରାଇ ଅଣାଯାଇଥିବା ବେଳେ ଅନ୍ୟ ମୌଜାର ଜମିଗୁଡ଼ିକ ଏବେ ବି ବ୍ୟକ୍ତିଗତ ନାଁରେ ରହିଛି । ମୋହନପୁର ପରି ସମୁଦ୍ର ଭିତରେ ଥିବା, ଲୁଣା ଜଙ୍ଗଲ ହୋଇଯାଇଥିବା ଏବଂ ବାଲିଚର ମାଡ଼ିଥିବା ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ ରେକର୍ଡ ପ୍ରସ୍ତୁତ କରାଯାଉଛି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସୂଚନା ମୁତାବକ ସମୁଦ୍ର ଗର୍ଭକୁ ପଳାଇଥିବା ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି ।

# ମହାମହିମଙ୍କ ସହ ବସି ଫଟୋ ଉଠାଇଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

**ଭୁବନେଶ୍ୱର(ଏନ୍.ଏମ୍.) :** ବିଧାନସଭା ପରିସରରେ ଏକାଠି ବସିଲେ ନବୀନ-ମୋହନ । ମହାମହିମ ରାଷ୍ଟ୍ରପତିଙ୍କ ବିଧାନସଭା ପରିଦର୍ଶନ ଅବସରରେ ଯେତେବେଳେ ଫଟୋ ସେସନ ଚାଲିଥିଲା ସେତେବେଳ ଏକାଠି ଏବଂ ପାଖାପାଖି ବସିଥିବା ନଜର ଆସିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳନେତା ନବୀନ ପଟ୍ଟନାୟକ । ଗୋଟିଏ ଫ୍ରେମରେ ମହାମହିମ ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳନେତା, ରାଜ୍ୟପାଳ ଏବଂ ବାଚସ୍ପତି ମଧ୍ୟ ରହିଥିଲେ । ମହାମହିମଙ୍କ ସହ ଫଟୋ ଉଠାଇବା ବେଳେ ନବୀନ-ମୋହନଙ୍କ ଏକାଠି ବସିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ଖାଲି ବିଧାନସଭା ପରିସରରେ ନୁହେଁ ବରଂ ବିଧାନସଭା ଭିତରେ ଥିବା ୧୧ ନମ୍ବର ପ୍ରକୋଷ୍ଠରେ ବି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳନେତା ନବୀନ ପଟ୍ଟନାୟକ ପାଖାପାଖି ବସିଥିଲେ । ଦୁହେଁ କଥା ହେଉଥିବା ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳନେତା ନବୀନ ପଟ୍ଟନାୟକଙ୍କୁ କିଛି କଥା କହୁଥିବା କ୍ୟାମେରାରେ କଏଦ ହୋଇଥିଲା । ତେବେ ସମ୍ପର୍କ ଏବଂ ସମ୍ମାନ ରାଜନୀତିରୁ ବହୁ ଉପରେ ବୋଲି ଏହି ଦୃଶ୍ୟ ସ୍ପଷ୍ଟ କହି ଦେଉଛି । ଯାହାର ବଡ଼ ଉଦାହରଣ ଏହି ଦୃଶ୍ୟ ବୋଲି ଚର୍ଚ୍ଚା ହେଉଛି ।

# ୩ ହଜାରରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ଗୃହ ଅସମ୍ପୂର୍ଣ୍ଣ



**ନବରଙ୍ଗପୁର/ଝରିଗାଁ (ଏନ୍.ଏମ୍.) :** ପ୍ରଶାସନ ପକ୍ଷରୁ କଚ୍ଚା ଘରେ କେହି ରହିବେ ନାହିଁ ବୋଲି ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିଲା । ପର୍ଯ୍ୟାୟ କ୍ରମେ ଗୃହ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଟଙ୍କା ପ୍ରଦାନ କରାଯାଇଥିଲା । କିଛି ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ଆରମ୍ଭ କରିନଥିବା ବେଳେ ଆଉ କିଛି ହିତାଧିକାରୀ ଆବାସ ଗୃହକୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡି ଦେଇଛନ୍ତି । ଝରିଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ ଓ ବ୍ଲକ କର୍ମଚାରୀମାନେ ହିତାଧିକାରୀଙ୍କ ଘରକୁ ଯାଇ ସଚେତନ କରିବା ସହ ତାଗିଦ କରବା ପରେ ମଧ କୌଣସି ପ୍ରଭାବ ପଡୁନଥିବା ଅନୁମାନ କରାଯାଉଛି । ହିତାଧିକାରୀମାନେ ଆବାସ ଗୃହ ପାଇଁ ପର୍ଯ୍ୟାୟ କ୍ରମେ ଟଙ୍କା ନେବା ପରେ ମଧ ଆବାସ ଗୃହ ସମ୍ପୂର୍ଣ୍ଣ କରୁନଥିବା ଜଣାପଡ଼ିଛି । ୨୦୧୬ ମସିହା ଠାରୁ ୨୦୨୫ ମସିହା ମଧ୍ୟରେ ଝରିଗାଁ ବ୍ଲକରେ ୨୦୫୩୮ ଜଣ ହିତାଧିକାରୀଙ୍କୁ ଆବାସ ଗୃହ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ୧୭୪୮୫ ଜଣ ହିତାଧିକାରୀ ଆବାସ ଗୃହ ସମ୍ପୂର୍ଣ୍ଣ କରିଛନ୍ତି । ୩୦୫୩ ଜଣ ହିତାଧିକାରୀଙ୍କ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହି ଥିବା ଜଣାପଡ଼ିଛି । ଏଥି ମଧ୍ୟରୁ ୧୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଆବାସ ଗୃହ ଆରମ୍ଭ କରିନଥିବା ସୂଚନା ମିଳିଛି । ଝରିଗାଁ ବ୍ଲକ ବଡ଼ଟେମେରା ପଞ୍ଚାୟତରେ ୧୦ ବର୍ଷ ମଧ୍ୟରେ ୬୬୦ ଜଣ ହିତାଧିକାରୀ ଆବାସ ଗୃହ ପାଇଁ କାର୍ଯ୍ୟାଦେଶ ନେଇ ଥିବା ବେଳେ ୫୯୬ ଜଣ ହିତାଧିକାରୀଙ୍କ ଗୃହ ସମ୍ପୂର୍ଣ୍ଣ ହୋଇଛି । ୬୪ ଜଣ ହିତାଧିକାରୀଙ୍କ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । ବକଡ଼ାବେଡ଼ା ପଞ୍ଚାୟତରେ ୫୨୩ ହିତାଧିକାରୀଙ୍କ ମଧ୍ୟରୁ ୪୮୧ ଜଣ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରିଥିବା ବେଳେ ୪୨ ଜଣ ହିତାଧିକାରୀଙ୍କ ଗୃହ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । ବାଣୁଆଗୁଡ଼ା ପଞ୍ଚାୟତରେ ୯୦୪ ହିତାଧିକାରୀଙ୍କ ମଧ୍ୟରୁ ୭୮୪ ଜଣ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରିଥିବା ବେଳେ ୧୨୦ ଜଣ ହିତାଧିକାରୀଙ୍କ ଗୃହ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି ।

# ୨୦ହଜାର ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ

**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟରେ ଏବେ ୭୪୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ତାହା ମଧ୍ୟରୁ ୨୦୧୫୦ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ୭୩୮୯ଟି କେନ୍ଦ୍ରର ଘର ନିର୍ମାଣାଧୀନ ଅଛି । ଆଜି ବିଧାନସଭାରେ ପ୍ରଶ୍ନକାଳରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଥିଲେ । ତେବେ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ବିଳମ୍ବ ହେଉଥିବାରୁ ବିଧାୟକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । କେଉଁଠି ଟେଣ୍ଡର ହୋଇ ତିନି ବର୍ଷ ହେଲା ନିର୍ମାଣ ହେଉନି ତ କେଉଁଠି ନିର୍ମାଣ ସରିଥିଲେ ବି କାର୍ଯ୍ୟକ୍ଷମ ହେଉନି । କିଛି ଅଞ୍ଚଳରେ ସରକାରୀ ଜାଗା ନଥିବାରୁ ଅଙ୍ଗନାବଡ଼ି କେନ୍ଦ୍ର ନିର୍ମାଣ ପ୍ରତି ଧ୍ୟାନ ଦିଆଯାଉନି । ପୁଣି ମନରେଗାରେ ବୈଷୟିକ ତ୍ରୁଟି ଯୋଗୁ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପ୍ରଭାବିତ ହେଉଛି । କିଛି ବିଧାୟକ ଏହା ମଧ୍ୟ ଅଭିଯୋଗ କରିଥିଲେ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ବଜେଟ୍ ଥିଲା ବେଳେ କିଛି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅଧପନ୍ତରିଆ ରହିଛି । ସେହି ବଜେଟ୍‌ରେ ତାହାକୁ ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ । ଏ ଦିଗ ପ୍ରତି ସରକାର ଚିନ୍ତା କରନ୍ତୁ । ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଗୃହ ନିର୍ମାଣ କରନ୍ତୁ । ଭଡ଼ାଘରେ ଚାଲିଥିବା କିଛି କେନ୍ଦ୍ରରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପିଲା ପଢୁଛନ୍ତି ବୋଲି ଅଭିଯୋଗ ହୋଇଥିଲା । ଉପମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ନିଜ ପାଣ୍ଠିରୁ ସବୁ ଅଙ୍ଗନବାଡ଼ି କେନ୍ଦ୍ରର ଘର ନିର୍ମାଣ କରିବେ । ଏବେ ଘର ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ କରାଯାଉଛି । ଯେଉଁଠାରେ ଟେଣ୍ଡର୍ ହୋଇ କାମ ହୋଇନି, ତାହାକୁ ତ୍ୱରାନ୍ୱିତ କରିବାକୁ ପଞ୍ଚାୟତିରାଜ ବିଭାଗ ସହ ଆଲୋଚନା କରାଯିବ । ଯେଉଁଠାରେ ଜାଗା ନାହିଁ, ସେଠାରେ ଜାଗା କିଣି ଘର କରିବା ପାଇଁ ବିଭାଗ ପଦକ୍ଷେପ ନେବ । ସିଡିପିଓମାନେ ଏ ସଂକ୍ରାନ୍ତରେ ପ୍ରସ୍ତାବ ପଠାଇବାକୁ ବିଧାୟକମାନେ ପଦକ୍ଷେପ ନିଅନ୍ତୁ । ପ୍ରତାପ କେଶରୀ ଦେବ, ସନାତନ ବିଜୁଳି, ଶାରଦା ପ୍ରଧାନ, ସିଏସ୍ ରାଜନ ଏକ୍କା, ଦୁଷ୍ମନ୍ତ ସ୍ୱାଇଁ, ରମେଶ ଚନ୍ଦ୍ର ବେହେରା ଓ ପବିତ୍ର ସାଉଁତା ପ୍ରମୁଖ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ ।




# ଗୌତମ ଗମ୍ଭୀରଙ୍କୁ ହଟାଯିବ ନାହିଁ

## ୨୦୨୭ ପର୍ଯ୍ୟନ୍ତ ସେ କାର୍ଯ୍ୟଭାର ସମ୍ଭାଳିବେ : ବିସିସିଆଇ



**ନୂଆଦିଲ୍ଲୀ(ଏଜେନ୍ସି) :** ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ ପରାଜୟ ପରେ ସେତେଟା ଭଲ ପ୍ରଦର୍ଶନ କରିପାରିନଥିବାରୁ ତାଙ୍କୁ ବିସିସିଆଇ ପଦରୁ ହଟାଇ ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ପ୍ରଶିକ୍ଷକ ଭାବରେ କାମ ଜାରି ରଖିବେ । ବିସିସିଆଇ ଖେଳାଳି ଏବଂ ପ୍ରଶିକ୍ଷକଙ୍କ ଉପରେ ବିଶ୍ୱାସ ଆଲୋଚନା କରୁଛି ଏବଂ ଖୁବ୍ ଶୀଘ୍ର ପ୍ରଶିକ୍ଷକଙ୍କ ସହ ଦଳର ପ୍ରଦର୍ଶନ ସହ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବା ସମ୍ପର୍କରେ ପ୍ରଶିକ୍ଷକଙ୍କ ସହ ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ଦ୍ୱିତୀୟ ଘରୋଇ ଟେଷ୍ଟ ସିରିଜ୍ ଚାଲିଛି । ଭିଭିଏସ ଲକ୍ଷ୍ମଣ ଗମ୍ଭୀରଙ୍କ ସ୍ଥାନ ନେଇ ଭାରତୀୟ ଟେଷ୍ଟ

### ୨୦୨୭ ପର୍ଯ୍ୟନ୍ତ ମିଳିବ ସୁଯୋଗ

। ଦକ୍ଷିଣ ଆଫ୍ରିକାଠାରୁ ଲଜ୍ଜାଜନକ ପରାଜୟ ବରଣ କରିବା ସତ୍ତ୍ୱେ ବାହାସ୍ଫୋଟକୁ ଛାଡ଼ି ନାହାନ୍ତି । ପରାଜୟର ଦୋଷ ସିଧାସିଧା ସ୍ୱୀକାର ବୋଲି କହି ମୋ ଭବିଷ୍ୟତ ନେଇ ନିଷ୍ପତ୍ତି ବିସିସିଆଇ ନେବ ଭଳି ଫୁଟାଣିଆ ୨୦ ବିଶ୍ୱକପ୍ ଓ ଚାମ୍ପିଅନ୍ସ ଟ୍ରଫି ବିଜୟର ଦ୍ୱାହି ଦେଇଛନ୍ତି । ଗମ୍ଭୀରଙ୍କ ଏବଂ ଦଳରେ ମାତ୍ରାଧିକ ଅସୁରକ୍ଷିତ ଭାବନା ସୃଷ୍ଟି କରିବାର ପ୍ରସାଦ କଡ଼ା ସମାଲୋଚନା କରିଛନ୍ତି । ସେହିଭଳି ଶୁଣିବା ପରେ ତାଙ୍କୁ ତୁରନ୍ତ ବରଖାସ୍ତ ଗଣମାଧ୍ୟମରେ ହଜାର ହଜାର ଲେଖା ତାଙ୍କ ଟେଷ୍ଟ ପ୍ରଶିକ୍ଷଣ ରେକର୍ଡ କିନ୍ତୁ ଭାରତୀୟ କ୍ରିକେଟ୍ ଦଳର ଚାପେଲଙ୍କଠାରୁ ଖରାପ ଥିବା କହୁଛି । ଗମ୍ଭୀରଙ୍କ ଟେଷ୍ଟ ଖେଳି ୧୦ଟିରେ ମସିହାରେ ଜନ୍ ରାଇଟ୍‌ଙ୍କ ଭାରତୀୟ ଟେଷ୍ଟ ଦଳର ସେମାନଙ୍କ ମଧ୍ୟରୁ ଭାରତର ପରାଜୟ

ଗୌତମ ଗମ୍ଭୀରଙ୍କୁ ଟାର୍ଗେଟ କରାଯାଉଥିଲା । ଗମ୍ଭୀର ଦାୟିତ୍ୱ ନେବା ପରେ ଦଳ ଦେବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଏବେ ବିସିସିଆଇ ସ୍ପଷ୍ଟ କରିଛି ଯେ, ରଖିବେ । ସୂଚନା ମୁତାବକ, ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ସେ କାର୍ଯ୍ୟ ଜାରି ବଜାୟ ରଖିବ । ଏବେ ବିସିସିଆଇ, ଦଳର ଖରାପ ପ୍ରଦର୍ଶନ ବିଷୟରେ ବିଷୟରେ ଆଲୋଚନା କରିବ । ଏହା ମଧ୍ୟ ସୂଚନା ମିଳିଛି ଯେ, ଗମ୍ଭୀରଙ୍କ ଆଲୋଚନା କରାଯିବ ଏବଂ ଆବଶ୍ୟକୀୟ ନିଷ୍ପତ୍ତି ନିଆଯିବ । ଭାରତ ହାରିବା ପରେ ଗମ୍ଭୀରଙ୍କ ଭବିଷ୍ୟତ ବିଷୟକୁ ନେଇ ଅନେକ କଳ୍ପନାଜଳ୍ପନା ଟିମ୍‌ର ପ୍ରଶିକ୍ଷକ ହୋଇପାରନ୍ତି । ଏସବୁ ଚର୍ଚ୍ଚା ମଧ୍ୟରେ ବିସିସିଆଇ ଗମ୍ଭୀରଙ୍କ ଉପରେ ବିଶ୍ୱାସ ରଖି ତାଙ୍କୁ ୨୦୨୭ ପର୍ଯ୍ୟନ୍ତ ସୁଯୋଗ ଦେବ ବୋଲି ଜଣାପଡ଼ିଛି ।ଗମ୍ଭୀରଙ୍କ ରେକର୍ଡ ଚାପେଲଙ୍କଠୁ ବି ଖରାପ ଭାରତୀୟ କ୍ରିକେଟ୍ ଦଳର ବେପରୁଆ ପ୍ରଶିକ୍ଷକ ଗମ୍ଭୀର ତାଙ୍କ କରିବା ପରିବର୍ତ୍ତେ ଭାରତର ଟେଷ୍ଟ ପ୍ରଶିକ୍ଷକ ହେବାକୁ ସେ ହିଁ ସିଠିକ୍ ଲୋକ କଥା ବି କହିଛନ୍ତି । ସେ ମଧ୍ୟ ନିଜ ପଦ ବଜାୟ ରଖିବା ଲାଗି ଭାରତର ଟ୍ୱେଣ୍ଟି-ବିବାଦୀୟ ରଣନୀତି, ଅଲରାଉଣ୍ଡର ପ୍ରେମ, ଦଳ ଚୟନରେ ମାତ୍ରାଧିକ ହସ୍ତକ୍ଷେପ ଅଭ୍ୟାସକୁ କିନ୍ତୁ ଦୁଇ ପୂର୍ବତନ କ୍ରିକେଟର୍ ଅନିଲ କୁମ୍ବଲେ ଓ ଭେଙ୍କଟେଶ ବୁଧବାରର ମ୍ୟାଚ୍ ପର ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କ କଥା କରିବାକୁ ଭାରତୀୟ କ୍ରିକେଟ୍ ପ୍ରଶଂସକ ସାମାଜିକ ଲେଖି ଦାବି କରିଛନ୍ତି । ଗମ୍ଭୀରଙ୍କ ଦାବି ବିପରୀତ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ତଥା ସବୁଠୁ ବିବାଦୀୟ ପ୍ରଶିକ୍ଷକ ଗ୍ରେଗ୍ କଥା ପରିସଂଖ୍ୟାନ ଖୋଲାଖୋଲି ଭାବେ ପ୍ରଶିକ୍ଷଣରେ ଭାରତୀୟ ଦଳ ୧୮ଟି ପରାଜିତ ହୋଇଛି । ୨୦୦୦ ଯୁଗ ଆରମ୍ଭ ହେବା ପରଠାରୁ ୭ଜଣ ପ୍ରଶିକ୍ଷକ ରହିଆସିଛନ୍ତି । ଅନିଲ କୁମ୍ବଲେଙ୍କ କାର୍ଯ୍ୟକାଳରେ ହାର ସବୁଠୁ କମ୍ ଥିଲା ବେଳେ

ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଏହି ହାର ସର୍ବାଧିକ ରହିଛି । କୁମ୍ବଲେଙ୍କ ପ୍ରଶିକ୍ଷଣରେ ଭାରତ ମାତ୍ର ୫.୯ ପ୍ରତିଶତ ମ୍ୟାଚ୍ ହାରିଥିଲା ବେଳେ ଗମ୍ଭୀରଙ୍କପ୍ରଶିକ୍ଷଣରେ ଟିମ୍ ଇଣ୍ଡିଆର ପରାଜୟ ପ୍ରତିଶତ ହେଉଛି ୫୨.୬ । ଅନ୍ୟମାନଙ୍କ ମଧ୍ୟରେ ଗ୍ୟାରି କର୍ଷ୍ଟେନଙ୍କ କାର୍ଯ୍ୟକାଳରେ ଭାରତର ପରାଜୟ ପ୍ରତିଶତ ଥିଲା ୧୮.୨ । ଗ୍ରେଗ୍ ଚାପେଲଙ୍କ ବେଳେ ଏହି ପ୍ରତିଶତ ଥିଲା ୨୨.୨ ଓ ଜନ୍ ରାଇଟ୍‌ଙ୍କ କ୍ଷେତ୍ରରେ ୨୯.୪, ରାହୁଲ ଦ୍ରାବିଡ଼ଙ୍କ କ୍ଷେତ୍ରରେ ୨୯.୨, ରବି ଶାସ୍ତ୍ରୀଙ୍କ କ୍ଷେତ୍ରରେ ୩୦.୨ ଏବଂ ଡଙ୍କାନ ଫ୍ଲେଚରଙ୍କ କ୍ଷେତ୍ରରେ ହେଉଛି ୪୩.୬) ।

### କନିଷ୍ଠ ପୁରୁଷ ହକି ବିଶ୍ୱକପ୍

# ଚମକ୍ ଦେଖାଇବେ ୩ ଓଡ଼ିଆ




**ରାଉରକେଲା(ଏନ୍.ଏମ୍.) :** ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ୧୪ତମ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରାଯାଉଛି । ଏହି ଅନ୍ତର୍ଜାତୀୟ ହକି ମହାକୁମ୍ଭରେ ୨୪ଟି ଦେଶ ଅଂଶଗ୍ରହଣ କରିବେ । ଭାରତ ୨୦୧୩ରେ ଦିଲ୍ଲୀ, ୨୦୧୬ରେ ଲକ୍ଷ୍ନୌ ଓ ୨୦୨୧ରେ ଭୁବନେଶ୍ୱର ପରେ ଚତୁର୍ଥଥର ପାଇଁ ଏହାର ଆୟୋଜନ କରୁଛି । ଏଯାଏ ଭାରତ ଦୁଇଥର (୨୦୦୧-ଅଷ୍ଟ୍ରେଲିଆ) ଓ (୨୦୧୬-ଭାରତ) ବିଶ୍ୱକପ୍ ଜିତିଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଘୋଷିତ ୧୮ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୩ ଜଣ ଖେଳାଳି ସାମିଲ ହୋଇଛନ୍ତି । ତା' ଛଡ଼ା ଅନ୍ୟତମ ଓଡ଼ିଆ ରୋହିତ କୁଲୁ ବଦଳ ଖେଳାଳି ଭାବେ ୨୦ ଜଣିଆ ଦଳରେ ଅଛନ୍ତି । ସେମାନେ ହେଉଛନ୍ତି - ୧) ରୋଶନ କୁଜୁର୍ - କନିଷ୍ଠ ହକି ବିଶ୍ୱକପ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଭାଶାଳୀ ମଧ୍ୟଭାଗ ଖେଳାଳି ରୋଶନ କୁଜୁର ଖେଳିବେ । ରାଜଗାଙ୍ଗପୁର ବ୍ଲକ୍ ଡାମପୋଷ ଗାଁର ଇସାକ କୁଜୁରଙ୍କ ୨୦ ବର୍ଷୀୟ ପୁଅ ୨୦୧୫ ପାନପୋଷ ହକି ଛାତ୍ରାବାସରେ ଯୋଗ ଦେଇଥିଲେ । ଗତବର୍ଷ ନେଦରଲ୍ୟାଣ୍ଡ ଗସ୍ତରୁ ଅନ୍ତର୍ଜାତୀୟ ହକି କ୍ୟାରିୟର ଆରମ୍ଭ କରିବା ପରେ ସେ କନିଷ୍ଠ ଏସିଆ କପ୍ ହକି, ସୁଲତାନ ଅଫ୍ ଜୋହର କପ୍ (୨୦୨୪ ଓ ୨୦୨୫) ପରେ ଏବେ ବିଶ୍ୱକପ୍‌ରେ ଖେଳିବେ । ସେ ବର୍ତ୍ତମାନ ଭୁବନେଶ୍ୱର ନାଭାଲ ଟାଟା ହକି ଏକାଡେମିରେ ପ୍ରଶିକ୍ଷଣ ନେଉଛନ୍ତି । ହକି ଇଣ୍ଡିଆ ଲିଗ୍‌ରେ ସେ କଳିଙ୍ଗ ଲାନ୍ସର୍ସ ଦଳରେ ଅଛନ୍ତି । ୨) ଅନମୋଲ୍ ଏକ୍କା - ରାଜଗାଙ୍ଗପୁର ବ୍ଲକ୍ କେସରମାଲ(ଫର୍ସାଢିପା) ଗାଁର ତୋଷିଲ ଏକ୍କାଙ୍କ ୧୯ ବର୍ଷୀୟ ପୁଅ ଅନମୋ ରକ୍ଷଣଭାଗ ଖେଳାଳି । ସେ ୨୦୧୮ରେ ସୁନ୍ଦରଗଡ଼ ସାଇକେନ୍ଦ୍ରରେ ମନୋନୀତ ହୋଇ ହକିକୌଶଳ ଶିଖିବା ଆରମ୍ଭ କଲେ । ୨୦୨୦ରେ ନାଭାଲ ଟାଟା ଏକାଡେମି (ଭୁବନେଶ୍ୱର)କୁ ମନୋନୀତ ହୋଇଥିଲେ । ଗତବର୍ଷ ନେଦରଲାଣ୍ଡ୍‌ସଗସ୍ତରୁ ଅନ୍ତର୍ଜାତୀୟ ହକି କ୍ୟାରିୟର ଆରମ୍ଭ କରିବା ପରେ ସେ କନିଷ୍ଠ ଏସିଆ କପ୍ ହକି, ସୁଲତାନ୍ ଅଫ୍ ଜୋହର କପ୍(୨୦୨୪ ଓ ୨୦୨୫) ପରେ ଏବେ ବିଶ୍ୱକପ୍‌ରେ ଖେଳିବା ପାଇଁ ସୁଯୋଗ ପାଇଛନ୍ତି । ସେ ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚି ରୟାଲ୍‌ସ ପକ୍ଷରୁ ଖେଳିବେ । ୩) ଆଡ୍ରୋହିତ ଏକ୍କା - ୧୯ ବର୍ଷୀୟ ଆଡ୍ରୋହିତ ଏକ୍କା ଜଣେ ପ୍ରତିଭାଶାଳୀ ମଧ୍ୟଭାଗ ଖେଳାଳି । କୁତ୍ରା ବ୍ଲକ୍ ସମଲାଇମୁଣ୍ଡା ଗ୍ରାମର ବେଞ୍ଜାମିନ ଏକ୍କାଙ୍କ ପୁଅ ଆଡ୍ରୋହିତ ୨୦୧୭ରେ ପାନପୋଷ ହକି ଛାତ୍ରାବାସରେ ପ୍ରବେଶ ହୋଇଥିଲେ । ସେଇଠି ସେ ପ୍ରଥମେ ପିଟର ସୋରେନ ଓ ପରବର୍ତ୍ତୀ ସମୟରେ ପ୍ରଫୁଲ ତିର୍କି, ଲକ୍ଷ୍ମୀନାରାୟଣ ଓ ବି ଜେ କାରିୟପ୍ପାଙ୍କପାରୁ ହକିକୌଶଳ ଶିଖିଛନ୍ତି । ଚଳିତବର୍ଷ ଜୁନ୍ ମାସରେ ସେ ପ୍ରଥମକରି କନିଷ୍ଠ ଭାରତୀୟ ଦଳରେ ମନୋନୀତ ହୋଇ ଜର୍ମାନୀରେ ଅନୁଷ୍ଠିତ ୪ ରାଷ୍ଟ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ । ପରେ ସେ ସୁଲତାନ ଅଫ୍ ଜୋହର କପ୍‌ରେ ଭାରତୀୟ ଦଳ ସହ ରୌପ୍ୟ ପଦକ ଜିତିଛନ୍ତି । ଆସନ୍ତା ହକି ଇଣ୍ଡିଆ ଲିଗ୍‌ରେ ସେ ତମିଲନାଡୁ ଡ୍ରାଗନ୍ସ ପକ୍ଷରୁ ଖେଳିବେ ।

# ବଡ଼ ବିଜୟରୁ ବିଶ୍ୱକପ୍ ଅଭିଯାନ

## ରୋଶନ, ଅନ୍‌ମୋଲ୍ ଦେଲେ ୩ ଗୋଲ୍




**ଚେନ୍ନାଇ(ଏଜେନ୍ସି) :** ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂରା ନିୟନ୍ତ୍ରଣରେ ରଖିଥିବା ଭାରତ ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧ ସୁଦ୍ଧା ୩-୦ରେ ଆଗୁଆ ଥିଲା । ଦ୍ୱିତୀୟାର୍ଦ୍ଧରେ ଆଉ ୪ଟି ଗୋଲ୍ ଦେଇ ସହଜ ବିଜୟରେ ମୁଣ୍ଡି ମାରିଥିଲା । ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ଓମାନକୁ ଭେଟିବ । ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ଉଦ୍‌ଘାଟନୀ ମୁକାବିଲାକୁ ୭ ଥର ବିଜେତା ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା । ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଏବଂ ସ୍ୱିଜରଲାଣ୍ଡ୍ ୪-୦ରେ ଓମାନକୁ ଧରାଶାୟୀ କରିଥିଲା ।ପ୍ରଥମ ମ୍ୟାଚ୍‌ରେ ଚିଲିକୁ ଏକତରଫା ଭାବେ ୭-୦ ଗୋଲ୍‌ରେ ହରାଇ ଦେଇଛି । ଭାରତୀୟ ଦଳର ଏହି ଗୋଲ୍ ବର୍ଷାରେ ଓଡ଼ିଆ ତାରକା ରୋଶନ ମିଞ୍ଜ୍ (୧୬, ୨୧ ମିନିଟ୍) ଓ ଅନମୋଲ୍ ଏକ୍କା (୪୮ ମିନିଟ୍) ତିନିଟି ଗୋଲ୍ ଦେଇ ପ୍ରମୁଖ ଭୂମିକା ତୁଲାଇଛନ୍ତି । ପୁଣି ଅଲିମ୍ପିଆନ୍ ତଥା ପୂର୍ବତନ ଭାରତୀୟ ରକ୍ଷଣଭାଗ ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ପ୍ରଶିକ୍ଷଣରେ ଭାରତ ଜିତିବା ଉଲ୍ଲେଖନୀୟ ରହିଛି । ଭାରତ ପାଇଁ ଅନ୍ୟ ତିନିଟି ଗୋଲ୍ ଦିଲ୍‌ରାଜ ସିଂହ (୨୫, ୩୪ ମିନିଟ୍), ଅଜିତ ଯାଦବ (୩୫ ମିନିଟ୍) ଏବଂ ଅଧିନାୟକ ରୋହିତ (୬୦) ଦେଇଛନ୍ତି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂରା ନିୟନ୍ତ୍ରଣରେ ରଖିଥିବା ଭାରତ ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧ ସୁଦ୍ଧା ୩-୦ରେ ଆଗୁଆ ଥିଲା । ଦ୍ୱିତୀୟାର୍ଦ୍ଧରେ ଆଉ ୪ଟି ଗୋଲ୍ ଦେଇ ସହଜ ବିଜୟରେ ମୁଣ୍ଡି ମାରିଥିଲା । ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ଓମାନକୁ ଭେଟିବ । ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ଉଦ୍‌ଘାଟନୀ ମୁକାବିଲାକୁ ୭ ଥର ବିଜେତା ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା ।

### ସୟଦ ମୁସ୍ତାକ ଅଲୀ ଟ୍ରଫି

# ଓଡ଼ିଶା ବିପକ୍ଷରେ କେରଳର ହ୍ୟାଟ୍ରିକ୍ ବିଜୟ



**ଭୁବନେଶ୍ୱର(ଏନ୍.ଏମ୍.) :** ବୁଧବାରଠାରୁ ଆରମ୍ଭ ହୋଇଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ଘରୋଇ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି । ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଓଡ଼ିଶାକୁ କେରଳ ଏକତରଫା ଭାବେ ୧୦ ୱିକେଟ୍‌ରେ ହରାଇ ଦେଇଛି । ଫଳରେ ଓଡ଼ିଶା ବିପକ୍ଷରେ କେରଳ ନିଜ ପ୍ରଥମ ୩ ଟ୍ୱେଣ୍ଟି୨୦ ମ୍ୟାଚ୍ ଜିତି ହ୍ୟାଟ୍ରିକ୍ ବି ଅର୍ଜନ କରିଛି । ୨୦୧୩ ଓ ୨୦୨୩ ମସିହାର ପୂର୍ବ ଦୁଇ ମୁକାବିଲାରେ ମଧ୍ୟ କେରଳ ଏକତରଫା ଭାବେ ଓଡ଼ିଶାକୁ ପରାସ୍ତ କରିଥିଲା । ବୁଧବାର ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରିତ ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା । ଓପନିଂ ଯୋଡ଼ି ସ୍ୱସ୍ତିକ ସାମଲ (୧୪ ବଲ୍‌ରୁ ୨୦ ରନ୍) ଏବଂ ଗୌରବ ଚୌଧୁରୀ (୧୫ ବଲ୍‌ରୁ ୨୯ ରନ୍) ଭଲ ଆରମ୍ଭ କରି ୪.୧ ଓଭରରେ ୪୮ ରନ୍ ଉଠାଇଥିଲେ ମଧ୍ୟ ଗୋଟିଏ ଓଭରରେ ଦ୍ରୁତ ବୋଲର ଡି ନିଧୀଶ ଉଭୟଙ୍କୁ ପ୍ୟାଭିଲିଅନ୍ ପଠାଇଦେଇଥିଲେ । ଶୁଭ୍ରାଂଶୁ ସେନାପତି (୧୫) ବି ଭଲ ଆରମ୍ଭକୁ ବଡ଼ ପାଳିରେ ପରିଣତ କରିପାରିନଥିଲେ । ଜବାବରେ କେରଳ କିନ୍ତୁ ୧୬.୩ ଓଭରରେ କୌଣସି ୱିକେଟ୍ ନ ହରାଇ ୧୭୭ ରନ୍ ସଂଗ୍ରହ କରିନେଇଥିଲା । ଅଧିନାୟକ ସଞ୍ଜୁ ସାମସନ୍ (୪୧ ବଲ୍‌ରୁ ୫୧ ରନ୍) ପାଳି ଗଢ଼ିବା କାମ କରିଥିବାବେଳେ ରୋହନ୍ କୁନ୍ନୁମ୍ମଲ (୬୦ ବଲ୍‌ରୁ ୧୨୧ ରନ୍) ଓଡ଼ିଶା ବୋଲରଙ୍କୁ ଧୂଳେଇ କରିଥିଲେ । ଏହା ମଧ୍ୟ ତାଙ୍କ ଦ୍ୱିତୀୟ ଶତକ ଏବଂ କ୍ୟାରିୟରର ଶ୍ରେଷ୍ଠ ଟ୍ୱେଣ୍ଟି-୨୦ ପାଳି ହୋଇଛି । ଓଡ଼ିଶା ଏହି ପ୍ରଥମ ମ୍ୟାଚ୍‌ରେ ୪ ଜଣଙ୍କୁ ପଦାର୍ପଣ ସୁଯୋଗ ଦେଇଥିଲା । ଅଣଓଡ଼ିଆ ଓପନର ଗୌରବ ଚୌଧୁରୀ, ଦ୍ରୁତ ବୋଲର ଭଗୀଶ ଶର୍ମାଙ୍କ ସହିତ ବାମହାତୀ ସ୍ପିନର୍ ବାଦଲ ବିଶ୍ୱାଳ ଏବଂ ୱିକେଟ୍ ରକ୍ଷକ ସୌରଭ ଗୌଡ଼ ପଦାର୍ପଣ କରିଥିଲେ । କେରଳ ପକ୍ଷରୁ ମଧ୍ୟ ୨ ଜଣ ସାଲି ସାମସନ୍ ଓ ଅହମ୍ମଦ ଇମ୍ରାନ୍ ପଦାର୍ପଣ କରିଥିଲେ । ଓଡ଼ିଶା ନିଜ ପରବର୍ତ୍ତୀ ମ୍ୟାଚ୍ ଆନ୍ଧ୍ରପ୍ରଦେଶ ସହିତ ଶୁକ୍ରବାର ଖେଳିବ ।

NTV NISHKARSHA

ନିଷ୍କର୍ଷ NISHKARSHA

ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗୀକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ,
ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
ସର୍ଚ୍ଚ କରନ୍ତୁ

nishkarsha.com

# ଗମ୍ଭୀରଙ୍କୁ ଚୟନ କମିଟିରୁ ହଟାଯାଉ : କ୍ରିକେଟର ବାସିତ୍ ଅଲ୍ଲି






**ନୂଆଦିଲ୍ଲୀ(ଏଜେନ୍ସି) :** କୋଲକାତା ପରେ, ଦକ୍ଷିଣ ଆଫ୍ରିକା ଗୌହାଟୀରେ ମଧ୍ୟ ଟିମ୍ ଇଣ୍ଡିଆକୁ ପରାସ୍ତ କରିଥିଲା । ଗୌହାଟୀରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ, ଦକ୍ଷିଣ ଆଫ୍ରିକା ୪୦୮ ରନର ରେକର୍ଡ ବ୍ୟବଧାନରେ ବିଜୟୀ ହୋଇଥିଲା । ଦକ୍ଷିଣ ଆଫ୍ରିକା ୨୫ ବର୍ଷ ପରେ ଭାରତରେ ଟେଷ୍ଟ ସିରିଜ ଜିତିଥିଲା । ଟେଷ୍ଟ କ୍ରିକେଟ ଇତିହାସରେ ଭାରତର ସବୁଠାରୁ ବଡ଼ ପରାଜୟ ପରେ, ପୂର୍ବତନ ପାକିସ୍ତାନୀ କ୍ରିକେଟର ବାସିତ ଅଲି ଏକ ସାକ୍ଷାତକାରରେ କହିଛନ୍ତି ଯେ ଗୌତମ ଗମ୍ଭୀରଙ୍କ ପୂର୍ବରୁ ଚୟନ କମିଟିକୁ ହଟାଇ ଦିଆଯିବା ଉଚିତ । ସେ ଏହା ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ବିରାଟ କୋହଲିଙ୍କୁ ଫୋନ କରିବା ଉଚିତ । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ପରାଜୟର ସବୁଠାରୁ ବଡ଼ କାରଣ କ'ଣ ବୋଲି ପଚରାଯିବାରୁ, ବାସିତ ଅଲି ଉତ୍ତର ଦେଇଥିଲେ, ' ଖେଳାଳିମାନେ ଧଳା ବଲ୍ କ୍ରିକେଟ ବିଷୟରେ ଅଧିକ ଚିନ୍ତା କରୁଛନ୍ତି । ଟଙ୍କା ଏକ ବଡ଼ ଭୂମିକା ଗ୍ରହଣ କରିଛି । ତୁମେ ଇଂଲଣ୍ଡରେ ସିରିଜକୁ ବରାବର କଲ, ତାହା ତୁମର ସଫଳତା ନଥିଲା, ଏହା ସେମାନଙ୍କର ଦୋଷ ଥିଲା । ସେମାନଙ୍କର ପିଚ୍ ଭଲ ନଥିଲା । ସେମାନେ ଦିନିକିଆ-ଶୈଳୀର ପିଚ୍ ପ୍ରସ୍ତୁତ କରିଥିଲେ । ସେମାନେ ଦ୍ରୁତ କ୍ରିକେଟ ଖେଳୁଥିଲେ, ତୁମର ଅଧା ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରୁଥିଲେ । ସେ କହିଛନ୍ତି ଯେ, ତୁମର ଖେଳିବା ଶୈଳୀ କାହିଁକି ବଦଳିଛି ? ଭାରତ କ'ଣ ପୂର୍ବରୁ ସ୍ପିନରମାନଙ୍କୁ ଖେଳାଇ ପାରିଲା ନାହିଁ ? ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର ଇତ୍ୟାଦି ସ୍ପିନରମାନଙ୍କୁ ପ୍ରଭାବଶାଳୀ ଭାବରେ ଖେଳୁ ନଥିଲେ କି ? ପ୍ରକୃତରେ, ଭାରତର ପ୍ରଶିକ୍ଷକ ଚାହାଁନ୍ତି ଯେ ଅଢ଼େଇ ଦିନରେ ତାଙ୍କ ସପକ୍ଷରେ ଟେଷ୍ଟ ନିଷ୍ପତ୍ତି ହେଉ । ଟେଷ୍ଟରେ, ସେହି ଖେଳାଳିମାନଙ୍କୁ ଚୟନ କରାଯିବା ଉଚିତ ଯେଉଁମାନେ ବ୍ୟାଟିଂ ପସନ୍ଦ କରନ୍ତି ଏବଂ ସଟ୍ ପସନ୍ଦ କରନ୍ତି । ପନ୍ତଙ୍କ ପରି ଦୁଇଟି ଚୌକା ଏବଂ ଗୋଟିଏ ଛକା ମାରି ଆଉଟ୍ ହେଉଥିବା ଖେଳାଳିମାନଙ୍କୁ ଚୟନ କରନ୍ତୁ ନାହିଁ । ଯଦି ଆପଣ ଏହା ନକରନ୍ତି, ତେବେ ଭାରତ ବାଂଲାଦେଶ, ୱେଷ୍ଟଇଣ୍ଡିଜ୍ ଏବଂ ପାକିସ୍ତାନ ପରି ହୋଇଯିବ । ସେମାନେ ଶ୍ରୀଲଙ୍କା ବିପକ୍ଷରେ ଜିତନ୍ତି, କିନ୍ତୁ ଅନ୍ୟ ଶକ୍ତିଶାଳୀ ଦଳ ବିପକ୍ଷରେ ହାରିଯାଆନ୍ତି । ବାସିତ ଅଲି ସାକ୍ଷାତକାରରେ କହିଥିଲେ ଯେ ଯଦି ଗୌତମ ଗମ୍ଭୀରଙ୍କୁ ହଟାଇବା ବିଷୟରେ ଆଲୋଚନା ହେଉଛି, ତେବେ ପ୍ରଥମେ ଚୟନ କମିଟିକୁ ହଟାଇ ଦିଆଯିବା ଉଚିତ । ଯଦି ଚୟନ କମିଟି ଏବଂ ଗୌତମ ଗମ୍ଭୀରଙ୍କୁ ହଟାଇ ଦିଆଯାଏ, ତେବେ ଓଟଖ ଶୈଳୀରେ ଟେଷ୍ଟ କ୍ରିକେଟ ଖେଳୁଥିବା ଖେଳାଳିମାନଙ୍କୁ ମଧ ହଟାଇ ଦିଆଯିବା ଉଚିତ । ନୀତିଶ ରେଡ୍ଡିଙ୍କ ନାମ ୧୫ ଜଣଙ୍କ ମଧ୍ୟରେ ନଥିଲା, କିନ୍ତୁ ତାଙ୍କୁ ସାମିଲ କରାଯାଇଛି, ଏବଂ ଦେବଦତ୍ତ ପାଡିକ୍କଲ୍ ଖେଳୁ ନାହାଁନ୍ତି । କରୁଣ ନାୟାର କାହିଁକି ନାହାନ୍ତି ? ସରଫରାଜ ଖାନ କାହିଁକି ନାହାନ୍ତି, ଯଦିଓ ସେ ଜଣେ ଭଲ ଟେଷ୍ଟ ଖେଳାଳି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଅନେକ ଲୋକଙ୍କ ପାଖରେ ଅଛି । ଟଙ୍କା ଏକ ବଡ଼ ଭୂମିକା ଗ୍ରହଣ କରିଛି । ତୁମେ ଇଂଲଣ୍ଡରେ ସିରିଜକୁ ବରାବର କଲ, ତାହା ତୁମର ସଫଳତା ନଥିଲା, ଏହା ସେମାନଙ୍କର ଦୋଷ ଥିଲା । ସେମାନଙ୍କର ପିଚ୍ ଭଲ ନଥିଲା । ସେମାନେ ଦିନିକିଆ-ଶୈଳୀର ପିଚ୍ ପ୍ରସ୍ତୁତ କରିଥିଲେ ।ପ୍ରକୃତରେ, ଇଂଲଣ୍ଡ ଏହାର ଶୈଳୀ ବଦଳାଇଛି, ଏବଂ ବର୍ତ୍ତମାନ ବିଶ୍ୱ ଏହା ପଛରେ ଅଛି । ଟେଷ୍ଟ କ୍ରିକେଟକୁ ଟେଷ୍ଟ କ୍ରିକେଟ ପରି ଖେଳିବା ଉଚିତ । ଅଲି ଆହୁରି କହିଛନ୍ତି, ଦେଖନ୍ତୁ, କେତେବେଳେ ୱାଶିଂଟନ୍ ସୁନ୍ଦର ତୃତୀୟ ନମ୍ବରରେ ଖେଳୁଛନ୍ତି, କେତେବେଳେ ଆଠ ନମ୍ବରରେ, କେତେବେଳେ ଚାରିରେ ଏବଂ କେତେବେଳେ ସପ୍ତମ ସ୍ଥାନରେ ଖେଳୁଛନ୍ତି । ମୋର ଅନୁରୋଧ ଏହି : ଭାରତ ଏତେ ବଡ଼ ଦେଶ । ପ୍ରଧାନମନ୍ତ୍ରୀ ମୋଦି ମହାଶୟ, ଦୟାକରି ବିରାଟ କୋହଲିଙ୍କୁ ଫୋନ୍ କରନ୍ତୁ ଏବଂ ତାଙ୍କୁ କୁହନ୍ତୁ ଯେ ଆପଣ ଶୀଘ୍ର ଅବସର ନେଇଛନ୍ତି । ଦେଶକୁ ଆପଣଙ୍କର ଆବଶ୍ୟକତା ଅଛି । ଆପଣ ଆପଣଙ୍କର ଅବସର ଫେରାଇ ନେବା ଉଚିତ । ଏହା ହିଁ ଏକମାତ୍ର ସମାଧାନ ।

- ସେମାନଙ୍କର ପିଚ୍ ଭଲ ନଥିଲା
- ତୁମର ଖେଳିବା ଶୈଳୀ କାହିଁକି ବଦଳିଛି ?
- କୋହିଲି ଅବସର ଫେରାଇ ନେବା ଉଚିତ

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ